

ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-5 ◆BHUBANESWAR ◆SUNDAY ◆29 JUNE 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୫ ◆ଭୁବନେଶ୍ୱର ◆ରବିବାର ◆୨୯ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# ଶରଧାବାଲିରେ ତିନି ରଥ

## ଆଜି ଆଡ଼ପ ମଣ୍ଡପ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି

■ **ପୁରୀ, ୨୮।୬ (ସମିସ):** ନବଦିନାତ୍ମକ ଯାତ୍ରାରେ ବାହାରି ବଡ଼ଦାଣ୍ଡରେ ଭାଇ-ଭଉଣୀଙ୍କ ସହ ଅଟକି ରହିଥିଲେ କାଳିଆ ଠାକୁର। ରାତିରେ ରଥାରୂଢ଼ ଠାକୁରଙ୍କୁ ମନଲୋଭା ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଶନିବାର ସକାଳୁ ନିର୍ଘଣ୍ଟ ନୀତିକାନ୍ତି ପରେ ପୁନଶ୍ଚ ଆରମ୍ଭ ହୋଇଥିଲା ରଥଟଣା। ଝିପିଝିପି ବର୍ଷା ସାଙ୍ଗକୁ ଅନୁକୂଳ ପାଗ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଭରିଥିଲା। ଜୟ ଜଗନ୍ନାଥ ଧ୍ୱନିରେ ରଥ ଟାଣିଥିଲେ ହଜାରହଜାର ଶ୍ରଦ୍ଧାଳୁ। ଏବେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ପହଞ୍ଚି ଯାଇଛନ୍ତି ତିନିରଥ। ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରୁଛନ୍ତି ଭକ୍ତ। ଶନିବାର ରାତି ଏବଂ ରବିବାର ଦିନବ୍ୟାପୀ ଭକ୍ତଙ୍କୁ ଦର୍ଶନ ଦେବା ପରେ ଅପରାହ୍ଣରେ ଚତୁର୍ଦ୍ଧାବିଗ୍ରହ ଜନ୍ମବେଦୀ ତଥା ଆଡ଼ପ ମଣ୍ଡପକୁ ବିଜେ କରିବେ।

ଆଷାଢ଼ ଶୁକ୍ଳ ଦ୍ୱିତୀୟା ଥିଲା ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା। ଶୁକ୍ରବାର ନିର୍ଘଣ୍ଟ ସମୟରେ ଚାଲିଥିଲା ନୀତିକାନ୍ତି। ଧାର୍ଯ୍ୟ ସମୟରେ ରଥଟଣା ବି ଆରମ୍ଭ ହୋଇଥିଲା। ହେଲେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥ ବାଟସାରା ବିଭିନ୍ନ ସ୍ଥାନରେ ମୋଡ଼ ନେଇଥିଲା। ତେଣୁ ରଥଟଣା ବନ୍ଦ ବେଳକୁ ତାଳଧ୍ୱଜ ରଥ ବଳଗଣ୍ଡି ଛକ, ଦର୍ପଦଳନ ମରୀଚିକୋଟ ଏବଂ ନନ୍ଦିଘୋଷ ରଥ ସିଂହଦ୍ୱାର ନିକଟରେ ଅଟକି ରହିଥିଲା। ରଥାରୂଢ଼ ଠାକୁରଙ୍କୁ ବିଳମ୍ବିତ ରାତି ଯାଏ ମନଭରି ଦର୍ଶନ କରିଥିଲେ ଭକ୍ତ।

ଶନିବାର ପ୍ରାତଃରେ ରଥ ଉପରେ ମଙ୍ଗଳ ଆଳତି ଓ ଅବକାଶ ନୀତି ସମ୍ପନ୍ନ ହେବା ପରେ ସକାଳ ୯ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ଡାହୁକର ଡାକ ଓ ଘଣ୍ଟୁଆଙ୍କ ଘଣ୍ଟର ତାଳେ ତାଳେ ତାଳଧ୍ୱଜ, ଦର୍ପଦଳନ ଓ ନନ୍ଦିଘୋଷ ରଥ ଆଗକୁ ଆଗକୁ ମାଡ଼ି ଚାଲିଥିଲା। ବଡ଼ କଥା ହେଲା, ଶୁକ୍ରବାର



### ଝିପିଝିପି ବର୍ଷା ସାଙ୍ଗକୁ ଅନୁକୂଳ ପାଗ


### ବଡ଼ଦାଣ୍ଡରେ ରଥଟାଣିଲେ ଲକ୍ଷାଧିକ ଭକ୍ତ

ଭଳି ଶନିବାର ବି ପାଗ ବେଶ୍ ଅନୁକୂଳ ରହିଥିଲା। ଆଦୌ ଖରା ନଥିଲା। ଏପରିକି, ରଥ ଗଡୁଥିବା ବେଳେ ଝିପିଝିପି ବର୍ଷା ହୋଇଥିଲା। ଶ୍ରଦ୍ଧାଳୁମାନେ ଭିଜିଭିଜି ରଥ ଟାଣୁଥିଲେ। ଅବଶ୍ୟ ବାଟରେ କିଛି ଜାଗାରେ ରଥ ମୋଡ଼ ନେଇଥିଲା। ହେଲେ ସେମିତି ବେଶି ଅଝଟ ହୋଇନଥିଲେ ଭାଇ-ଭଉଣୀ। ପ୍ରଥମେ ପୂର୍ବାହ୍ଣ ୧୧ଟା ୧୬ରେ ତାଳଧ୍ୱଜ ରଥ ଲାଗିଥିଲା ଗୁଣ୍ଡିଚା ମନ୍ଦିର ସମ୍ମୁଖରେ। ପରେ ମଧ୍ୟାହ୍ନ ୧୨ଟା ୧୭ରେ ଦର୍ପଦଳନ ଏବଂ ଶେଷରେ ଅପରାହ୍ଣ ୧ଟା ୧୦ରେ ନନ୍ଦିଘୋଷ ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଥିଲା। ସଙ୍ଗେସଙ୍ଗେ ଉଭୟ ରଥ ଚତୁଃପାର୍ଶ୍ୱରେ ବ୍ୟାରିକେଡିଂ କରାଯାଇଥିଲା। ଏହାପରେ ରଥ ଉପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ଚାଲିଥିବା ବେଳେ ଦର୍ଶନ ପାଇଁ ଶରଧାବାଲି ମଧ୍ୟ ଲୋକାରଣ୍ୟ ହୋଇପଡ଼ିଥିଲା। ରବିବାର ଦିନତମାମ ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେବେ ଦାରୁବିଗ୍ରହ। ଅପରାହ୍ଣ ପ୍ରାୟ ୫ଟା ପରେ ଗୋଟିପହଣ୍ଡିରେ ଆଡ଼ପମଣ୍ଡପ ଯାତ୍ରା କରିବେ ବିଶ୍ୱନିୟନ୍ତା। ସୋମବାରଠାରୁ ଶ୍ରଦ୍ଧାଳୁଙ୍କୁ ମିଳିବ ଆଡ଼ପ ଅବଢ଼ା।

## ରଥଯାତ୍ରା ମହାବିଭ୍ରାଟ; ନବୀନଙ୍କ ଉଦ୍‌ବେଗ

# ମହାପ୍ରଭୁ ଦାୟୀଙ୍କୁ କ୍ଷମା କରିଦିଅନ୍ତୁ

■ **ଭୁବନେଶ୍ୱର, ୨୮।୬ (ସମିସ):** ରଥଯାତ୍ରା ପରିଚାଳନାରେ ମହାବିଭ୍ରାଟ ଏବଂ ଭିଡ଼ ନିୟନ୍ତ୍ରଣକୁ ନେଇ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ବିଭିନ୍ନ ମହଲରୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ୁଛି। ରାଜ୍ୟ ସରକାରଙ୍କ ଅପାରଗତା ରାଜ୍ୟ ତଥା ଜାତୀୟସ୍ତରରେ ଚର୍ଚ୍ଚାର କାରଣ ପାଲଟିଥିବା ବେଳେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରଥଟଣାରେ ଅଯଥା ବିଳମ୍ବ ପାଇଁ ପ୍ରଶାସନକୁ ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଚାହୁଁନାହୁଁ ବୋଲି ନବୀନ କହିଥିବା ବେଳେ ଭୟଙ୍କର ବିଭ୍ରାଟ ଓ ବିଶୃଙ୍ଖଳା ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ କ୍ଷମା କରିଦିଅନ୍ତୁ ବୋଲି "ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଚକା ଆଖି ସବୁ ଦେଖୁଛି। ତେଣୁ କଣ ପାଇଁ ଏମିତି ଅଘଟଣ ଘଟିଲା, ଭୟଙ୍କର ବିଭ୍ରାଟ ହେଲା ସେନେଇ ସରକାର ଆତ୍ମଚିନ୍ତନ କରନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି। ନବୀନଙ୍କ ପରାମର୍ଶକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ବେଳେ ସରକାର ଅଯଥା ଯୁକ୍ତି ନକରି ନିଜର ତ୍ରୁଟିକୁ ସ୍ୱୀକାରନ୍ତୁ ବୋଲି ମତ ପ୍ରକାଶ ପାଇଛି। ଆଡ଼ପ ମଣ୍ଡପ ଦର୍ଶନଠାରୁ ଆରମ୍ଭ କରି ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଓ ନିଳାଦ୍ରିବିଜେ ଯେପରି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ସେନେଇ ସରକାର ସଚେତନ ଭାବେ କାମ ▶ପୃଷ୍ଠା-୭



**ଚକା ଆଖି ସବୁ ଦେଖୁଛି**

**ନନ୍ଦିଘୋଷ ରଥଟଣା ପାଇଁ ପ୍ରଶାସନକୁ ଦୋଷାରୋପ କରୁନାହୁଁ**

**ଯେଉଁ ଅଘଟଣ ଘଟିଲା, ସେନେଇ ଚିନ୍ତା ପ୍ରକାଶ ବିନା ରହି ହେଉନାହିଁ**

**ବିଭ୍ରାଟ, ଅଘଟଣ ଲକ୍ଷ ଲକ୍ଷ ଭକ୍ତଙ୍କୁ ନିରାଶ ଓ ହତାଶ କରିଛି**

**ସରକାର ଆତ୍ମଚିନ୍ତନ କରନ୍ତୁ**

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଗଡ଼ିଲା ରଥ

## ମାଉସୀ ମା' ମନ୍ଦିରରେ ତାଳଧ୍ୱଜ, ବାଟରେ ଦର୍ପଦଳନ



■ **ବାରିପଦା, ୨୮।୬ (ସମିସ):** ପରମ୍ପରା ଅନୁଯାୟୀ ପୁରୀ ରଥଯାତ୍ରାର ଦିନକ ପରେ ଆଜି ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଗଡ଼ିଛି ରଥ। ପାଗ ଅନୁକୂଳ ଓ ନୀତିକାନ୍ତି ଠିକ୍ ସମୟରେ ସଂପନ୍ନ ହୋଇଥିବାରୁ ନିର୍ଦ୍ଧାରିତ ସମୟ ଅପରାହ୍ଣ ସାଢ଼େ ୨ଟାରୁ ରଥଟଣା ଆରମ୍ଭ ହୋଇଥିଲା। ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ମାଉସୀ ମା'ଙ୍କ ମନ୍ଦିର ନିକଟରେ ପହଞ୍ଚିଥିବା ବେଳେ ମା' ସୁଭଦ୍ରାଙ୍କ ଦର୍ପଦଳନ ଅଧାବାଟ (ଟାଉନ ଥାନା) ନିକଟରେ ଅଟକିଛି। ରବିବାର ଅଧାବାଟରେ ଥିବା ସୁଭଦ୍ରାଙ୍କ ରଥ ସହ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷଙ୍କ ରଥଟଣା ହୋଇ ମାଉସୀ ମା' ମନ୍ଦିରରେ ପହଞ୍ଚିବ। ରଥ ଟାଣିବା ପାଇଁ ରଥଦାଣ୍ଡ ଜନସମୁଦ୍ର ପାଲଟିଥିଲା। ଜିଲ୍ଲା ଓ ରାଜ୍ୟ ବାହାରୁ ଭକ୍ତଙ୍କ ସୁଅ ▶ପୃଷ୍ଠା-୭

**ଭାଙ୍ଗିଲା ବଳଭଦ୍ରଙ୍କ ରଥଚକ**

**ଆଜି ଟଣାହେବ ନନ୍ଦିଘୋଷ**

### ୧୦୦ ଟଙ୍କା ନେଇ କର୍ଡନ ଭିତରକୁ ଛାଡ଼ିଲେ

ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିବାର ପରମ୍ପରା ରହିଛି। ଏଥର ମା'ଙ୍କ ରଥ ଟାଣିବା ପାଇଁ ପୂର୍ବାପେକ୍ଷା ଅଧିକ ମହିଳା ଭକ୍ତଙ୍କ ସମାଗମ ହୋଇଥିଲା। ଏହାର ସୁଯୋଗ ନେଇ ଦାୟିତ୍ୱରେ ଥିବା ଜଣେ ଅଧିକାରୀ କର୍ଡନ୍ ଭିତରକୁ ଛାଡ଼ିବା ପାଇଁ ମହିଳାଙ୍କଠାରୁ ୧୦୦ ଟଙ୍କା ନେଉଥିବା ଦେଖାଯାଇଥିଲା। ପଛରେ ଥିବା ଜଣେ ମହିଳା ଭକ୍ତ ଏହାକୁ ନେଇ ଆପତ୍ତି କରିବାରୁ ଅଧିକାରୀଜଣଙ୍କ ସେହି ସ୍ଥାନ ଛାଡ଼ି ଫେରାର୍ ହୋଇଯାଇଥିଲେ। ସିସିଟିଭି ଯାଞ୍ଚ କରି ସମ୍ପୃକ୍ତ ଅଧିକାରୀଙ୍କୁ ଗିରଫ କରିବାକୁ ଦାବି ହୋଇଛି।

# ପରାଗ ଜୈନ 'ର' ମୁଖ୍ୟ



■ **ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି):** ଭାରତ ସରକାର ଶନିବାର ୧୯୮୯ ବ୍ୟାଚ୍‌ର ଆଇପିଏସ ଅଧିକାରୀ ପରାଗ ଜୈନଙ୍କୁ ଗୁଇନ୍ଦା ଏଜେନ୍ସି ରିସର୍ଚ୍ଚ ଆଣ୍ଡ ଆନାଲିସିସ ୱିଙ୍ଗ(ର)ର ନୂଆ ମୁଖ୍ୟ ନିଯୁକ୍ତ କରିଛନ୍ତି। ପାକିସ୍ତାନକୁ ଜବାବ ଦେବା ପାଇଁ ଭାରତ କରିଥିବା ଅଭିଯାନ 'ଅପରେସନ ସିନ୍ଦୂର' ଶ୍ରୀ ଜୈନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ୩୦ ତାରିଖରେ ଅବସରଗ୍ରହଣ କରୁଥିବା 'ର' ମୁଖ୍ୟ ରବି ସିହ୍ନାଙ୍କ ସ୍ଥାନ ନେବେ। ଶ୍ରୀ ଜୈନ ଜୁଲାଇ ୧ରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଏହି ପଦରେ ରହିବେ। ଏବେ ସେ 'ର'ର ଆଭିଏସନ ରିସର୍ଚ୍ଚ ସେଣ୍ଟର (ଏଆରସି) ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଆକାଶ ମାର୍ଗର ସର୍ବେକ୍ଷଣ ଏବଂ ତତ୍ ସମ୍ବନ୍ଧିତ ଅଭିଯାନ ପାଇଁ ଏଆରସି କାର୍ଯ୍ୟ କରୁଛି। ଏହି ପଦରେ ରହି ସେ ପାକିସ୍ତାନର ଆତଙ୍କବାଦୀ ଶିବିର ଚିହ୍ନଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ଦୁଇ ଦଶନ୍ଧି ହେଲା 'ର'ରେ କାର୍ଯ୍ୟ କରୁଛନ୍ତି।

'ର'ର ପୂର୍ବତନ ମୁଖ୍ୟ ସାମନ୍ତ ଗୋୟଲଙ୍କ ସହ ଶ୍ରୀ ଜୈନ କାମ କରିଥିଲେ। ସେ ପାକିସ୍ତାନ ଡେସ୍କ ଦାୟିତ୍ୱରେ ଅଛନ୍ତି। ଧାରା ୩୭୦ ଉଚ୍ଛେଦ ଏବଂ ବାଲାକୋଟ ଏୟାର ଷ୍ଟ୍ରାଇକ ଭଳି ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ମଧ୍ୟ କାମ କରିଛନ୍ତି। ▶ପୃଷ୍ଠା-୭

# ଆଜିଠୁ ରାଜ୍ୟ ବିଜେପି ସଭାପତି ନିର୍ବାଚନ ପ୍ରକ୍ରିୟା

■ **ଭୁବନେଶ୍ୱର, ୨୮।୬ (ସମିସ):** ବହୁ ପ୍ରତୀକ୍ଷିତ ବିଜେପିର ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ ହେବ। ୩ ଦିନ ମଧ୍ୟରେ ଅର୍ଥାତ୍ ଜୁଲାଇ ୧ ତାରିଖ ସୁଦ୍ଧା ଦଳର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ଦଳର ସାଂଗଠନିକ ନିର୍ବାଚନ ନେଇ ରାଜ୍ୟ ବିଜେପି ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶନିବାର ଏନେଇ ସୂଚନା ଦେଇଛନ୍ତି। ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ସୂଚନା ପରେ ରାଜ୍ୟ ବିଜେପିର ଆଭ୍ୟନ୍ତରୀଣ ରାଜନୀତି ଜୋର୍ ଧରିଛି। ବର୍ତ୍ତମାନ ସଭାପତି ଦାୟିତ୍ୱ ତୁଲାଉଥିବା ମନମୋହନ ସାମଲ ରିପିଟ୍ ହେବେ ନାଁ ସଂଗଠନକୁ କିଏ ନୂଆ ମୁହଁ ମିଳିବ ତାହା ଦଳୀୟ କର୍ମୀଙ୍କ ମଧ୍ୟରେ ଆଲୋଚରା କାରଣ ପାଲଟିଛି।

ସୂଚନାଯୋଗ୍ୟ ଯେ ବର୍ତ୍ତମାନ ରାଜ୍ୟ ସଭାପତି ଭାବେ ଦାୟିତ୍ୱ ତୁଲାଉଥିବା ମନମୋହନ ସାମଲଙ୍କ କାର୍ଯ୍ୟକାଳ ଗତବର୍ଷରୁ ସମାପ୍ତ ହୋଇ ସାରିଛି। ନୂତନ ରାଜ୍ୟ ସଭାପତି ନିର୍ବାଚନ ପାଇଁ ତୃଣମୂଳ ସ୍ତରରେ ପ୍ରଥମେ ମଣ୍ଡଳ ସଭାପତି ଏବଂ ପରେ ଜିଲ୍ଲା ସଭାପତି ନିର୍ବାଚନ ସମ୍ପନ୍ନ ହୋଇଥିଲା। ତେବେ ଏକାଧିକ କାରଣ ଯୋଗୁଁ ରାଜ୍ୟ ସବାପତି ନିର୍ବାଚନ ପ୍ରକ୍ରିୟା ବିଳମ୍ବିତ ହୋଇ ଚାଲିଥିଲା। ଏହାକୁ ନେଇ ଦଳୀୟ ସଂଗଠନ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ବେଳେ ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ସୂଚନା ଦଳ ଭିତରେ ନୂଆ ଉନ୍ମାଦନା ଆଣିଛି। ସୂଚନା ଅନୁଯାୟୀ ସଭାପତି ପଦ ରେସରେ ଦୁଇଟି ଗୋଷ୍ଠୀ ମଧ୍ୟରେ ଟଣାଓଟରା ▶ପୃଷ୍ଠା-୭

### ୩ ଦିନରେ ସରିବ ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ

**ବୈଶିଙ୍ଗାରେ ଲଜ୍ଜା**



# ଘରେ ପଶି ଛାତ୍ରୀଙ୍କୁ ଦୁଷ୍କର୍ମ

■ **ବୈଶିଙ୍ଗା, ୨୮।୬ (ସମିସ):** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ପଞ୍ଚାୟତ ଅଞ୍ଚଳରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ବୈଶିଙ୍ଗା ପୁଲିସ୍ ଅଭିଯୁକ୍ତ ଟାରଜନ୍ ମାଝୀକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାସହ ପୁଲିସ୍ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଇବା ସହ ବୟାନ ରେକର୍ଡ କରିଛି।

ସୂଚନାନୁଯାୟୀ, ଷଷ୍ଠ ଶ୍ରେଣୀରେ ପଢୁଥିବା ଏହି ଛାତ୍ରୀଜଣଙ୍କ ମା'ଙ୍କ ସହ ବୈଶିଙ୍ଗା ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଗତକାଲି ତାଙ୍କ ମା' କୌଣସି କାମରେ ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦାହିବାଡ଼ି ଗ୍ରାମର ଟାରଜନ ତାଙ୍କ ଘରକୁ ଆସିଥିଲା। ମୋବାଇଲ୍ ଚାର୍ଜ ବସାଇବାକୁ ସେ ନାବାଳିକାକୁ ଅନୁରୋଧ କରିଥିଲା। କିନ୍ତୁ ନାବାଳିକାଜଣଙ୍କ ମନା କରିବାରୁ ସେ ତାଙ୍କ ଘରେ ଜୋରଜବରଦସ୍ତ ପଶିଯିବା ସହ ତାଙ୍କୁ ▶ପୃଷ୍ଠା-୭

# ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ; ୧୬ ସୈନିକ ମୃତ

■ **ଇସଲାମାବାଦ, ୨୮।୬ (ଏଜେନ୍ସି):** ଆତଙ୍କବାଦୀ ଆକ୍ରମଣ କରି ପଡ଼ୋଶୀ ଦେଶରେ ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନ ନିଜେ ଏହାର ଶିକାର ହୋଇଛି। ଭାରତରେ ପୁଲୱାମା ଆକ୍ରମଣ ପାଇଁ ଦାୟୀ ପାକିସ୍ତାନରେ ଏଭଳି ଆକ୍ରମଣ ହୋଇଛି।

ଖୈବର ପଖତୁନଖ୍ୱା ପ୍ରଦେଶର ଉତ୍ତର ବଜିରସ୍ଥାନ ଜିଲ୍ଲାରେ ଶନିବାର ବିସ୍ଫୋରକ ଭର୍ତ୍ତି ଏକ ଗାଡ଼ି ନେଇ ଜଣେ ଆତଙ୍କବାଦୀ ପାକିସ୍ତାନୀ ସେନାର କନଭୟକୁ ଧକ୍କା ଦେଇଛି। ପରେ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଛି। ଏହି ବିସ୍ଫୋରଣରେ ୧୬ ଯବାନ ପ୍ରାଣ ହରାଇଛନ୍ତି। ୨୪ରୁ ଅଧିକ ମଧ୍ୟ ଆହତ ହୋଇଛନ୍ତି। ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି କୁହାଯାଉଛି। ଏହି ଆକ୍ରମଣ ପାଇଁ ଆତଙ୍କବାଦୀ ସଂଗଠନ ପାକିସ୍ତାନୀ ତାଲିବାନ (ଟିଟିପି) ନିଜକୁ ଦାୟୀ କରିଛି। ଏହି ଅଞ୍ଚଳକୁ ଟିଟିପିର ଗଡ଼ ଧରାଯାଉଛି। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ନିକଟସ୍ଥ ଦୁଇଟ ଘରର ଛାତ ଭୁଶୁଡି ଯାଇଛି। ଏଥିରେ ୬ରୁ ଅଧିକ ଶିଶୁ ଆହତ ହୋଇଛନ୍ତି। ପାକିସ୍ତାନ ତାଲିବାନର ଏକ ଗୋଷ୍ଠୀ ହାଫିଜ ଗୁଲ ବାହାଦୂର ଆର୍ମ୍ଡ ଗ୍ରୁପର ଆତ୍ମଘାତୀ

### ନିଜକୁ ଦାୟୀ କଲା ଟିଟିପି



ଏହି କାଣ୍ଡ ଘଟାଇଛନ୍ତି। ୨୦୨୧ରେ ଆଫଗାନିସ୍ତାନରେ ତାଲିବାନ କ୍ଷମତାସୀନ ହେବା ପରଠାରୁ ପାକିସ୍ତାନର ଏହି ଅଞ୍ଚଳରେ ହିଂସା ଲାଗି ରହିଛି। ଅନବରତ ଭାବେ ସେନା ଉପରେ ଆକ୍ରମଣ ହେଉଛି। ତାଲିବାନ ସରକାର ଏଥିପାଇଁ ସହାୟତା କରୁଛନ୍ତି ବୋଲି ପାକିସ୍ତାନ ପକ୍ଷରୁ ଅଭିଯୋଗ କରାଯାଉଛି। ତେବେ ତାଲିବାନ ଏହି ଅଭିଯୋଗକୁ ଖାରଜ କରିଆସିଛି।

## ଶୁଭାଂଶୁଙ୍କ ସହ କଥାହେଲେ ମୋଦୀ

# ମହାକାଶରୁ ଭବ୍ୟ ଦିଶୁଛି ଭାରତ

■ **ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି):** ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ପହଞ୍ଚି ଥିବା ଶୁଭାଂଶୁ ଶୁକ୍ଲାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ପକ୍ଷରୁ ଶନିବାର ସନ୍ଧ୍ୟା ୫ଟା ୪୯ରେ ଏହି କଥାବାର୍ତ୍ତାର ଭିଡିଓ ଜାରି କରାଯାଇଛି। ଉଭୟେ ୧୮ ମିନଟ୍ ୨୫ ସେକେଣ୍ଡ ପର୍ଯ୍ୟନ୍ତ ଚର୍ଚ୍ଚା କରିଛନ୍ତି। ଶୁଭାଂଶୁ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି ଯେ ଦିନକୁ ୧୬ ଥର ପୃଥିବୀ ପରିକ୍ରମା କରୁଛୁ। ଘଣ୍ଟା ପ୍ରତି ୨୮ ହଜାର କିମିରେ ଗତି କରୁଛୁ। ୧୬ ଥର ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ଦେଖୁଛୁ। ମହାକାଶରୁ ଭାରତ ଭବ୍ୟ ଦେଖାଯାଉଛି। ଆମ ଦେଶ କେଉଁ ବେଗରେ ଆଗକୁ ବଢୁଛି ତାହା ଏହି ଗତି ଦର୍ଶାଉଛି। ମୋଦୀ ପଚାରି ଥିଲେ ଯେ ଗାଜର ହାଲୱା ନେଇ ମହାକାଶକୁ ଯାଇଥିଲେ। ଏହା ସହଯୋଗୀଙ୍କୁ ଦେଇଛନ୍ତି କି ନାହିଁ? ଏହା ଉତ୍ତରରେ ମହାକାଶଚାରୀ କହିଥିଲେ ଯେ ଗାଜର ହାଲୱା, ମୁଗ ଡାଲି ହାଲୱା ଏବଂ




### ଦିନକୁ ୧୬ ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ ଦେଖୁଛି

ଆମ୍ବ ରସ ଆଣିଛି। ଆମେ ସମସ୍ତେ ଏକାଠି ବସିକି ଖାଇଛୁ। ସମସ୍ତଙ୍କୁ ଏହା ଭଲ ଲାଗିଛି।

ଫୋନ ବାର୍ତ୍ତାଳାପ ଆରମ୍ଭ ହେବା ପରେ ମୋଦୀ ଭାରତୀୟଙ୍କ ପକ୍ଷରୁ ଶୁଭାଂଶୁଙ୍କୁ ଶୁଭକାମନା ଜଣାଇ ଥିଲା। ଏଥିପାଇଁ ଧନ୍ୟବାଦ ଦେଇ ଭଲରେ ଏବଂ ସୁରକ୍ଷିତ ଥିବା ମହାକାଶଚାରୀ କହିଥିଲେ। ଏହା କେବଳ ମୋର ନୁହେଁ, ସାରା ଦେଶର ଯାତ୍ରା। ଆପଣଙ୍କ ନେତୃତ୍ୱରେ ଭାରତ ଆଗେଇ ଚାଲିଛି। ସ୍ୱପ୍ନ ପୂରଣ କରିବା ପାଇଁ ସୁଯୋଗ ପାଉଛି। ପୃଥିବୀ କେମିତି ଲାଗୁଛି ଉତ୍ତରରେ ଶୁଭାଂଶୁ କହିଥିଲେ ଯେ ପ୍ରଥମେ ଧରିତ୍ରୀ ସମାନ ଭଳି ଲାଗିଥିଲା। ପୃଥିବୀରେ ବିଭିନ୍ନତାରେ ଏକତା ଦେଖାଯାଉଛି। ମାନଚିତ୍ରଠାରୁ ଭାରତ ଅଧିକ ଭବ୍ୟ ଏବଂ ସୁନ୍ଦର ଦିଶୁଛି। କଥା ହେବା ସମୟରେ ମୁଁ ଗୋଡ ବାନ୍ଧିକି ରଖିଛି। କାରଣ ମାଧ୍ୟକର୍ଷଣ ଶକ୍ତି ନ ଥିବାରୁ ଗୋଡ଼ ନ ବାନ୍ଧିଲେ ଉଡ଼ିଯିବି। ଏଠାରେ ଶୋଇବା ବହୁତ ବଡ଼ ଆହ୍ୱାନ। ଯୋଗର ପ୍ରଭାବ ବିଷୟରେ ପଚାରିବାରୁ ଏହାର ବହୁତ ଭଲ ପ୍ରଭାବ ପଡୁଛି ବୋଲି ଶୁଭାଂଶୁ କହିଛନ୍ତି। ଏହି ଯାତ୍ରା ଅଦ୍ଭୁତ ଥିଲା। ସେ ଶିଶୁଙ୍କ ନିଜ ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ ବାର୍ତ୍ତା ଦେଇଛନ୍ତି। 'ସ୍କାଇ ଇଜ ନେଭର ଦ ଲିମିଟ' (ଆକାଶର କୌଣସି ସୀମା ନାହିଁ) ବୋଲି କହିଛନ୍ତି। ଶୁଭାଂଶୁଙ୍କ ମହାକାଶ ଯାତ୍ରା ପାଇଁ ଭାରତ ଅକ୍ସିଅମ-୪ ଅଭିଯାନରେ ୫୦୦ରୁ ୫୫୦ କୋଟି ଟଙ୍କା ନିବେଶ କରିଛି। ଏଥିରେ ତାଙ୍କ ସିଟ୍ ଏବଂ ପ୍ରଶିକ୍ଷଣ ଖର୍ଚ୍ଚ ମଧ୍ୟ ସାମିଲ ରହିଛି।









# ଶ୍ରୀଗୁଣ୍ଡିଚା ମନ୍ଦିରରୁ ହୋଇଥିଲା ପ୍ରଥମ ରଥଯାତ୍ରା



ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ ଶରଧାବାଲିରେ। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ତିନିରଥ। ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରୁଛନ୍ତି ଭକ୍ତ। ରବିବାର ଅପରାହ୍ଣରେ ପହଣ୍ଡି ହୋଇ ଆଡ଼ପମଣ୍ଡପ ଯିବେ ଦାରୁବିଗ୍ରହ। ତେବେ ରଥଯାତ୍ରା କଥା ଉଠିଲେ ସମସ୍ତଙ୍କ ମନରେ ଆସେ ଶ୍ରୀମନ୍ଦିରରୁ ଦାରୁବିଗ୍ରହ ଶ୍ରୀଗୁଣ୍ଡିଚା ମନ୍ଦିରକୁ କାହିଁକି ଯାତ୍ରା କରିଥା'ନ୍ତି। ହେଲେ ଅନେକ ବୋଧହୁଏ ଜାଣି ନ ଥିବେ ପ୍ରଥମ ରଥଯାତ୍ରା ଶ୍ରୀଗୁଣ୍ଡିଚା ମନ୍ଦିରରୁ ହିଁ ଆରମ୍ଭ ହୋଇଥିଲା। ଅର୍ଥାତ୍ ଦାରୁବିଗ୍ରହମାନେ ଗୁଣ୍ଡିଚା ମନ୍ଦିରରୁ ରଥରେ ବସି ଶ୍ରୀମନ୍ଦିରକୁ ଯାତ୍ରା କରିଥିଲେ।

ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିର ହେଉଛି ଚତୁର୍ଦ୍ଧାବିଗ୍ରହଙ୍କ ଜନ୍ମସ୍ଥାନ। ଏଠାରେ ଦାରୁବିଗ୍ରହ ପ୍ରଥମେ ଆବିର୍ଭୂତ ହୋଇଥିଲେ। ଏଠାରୁ ରଥରେ ବସି ଶ୍ରୀମନ୍ଦିରକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ରଥରୁ ଜଣେ ଜଣେ ଦିଅଁ ଯାଇ ଶ୍ରୀମନ୍ଦିରରେ ପ୍ରତିଷ୍ଠିତ ହୋଇଥିଲେ ବୋଲି ସ୍କନ୍ଦ ପୁରାଣରେ ଏପରି ବର୍ଣ୍ଣନା ରହିଛି। ମହାପ୍ରଭୁଙ୍କ ରଥଯାତ୍ରାକୁ ନବଦିନାତ୍ମକ ଯାତ୍ରା ମଧ୍ୟ କୁହାଯାଏ। ଏହି ୯ ଦିନ ମଧ୍ୟରୁ ଯିବା ଏବଂ ଆସିବା ଦୁଇଦିନକୁ ଛାଡ଼ିଦେଲେ ଠାକୁରମାନେ ଏକ ସପ୍ତାହ ଧରି ଆଡ଼ପ ମଣ୍ଡପରେ ଅବସ୍ଥାନ କରିଥା'ନ୍ତି। କିନ୍ତୁ ଚଳିତବର୍ଷ ଅଧିକ ଗୋଟିଏ ଦିନ ରଥ ଉପରେ ରହିବେ ଠାକୁର। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ଅପେକ୍ଷା ଆଡ଼ପମଣ୍ଡପରେ ଦର୍ଶନ କଲେ ଅଧିକ ପୁଣ୍ୟ ମିଳିଥାଏ। ଅର୍ଥାତ୍ ଶ୍ରୀମନ୍ଦିରରେ ୧୦ବର୍ଷ ମହାପ୍ରଭୁଙ୍କୁ ଦର୍ଶନ କଲେ ଯେତିକି ପୁଣ୍ୟ ମିଳିଥାଏ ଆଡ଼ପମଣ୍ଡପରେ ଗୋଟିଏ ଦିନ ଦର୍ଶନ କଲେ ସେତି କି ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହି ଆଡ଼ପମଣ୍ଡପ ନିକଟରେ ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ତୀର୍ଥ ଇନ୍ଦ୍ରଦ୍ୟୁମ୍ନ ସରୋବର ରହିଛି।

ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ଶ୍ରୀନୀଳକଣ୍ଠେଶ୍ୱର ରହିଛନ୍ତି। ଏହି ନବଦିନାତ୍ମକ ଯାତ୍ରା କାଳରେ ଅନେକ ଭକ୍ତ ପ୍ରତିଦିନ ଇନ୍ଦ୍ରଦ୍ୟୁମ୍ନ ସରୋବରରେ ସ୍ନାନ କରି ଶ୍ରୀନୀଳକଣ୍ଠଙ୍କୁ ଦର୍ଶନ କରିଥା'ନ୍ତି। ଏହାପରେ ମହାପ୍ରଭୁଙ୍କୁ ଦର୍ଶନ କରି ବ୍ରତ ପାଳିଥା'ନ୍ତି। ସେହିପରି ଗୁଣ୍ଡିଚା ମନ୍ଦିରକୁ ଲାଗି ଶ୍ରୀନୃସିଂହ ଦେବଙ୍କ ମନ୍ଦିର ରହିଛି। ଏହି ସମୟରେ ଶ୍ରୀନୃସିଂହ ଦେବଙ୍କୁ ଦର୍ଶନ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କଲେ ଅନନ୍ତ ପୁଣ୍ୟଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଠାକୁରମାନେ ଏଠାରେ ଅବସ୍ଥାନ କରୁଥିବା ସମୟରେ ଅନେକ ବ୍ୟକ୍ତି ବ୍ରାହ୍ମଣଙ୍କୁ ମହାପ୍ରସାଦ ଭୋଜନରେ ମଧ୍ୟ ଆପ୍ୟାୟିତ କରିଥା'ନ୍ତି। ହେରାପଞ୍ଚମୀରେ ମହାଲକ୍ଷ୍ମୀ ଠାକୁରାଣୀ ସ୍ୱୟଂ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରନ୍ତି। ସେଠାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ନନ୍ଦିଘୋଷ ରଥରୁ ଖଣ୍ଡିଏ କାଠ ଭାଙ୍ଗି ହେରାଗୋହିରୀ ବାଟ ଦେଇ ପୁଣି ଶ୍ରୀମନ୍ଦିରକୁ ଫେରି ଯାଇଥା'ନ୍ତି। ଆଷାଢ଼ ଶୁକ୍ଳ ନବମୀ ଦିନ ଶ୍ରୀଗୁଣ୍ଡିଚା ମନ୍ଦିରରେ ଦୁର୍ଲଭ ସନ୍ଧ୍ୟା ଦର୍ଶନ ମଧ୍ୟ ଅନୁଷ୍ଠିତ ହୋଇଥାଏ।



## ଅନୁଭୂତିରେ ଜଗନ୍ନାଥ...

### ଡୋରି ଲଗାଇ ଆଫ୍ରିକାରୁ ଟାଣି ଆଣିଲା ଜଗା




ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କରୁଣା ବିଷୟରେ ବହୁ ଶୁଣିଥିଲେ ମଧ୍ୟ ଠାକୁରଙ୍କ ଡୋରି ଲାଗୁନଥିବାରୁ ମୁଁ ଆସି ପାରୁନଥିଲି। ପ୍ରଥମଥର ପାଇଁ ମୁଁ ଆଫ୍ରିକାରୁ ଧାଇଁ ଆସିଛି। ପୁରୀ ଆସିବାର ସୌଭାଗ୍ୟ ମିଳି ଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ଗତକାଲି ଜଗନ୍ନାଥଙ୍କୁ କେବଳ ଦର୍ଶନ କରିଥିଲି। ହେଲେ ଆଜି ରଥ ଟାଣିବାର ସୌଭାଗ୍ୟ ପାଇଲି। ସେଥିପାଇଁ ନିଜକୁ ଧନ୍ୟ ମନେ କରୁଛି। ଦର୍ଶନ କରିବା ସହ ରଥ ବି ଟାଣିଲି। ଏଠାରେ ମୋତେ ଅପୂର୍ବ ଆନ୍ଦ ଲାଗୁଛି।

-ସୁଲାସି ମହାରାଣୀ, ଭକ୍ତ

### ଅପୂର୍ବ ଦୃଶ୍ୟ, କେବେ ଦେଖିନଥିଲି



ମୁଁ ୨୦ ଦିନ ହେଲା ପୁରୀରେ ରହିଛି। ଗତକାଲି ପ୍ରଥମଥର ରଥଯାତ୍ରା ଦେଖିବାର ସୁଯୋଗ ପାଇଥିଲି। ଲକ୍ଷଲକ୍ଷ ଭକ୍ତଙ୍କ ସାମାଗମ ଏକ ଅଭୂତପୂର୍ବ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପୂର୍ବରୁ ଏଭଳି ଦୃଶ୍ୟ କେବେ ବି ଦେଖିନଥିଲି। ଆଜି ମଧ୍ୟ ରଥଯାତ୍ରା ଦେଖିବି। ସାଧାରଣତଃ ଭକ୍ତମାନେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ମନ୍ଦିର ଯାଇଥା'ନ୍ତି। ହେଲେ ରଥଯାତ୍ରାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଭକ୍ତଙ୍କୁ ଦର୍ଶନ ଦେବା ଆସନ୍ତି।

-ଗୌରାଙ୍ଗୀ ଗନ୍ଧର୍ବିକା ଦେବୀ ଦାୟିସୀ, ଭକ୍ତ

### ରଥରେ ଠାକୁର ଦର୍ଶନ ଭାଗ୍ୟରେ ଥିଲେ ମିଳେ



ମୁଁ ବୃନ୍ଦାବନ ଆଶ୍ରମରେ ରହୁଛି। ମୋର ଗୁରୁମାନେ ମଧ୍ୟ ଗଜନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଛନ୍ତି। ଜଗନ୍ନାଥଙ୍କ ନିଟକରେ ମୋର ବହିଗୁଡ଼ିକ ଅର୍ପଣ କରିବି। ପୂର୍ବରୁ କେବେ ମୁଁ ଏତେ ନିଟକରୁ ରଥଯାତ୍ରା ଦେଖି ନଥିଲି। ଠାକୁରଙ୍କୁ ରଥରେ ଦେଖିବା ପରେ ବହୁତ ଖୁସି ଲାଗୁଛି। ସତରେ ମୁଁ ଭାଗ୍ୟବାନ। ଗୁଣ୍ଡିଚା ମନ୍ଦିର ମଧ୍ୟ ଦର୍ଶନ କରିଛି।

-ସୂର୍ଯ୍ୟେଶ୍ୱରୀ ଦାୟିସୀ, ଭକ୍ତ

### କାଳିଆ ମୋ ଆଖି ଲୁହ ନିଶ୍ଚିତ ବୁଝିପାରିବ



ଗତକାଲି ରଥଯାତ୍ରାରେ ବଡ଼ଦାଣ୍ଡରେ ରଥ ଅଟକି ଯାଇଥିଲା। ଅନେକ ଭକ୍ତ ରଥ ଟାଣି ନ ପାରିବାରୁ ତାଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ରାଜ୍ୟ ବାହାରୁ ପ୍ରତିବର୍ଷ ରଥଯାତ୍ରାରେ ଧାଇଁ ଆସୁଥିବା ଜଣେ ମହିଳା ଭକ୍ତ କାନ୍ଦି କାନ୍ଦି କହିଛନ୍ତି ଯେ ମୁଁ ପିଲାଦିନରୁ ଟିଭିରେ ରଥଯାତ୍ରା ଦେଖିବା ସହ ପିତାମାତାଙ୍କଠାରୁ ରଥଯାତ୍ରା ବିଷୟରେ ଶୁଣିଥିଲି। ଏହାପରେ ବିଗତ କିଛି ବର୍ଷ ହେବ ମୁଁ ରଥଯାତ୍ରାରେ ରଥ ଟାଣିବାର ସୌଭାଗ୍ୟ ଅର୍ଜନ କରିଛି। ବଡ଼ଦାଣ୍ଡରେ ରଥ ଉପରେ ମହାପ୍ରଭୁଙ୍କ ଦିବ୍ୟଦର୍ଶନ ମନକୁ ଶାନ୍ତି ଦେଇଥାଏ। କିନ୍ତୁ ଏଥର ଠାକୁରଙ୍କୁ ରଥରେ ଦର୍ଶନ କରିଥିଲେ ବି ରଥ ଟାଣିପାରିନାହିଁ। ଜଗନ୍ନାଥ ମୋ ଆଖିର ଲୁହକୁ ନିଶ୍ଚିତ ବୁଝିପାରିବେ। ମୁଁ ନିଶ୍ଚିତ ଭାବେ ରଥ ଟାଣିବି। ସାରା ବିଶ୍ୱ ଦେଖୁଛି ଜଗନ୍ନାଥ ରଥ ଅଟକାଇ ଛିଡ଼ା ହୋଇଛନ୍ତି, ଜଗନ୍ନାଥ ବି ପ୍ରତିଟି ଭକ୍ତଙ୍କ ଆଖିର ଲୁହକୁ ଦେଖିପାରୁଛନ୍ତି। ମୋର ବିଶ୍ୱାସ, ଜଗନ୍ନାଥ ମୋତେ ଏଥର ରଥ ଟାଣିବାର ସୁଯୋଗ ଦେବେ।

# ସପରିବାର ମହାପ୍ରଭୁଙ୍କୁ ଦର୍ଶନ କଲେ ଗୌତମ ଆଦାନୀ

ସପରିବାର ରଥାରୂଢ଼ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ବିଶିଷ୍ଟ ଶିଳ୍ପପତି ତଥା ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ। ଶନିବାର କଡ଼ା ସୁରକ୍ଷାବଳୟ ମଧ୍ୟରେ ଧର୍ମପତ୍ନୀ ଓ ପୁଅଙ୍କ ସହ ଆଦାନୀ ପୁରୀରେ ପହଞ୍ଚିଥିଲେ। ଗୁଣ୍ଡିଚା ମନ୍ଦିର ନିକଟରେ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିଲା। ପରେ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ନିକଟକୁ ଯାଇ ପ୍ରତ୍ୟେକ ଠାକୁରଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ସେଠାରୁ ଆଦାନୀ ଗୁଣ୍ଡିଚା ମନ୍ଦିର ପଛ ପାର୍ଶ୍ୱରେ ଥିବା ସୁଷମା ଗାର୍ଡେନରେ ପହଞ୍ଚିଥିଲେ। ସେଠାରେ ଆଦାନୀ ପକ୍ଷରୁ ଆୟୋଜିତ ହୋଇଥିବା ନିଃଶୁଳ୍କ ପ୍ରସାଦ ସେବା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୁଷୁମା ଗାର୍ଡେନ ପ୍ରାଙ୍ଗଣରେ ଥିବା ମହାପ୍ରଭୁଙ୍କୁ ପ୍ରଥମେ ଗୌତମ ଆଦାନୀ ଓ ତାଙ୍କ ପରିବାର ସଦସ୍ୟ ଦର୍ଶନ ପରେ ରୋଷଶାଳାକୁ ଯାଇ ନିଜେ ଖାଦ୍ୟ ରାନ୍ଧିଥିଲେ। ନିଜେ ରନ୍ଧା ଯାଇଥିବା ପ୍ରସାଦକୁ ଭକ୍ତ, ଶ୍ରଦ୍ଧାଳୁଙ୍କୁ ବାଣ୍ଟିଥିଲେ।



ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆଦାନୀ କହିଥିଲେ, ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରି ବେଶ୍ ଖୁସି ଅନୁଭବ କରୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ରଥଯାତ୍ରାରେ ଲୋକଙ୍କ ନିକଟକୁ ଆସିଛନ୍ତି। ଏହା ପ୍ରମାଣିତ କରୁଛି ଅହଂକାର ଆଗରେ ନମ୍ରତାର ବେଶ୍ ଗୁରୁତ୍ୱ ରହିଛି। ମହାପ୍ରଭୁଙ୍କ ଚରଣକୁ ଆସିବାର ମୋର ସୌଭାଗ୍ୟ ମିଳିଲା। ଏହି ମୁହୂର୍ତ୍ତ ମୋ ସାରା ଜୀବନ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିବ। ମୋ ପାଖରେ ଦିନ ଥିଲା କିଛି ନ ଥିଲା, ହେଲେ ଲୋକଙ୍କ କୃପା ଓ ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ଏବେ ମୋ ପାଖରେ ସବୁ କିଛି ଅଛି। ଦେଶର ଉନ୍ନତି ଓ ଓଡ଼ିଶାର ସମୃଦ୍ଧି ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛି। ମହାକୁମ୍ଭରେ ପ୍ରଥମେ ଲୋକଙ୍କ

### ରଥାରୂଢ଼ ଠାକୁରଙ୍କୁ ଦେଖିଲେ, ଭକ୍ତଙ୍କୁ ପ୍ରସାଦ ବାଣ୍ଟିଲେ

ସେବା ପାଇଁ ପ୍ରୟାସ ଆରମ୍ଭ କରିଥିଲି। ଆଗାମୀ ଦିନରେ କିଭଳି ଏହି ସେବା ଜାରି ରହିବ ସେ ନେଇ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସଂକଳ୍ପ ନେଇଛି। ରଥଯାତ୍ରାକୁ ସଫଳ କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର, ସଫେଇ କର୍ମଚାରୀଙ୍କ ସହ ଅନେକ ଅନୁଷ୍ଠାନ ଲାଗିଛନ୍ତି। ମୁଁ ତାଙ୍କୁ ଅଭିବାଦନ ଜଣାଉଛି ବୋଲି କହିଥିଲେ ଶିଳ୍ପପତି ଆଦାନୀ। ଏହାପରେ ସେ ବେଳାଭୂମିକୁ ଯାଇ ଲାଇଫ୍‌ଗାର୍ଡଙ୍କ ସହ କଥା ହୋଇଥିଲେ। ସେମାନଙ୍କ ଜୀବନଶୈଳୀ ଏବଂ ପର୍ଯ୍ୟଟକଙ୍କୁ କିପରି ସେବା ଯୋଗାଉଛନ୍ତି ସେ ବିଷୟରେ ପଚାରି ବୁଝିଥିଲେ।

ସୂଚନାଥାଉ କି, ଆଦାନୀ ପକ୍ଷରୁ ପୁରୀରେ ସମୁଦାୟ ୨୧ଟି ଷ୍ଟଲ୍ ହୋଇଥିବା ବେଳେ ସକାଳ, ଦ୍ୱିପ୍ରହର ଓ ସନ୍ଧ୍ୟାରେ ଭକ୍ତଙ୍କୁ ଖାଦ୍ୟ ବିତରଣ କରାଯାଉଛି। ରଥଯାତ୍ରା ପୂର୍ବଦିନଠାରୁ ଆସନ୍ତା ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଆଦାନୀ ପକ୍ଷରୁ ମାଗଣା ବା ନିଃଶୁଳ୍କ ଖାଦ୍ୟ, ଜୁସ୍ ବଣ୍ଟନ କରାଯାଉଥିବା ସହ ସମୁଦାୟ ୪୦ଲକ୍ଷ ଲୋକଙ୍କୁ ଏହି ପ୍ରସାଦ ସେବା ପ୍ରଦାନ କରାଯିବ। ଆଦାନୀ ପକ୍ଷରୁ ଅନୁଷ୍ଠିତ ପ୍ରସାଦ ସେବା କାର୍ଯ୍ୟକ୍ରମରେ ୫ହଜାରରୁ ଅଧିକ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି। ପ୍ରସାଦ ସେବାରେ ରଥଯାତ୍ରାରେ ସାମିଲ୍ ରହିଥିବା ସରକାରୀ ଅଧିକାରୀ ଓ ପୁଲିସ ଅଧିକାରୀଙ୍କୁ ମଧ୍ୟ ନିଃଶୁଳ୍କରେ ଖାଦ୍ୟ ବଣ୍ଟନ କରାଯାଉଛି। ଅନ୍ୟପଟେ ଦେଶୀ ପଦ୍ଧତିରେ ଚୁଲାରେ ରୁଟି, ଡାଲମା, ଭାତ, ରାଜମା, ଛୋଲେ, ପୁରୀ, ମିଠା ଇତ୍ୟାଦି ପ୍ରସ୍ତୁତ କରାଯାଉଥିବା କହିଛନ୍ତି ଇସ୍କନର ମୁଖପାତ୍ର ବଲ୍ଲୀ ମୁରାରୀ ଦାସ।

# କୋଟିଆରେ ରଥ ଟାଣିଲେ ୫ ମନ୍ତ୍ରୀ



ପଟ୍ଟାଙ୍ଗି, ୨୮।୬(ସମିସ): ପୁରୀ ରଥଯାତ୍ରାର ଦିନକ ପରେ ଆଦିମ ଶ୍ରୀକ୍ଷେତ୍ର ଭାବେ ପରିଚିତ କୋଟିଆରେ ଆଜି ରଥ ଗଡ଼ିଛି। ଉପମୁଖ୍ୟମନ୍ତ୍ରୀ କେ.ଭି ସିଂଦେଓଙ୍କ ସମେତ ମନ୍ତ୍ରୀ ସୁରେଶ ପୂଜାରୀ, ବିଭୂତି ଭୂଷଣ ଜେନା, ନିତ୍ୟାନନ୍ଦ ଗଣ୍ଡ ଓ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଏହି ରଥଯାତ୍ରାରେ ସାମିଲ ହୋଇ ରଥ ଟାଣିଛନ୍ତି। ମନ୍ତ୍ରୀମାନେ ଜୟପୁର ବିମାନବନ୍ଦରରେ ଅବତରଣ କରିବା ପରେ କୋଟିଆସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ରଥାରୂଢ଼ ଶ୍ରୀଜିଉଙ୍କୁ ପୂଜାର୍ଚ୍ଚନା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନି ସାଙ୍ଗକୁ ପାରମ୍ପରିକ ଆଦିବାସୀ ନାଚଗୀତରେ ରଥଦାଣ୍ଡ ଉଚ୍ଛୁଳି ପଡ଼ିଥିଲା। ମାଲକାନଗିରି ପଡ଼ିଆ ବ୍ଲକ୍ ଇରାଗୁଣ୍ଡି ଗ୍ରାମର କୟା ନାଚ, ପୁକାଲି ସରକାରୀ ଉଚ୍ଚ ବିଦ୍ୟାଳୟର କାଠି ନାଚ, ପଟ୍ଟାଙ୍ଗି ଗ୍ରାମର ଢେମସା ଓ ବାଦ୍ୟଯନ୍ତ୍ର ଉପସ୍ଥିତ ଶହଶହ ଭକ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହାବ୍ୟତୀତ ବିଭିନ୍ନ ସ୍ଥାନରୁ ଆସିଥିବା ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ସଙ୍କୀର୍ତ୍ତନ ପରିବେଶକୁ ଭକ୍ତିମୟ କରିଥିଲା।

କାର୍ଯ୍ୟକ୍ରମରେ ସାଂସଦ ସପ୍ତଗିରି ଉଲାକା ଓ ବଳଭଦ୍ର ମାଝି ଏବଂ ବିଧାୟକ ରାମଚନ୍ଦ୍ର କାଡାମ, ତାରାପ୍ରସାଦ ବାହିନୀପତି, ରଘୁରାମ ମାଛ ଓ ରୁପୁ ରୁପୁ ଭୋତ୍ରାଙ୍କ ସମେତ ବରିଷ୍ଠ କଂଗେସ ନେତା ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଜିଲ୍ଲା ପରିଷଦ ସଦସ୍ୟ ଟିକାଇ ଗେମେଲ ଓ ଲଇଛନ ଖରା, ବ୍ଲକ୍ ଅଧକ୍ଷା କଳ୍ପନା ପାଙ୍ଗି, ସୁନାବେଡ଼ା ମ୍ୟୁନିସିପାଲିଟି ଚେୟାରମ୍ୟାନ ରାଜେନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

ପରେ ମନ୍ତ୍ରୀମାନେ ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚି ସ୍ଥାନୀୟ ଜନପ୍ରତିନିଧି, ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଜନପ୍ରତିନିଧିମାନେ ମନ୍ତ୍ରୀମାନଙ୍କୁ ୨୨ଦଫା ଦାବି ସମ୍ବଳିତ ଏକ ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ଧାରୁଆ ପ୍ରମୁଖ ପରିଚାଳନା କରିଥିଲେ।


### ରଥଯାତ୍ରା ଅଘଟଣ, ବିଭ୍ରାଟ

# ସରକାରଙ୍କୁ ସଂତୃପ୍ତଙ୍କ ୮ ପ୍ରଶ୍ନ

ଭୁବନେଶ୍ୱର,୨୮।୬(ସମିସ): ଚଳିତବର୍ଷ ରଥଯାତ୍ରାରେ ଅଘଟଣ, ବିଶୃଙ୍ଖଳା ଓ ବିଭ୍ରାଟକୁ ନେଇ ସରକାରଙ୍କୁ ସମାଲୋଚନା ଥମୁନାହିଁ। ଅବ୍ୟବସ୍ଥାକୁ ନେଇ ସରକାରଙ୍କୁ ୮ଟି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର। ସେ କହିଛନ୍ତି ଯେ ଓଡ଼ିଆ ଅସ୍ମିତାର ପ୍ରକୃତ ଚିହ୍ନ ହେଲେ ମହାପ୍ରଭୁ ଜଗନ୍ନାଥ ଏବଂ ଓଡ଼ିଆ ଅସ୍ମିତାର ଅଭୂତ ପରିଚୟ ହେଲା ମହାପ୍ରଭୁଙ୍କ ରଥଯାତ୍ରା। ସେ ଯେଉଁ ପ୍ରଶ୍ନ ଉଠାଇବାକୁ ଯାଉଛନ୍ତି, ସେଗୁଡିକ ରାଜନୈତିକ ନୁହେଁ। ଏହା ଓଡ଼ିଆ ଅସ୍ମିତା ସହିତ ଜଡିତ ପ୍ରଶ୍ନ। ସରକାର ଗଭୀର ଆତ୍ମଚିନ୍ତନ ପରେ ସମସ୍ତ ପ୍ରଶ୍ନର ଉତ୍ତର ରଖିବା ପାଇଁ ସାହାସ ଜୁଟାଇବେ ବୋଲି ଶ୍ରୀ ମିଶ୍ର ଏକ୍ସରେ ଆଶା ପ୍ରକାଶ କରିଛନ୍ତି।

ଶ୍ରୀ ମିଶ୍ର କହିଛନ୍ତି ଯେ ଗତବର୍ଷ ପହଣ୍ଡି ସମୟରେ ବଳଭଦ୍ର ମହାପ୍ରଭୁ ତଳେ ପଡ଼ିଯାଇଥିବା ଭଳି ଅଘଟଣ ଘଟିଥିଲା। ଏହାକୁ ନେଇ ତଦନ୍ତ ଆରମ୍ଭ ହୋଇଥିଲା। ବର୍ଷେ ହେଲାଣି, ତଦନ୍ତ ରିପୋର୍ଟ କେଉଁଠି? କୌଣସି ଦାୟିତ୍ୱ ନିର୍ଣ୍ଣୟ ବା କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଇନି? ଦ୍ୱିତୀୟ ପ୍ରଶ୍ନ : ରଥଯାତ୍ରାର ୪୨ ବର୍ଷର ଇତିହାସରେ ପ୍ରଥମ ଥର ତିନୋଟି ରଥ ବଡଦାଣ୍ଡରେ ଅଟକି ଯିବା ଓ ନନ୍ଦିଘୋଷ ରଥ ତା ନିଜର ନିର୍ଦ୍ଧାରିତ ସ୍ଥାନରୁ ବାହାରିପାରିନଥିବା ଦେଖିବାକୁ ମିଳିଲା। ସନ୍ଧ୍ୟା ୭.୪୫ ପରେ ରଥ ଟାଣିବା ନିଷ୍ପତ୍ତି ଏବଂ ଏହି ବିଧି ଭଙ୍ଗ କାହା ଅନୁମତିରେ ଘଟିଲା ? ସମସ୍ତେ ଜାଣନ୍ତି ଯେ ସନ୍ଧ୍ୟା ପରେ ରଥ ଟାଣିବା ଆରମ୍ଭ ହୁଏ ନାହିଁ। ତେଣୁ ଏମିତି ଅନିୟମିତତା କେମିତି ହେଲା? ତୃତୀୟ ପ୍ରଶ୍ନ: ପାଞ୍ଚ ଦିନ ପୂର୍ବରୁ ଅନୁଷ୍ଠିତ ନୀତିକାନ୍ତି ଦ୍ୱାରା ସ୍ପଷ୍ଟ ଭାବରେ ଜଣାଯାଏ ଯେ କେବେ ପହଣ୍ଡି ଆରମ୍ଭ ଓ ଶେଷ ହେବ। ତଦନୁଯାୟୀ ରଥଟଣା ଆରମ୍ଭ ହେବାର ଥିଲା। ଏହି ଅନୁଷ୍ଠାନ ଓ ପ୍ରବନ୍ଧନ ଉପରେ ଦୃଷ୍ଟି ରଖିବା ଦାୟିତ୍ୱ କାହାର ଥିଲା ? ଲକ୍ଷ-ଲକ୍ଷ ଭକ୍ତଗଣ ଓଡ଼ିଶା ବାହାରୁ ଏହି ମହାପ୍ରଭୁଙ୍କ ଅଭୂତ ଲୀଳା ଦେଖିବାକୁ ଆସିଥିଲେ। କିନ୍ତୁ ରଥ ଟଣା ଦେଖି ନ ପାରି ନିରାଶ ହୋଇ ଘରକୁ ଫେରିଯାଇଛନ୍ତି। ଏହା ଏକ ଓଡ଼ିଶାର ଆତ୍ମଗର୍ବ ଉପରେ କଳଙ୍କ। ଭକ୍ତଙ୍କ ମନରେ ସବୁଦିନ ପାଇଁ ଏହି ବ୍ୟଥା ରହିଯିବ। ଏଥିପାଇଁ ଦାୟୀ କିଏ? ପଞ୍ଚମ ପ୍ରଶ୍ନ: ଏତେ ଦୁଃଖଦ ଘଟଣା ଏବଂ ବ୍ୟବସ୍ଥାର ଅଭାବ କାହାର ଅପାରଗତା ପାଇଁ ଘଟିଲା? ବିଭିନ୍ନ ବିଶିଷ୍ଟ ବ୍ୟକ୍ତିମାନେ(ଭିଆଇପି) ଯେଉଁମାନେ ବାହାରୁ ନିମନ୍ତ୍ରିତ ହୋଇ ଆସିଥିଲେ। ସେମାନଙ୍କୁ ଅଧିକ ଧ୍ୟାନ ଦେବାକୁ ଯାଇ, ପୁଲିସ ପ୍ରଶାସନର ନଜର ରଥଯାତ୍ରା ରୁ ହଟିଗଲା କି? ଷଷ୍ଠ ପ୍ରଶ୍ନ: କର୍ଡନ ଭିତରେ ଅନୁମତି ବିନା ବହୁ ଲୋକ ପଶିଯାଇଥିଲେ। ଅନୁମତି ବିନା ଏତେ ଲୋକ କେମିତି ପ୍ରବେଶ କଲେ? ଅନେକ କହୁଛନ୍ତି, ଯେଉଁମାନେ କର୍ଡନ ଭିତରେ ପଶିଯାଇଥିଲେ ସେମାନେ ଶାସକ ଦଳର ସମର୍ଥକ ଏବଂ ତାଙ୍କର ପୁଲିସର ଅନୁମତି ଦରକାର ନଥିଲା। ଏହା ଓଡ଼ିଆ ଅସ୍ମିତା ପାଇଁ ଅନ୍ୟାୟ ଓ ଅପମାନ ନୁହେଁ କି? ସପ୍ତମ ପ୍ରଶ୍ନ: ରଥଯାତ୍ରାରେ ହୋଇଥିବା ଦଳଚକଟାରେ ୬୦୦ରୁ ଅଧିକ ଭକ୍ତ ଆହତ ହେବା ଏହା ପ୍ରଶାସନର ବିଫଳତା ନୁହେଁ କି ? ଏଭଳି ଘଟଣା ଘଟିବା ପରେ ଆଗକୁ ଆସୁଥିବା ଯାତ୍ରାରେ ସେମାନେ ଘରେ ରହି ପ୍ରାର୍ଥନା କରିବେ ବୋଲି ଭକ୍ତଙ୍କଠାରୁ ଶୁଣିବାକୁ ମିଳୁଛି। ଜଗନ୍ନାଥ ଧାମ ଆସିବେ ନାହିଁ। ଏହା ଓଡ଼ିଆ ଅସ୍ମିତାର ଅପମାନ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ନିଜ ଶେଷ ପ୍ରଶ୍ନରେ ଶ୍ରୀ ମିଶ୍ର କହିଛନ୍ତି ଯେ ବର୍ଷେ ପରେ ମଧ ଶ୍ରୀମନ୍ଦିରର ପରିଚାଳନା କମିଟିର ପୁନର୍ଗଠନ କରାଯାଇ ପାରି ନାହିଁ କାହିଁକି ? ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ସରକାର କ୍ଷମତାକୁ ଆସିଛନ୍ତି। ଓଡିଶାବାସୀଙ୍କୁ ଓଡ଼ିଆ ଅସ୍ମିତା ନାମରେ ଆହ୍ୱାନ ଦେଇଥିଲେ। ମୋ ମନରେ ପ୍ରଶ୍ନ ଉଠୁଛି ଏହି ଓଡ଼ିଆ ଅସ୍ମିତା ପ୍ରତି ସମ୍ମାନ କେବଳ ଭୋଟ ପାଇଁ ଥିଲା କି ? ଯଦି ଓଡ଼ିଆ ଅସ୍ମିତାର ପ୍ରତୀକ ଜଗନ୍ନାଥଙ୍କ ରଥଯାତ୍ରା ରେ ଏତେ ବିଚ୍ୟୁତି ହୋଇପାରେ, ତାହେଲେ ଏହି ସରକାରଙ୍କୁ ଓଡ଼ିଆ ଅସ୍ମିତା ର ସଂରକ୍ଷକ ଭାବେ ଆମେ ଗ୍ରହଣ କରି ପାରିବା କି ବୋଲି ସେ ପ୍ରଶ୍ନ କରିଛନ୍ତି।

- ଗତବର୍ଷ ମହାପ୍ରଭୁ ବଳଭଦ୍ରଙ୍କ ପହଣ୍ଡି ଅଘଟଣ ତଦନ୍ତ ରିପୋର୍ଟ କାହିଁ?
- ସନ୍ଧ୍ୟା ୭ଟା ୪୫ ମିନିଟ ପରେ ରଥ ଟାଣିବା ନିଷ୍ପତ୍ତି କାହାର?
- ବିନା ଅନୁମତିରେ ଲୋକେ କର୍ଡନ ଭିତରେ ପଶିଲେ କେମିତି?



## ଅନହରପୁର ଘୋଷଯାତ୍ରାରେ ଅଘଟଣ

# ଡିଜେ ଗାଡ଼ି ଓଲଟି ନାବାଳକ ମୃତ

ଧାମନଗର,୨୮।୬(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନହରପୁର ଗାଁର ରଥଟଣା ବେଳେ ଅଘଟଣ ଘଟିଛି। କୋଲକାତାରୁ ଆସିଥିବା ଡିଜେ ଗାଡ଼ି କେନାଲକୁ ଓଲଟି ପଡ଼ିବାରୁ ତଳେ ଚାପି ହୋଇ ଜଣେ ନାବାଳକର ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ କିଛି ଲୋକ ମଧ୍ୟ ଆହତ ହୋଇଛନ୍ତି। ମୃତକ ହେଲେ, ଗ୍ରାମର ସ୍ୱର୍ଗତ କିଶୋର ଚନ୍ଦ୍ର ରାଉତଙ୍କ ପୁଅ ସୌମ୍ୟରଞ୍ଜନ ରାଉତ (୧୩)।



ସୂଚନାନୁଯାୟୀ, ଶୁକ୍ରବାର ସନ୍ଧ୍ୟା ପରେ ଗ୍ରାମରେ ରଥଟଣା ଆରମ୍ଭ ହୋଇଥିଲା। ରାତି ପ୍ରାୟ ସାଢ଼େ ୧୦ଟାରେ ଅନହରପୁର ବଜାରରେ ଡିଜେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ରଥ ଦେଖିବାକୁ ଆସିଥିବା ସୌମ୍ୟ ଓ ଅନ୍ୟ କିଛି ଲୋକ ଗାଡ଼ି ତଳେ ଚାପି ହୋଇଯାଇଥିଲା। ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲା। ଗୁରୁତର ସୌମ୍ୟକୁ ଧାମନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

ବାପା କିଶୋର ରାଉତଙ୍କର ମୃତ୍ୟୁକୁ ବର୍ଷେ ପୂରି ନ ଥିବା ବେଳେ ପୁଅର ଏଭଳି ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଅନ୍ୟପଟେ ଧାମନଗର ପୁଲିସ ଉକ୍ତ ସ୍ଥାନରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ଗତମାସ ତିହିଡି ଅଞ୍ଚଳରେ ଏକ ଡିଜେ ଗାଡ଼ି ଓଲଟି ଜଣଙ୍କର ମୃତ୍ୟୁ ପରେ ଜିଲ୍ଲାରେ ଡିଜେ ଉପରେ ଜିଲ୍ଲା ପ୍ରଶାସନ କଟକଣା ଲଗାଇଥିଲା। ଏପରିକି, ଡିଜେକୁ ସଂପୂର୍ଣ୍ଣ ବନ୍ଦ କରାଯିବାକୁ ନେଇ ଏକ ବିଜ୍ଞପ୍ତି ମଧ ପ୍ରକାଶ ପାଇଥିଲା। କିନ୍ତୁ ପ୍ରଶାସନର ନିଷ୍ପତ୍ତି ପରେ ବି କିପରି ଅନହରପୁର ରଥ କମିଟିକୁ ଡିଜେ ବଜାଇବାକୁ କିଏ ଅନୁମତି ଦିଆଗଲା ଏବଂ କୋଲକାତାରୁ ଡିଜେ ଅଣାଗଲା; ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାରେ ସଂପୃକ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତକଙ୍କ ମା'ଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।

# ଅବସର ୩ଦିନ ପୂର୍ବରୁ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ଭୁବନେଶ୍ୱର,୨୮।୬(ସମିସ): ଆଉ ୩ଦିନ ପରେ ନେଇଥାନ୍ତେ ଅବସର। ହେଲେ ତାହା ପୂର୍ବରୁ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢଉ କରିଛି। ଚାକିରି କାଳରେ ସରକାରୀ ବାବୁ ଯେତିକି କଳାଧନ ଅର୍ଜନ କରିଥିଲେ ତାହାକୁ ଠାବ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ବ୍ଲକର ସହକାରୀ ଯନ୍ତ୍ରୀ ସୁଶୀଲ ପଣ୍ଡାଙ୍କ ଘରେ ଭିଜିଲାନ୍ସ ଆଜି ଚଢ଼ାଉ କରିଛି। ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ସମେତ ୭ରୁ ଅଧିକ ସ୍ଥାନରେ ଚଢ଼ଉ ହୋଇଛି। ବ୍ରହ୍ମପୁର ରାମହରି ନଗରରେ ଥିବା ତିନି ତାଲା କୋଠା, ଅଙ୍କୁଲି, ମୁକ୍ତେଶ୍ୱର ଆପାର୍ଟମେଣ୍ଟରେ ଥିବା ଦୁଇଟି ଫ୍ଲାଟ୍, ପୁରୀରେ ଥିବା ଫ୍ଲାଟ୍, କବିସୂର୍ଯ୍ୟନଗରରେ ଥିବା ପୈତୃକ ବାସଭବନ, ପୁରୁଷତ୍ତୋମପୁରରେ ଥିବା ଶଶୁର ଘର ଏବଂ ଗଞ୍ଜାମ ବ୍ଲକ୍ ଅଫିସରେ ଚଢଉ କରାଯାଇଛି। ଚଢଉରେ ୬ଜଣ ଡିଏସ୍‌ପି, ୭ ଇନ୍ସପେକ୍ଟର ଏବଂ ଅନ୍ୟଷ୍ଟାଫ୍ ସାମିଲ ଥିଲେ। ଚଢଉରେ ତାଙ୍କର ରାମ ହରି ନଗରରେ ଗୋଟିଏ ୩ତାଲା କୋଠା ଠାବ କରାଯାଇଥିବା ବେଳେ ଅଙ୍କୁଲିରେ ଗୋଟିଏ ୨ବିଏଚ୍‌କେ ଫ୍ଲାଟ୍, ପୁରୀରେ ଗୋଟିଏ ୧ବିଏଚ୍‌କେ ଫ୍ଲାଟ୍ ଠାବ କରାଯାଇଛି। ତାଙ୍କ ନାମରେ ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ବ୍ରହ୍ମପୁରରେ ୬ଟି ପ୍ଲଟ୍ ଠାବ କୟରାଯାଇଛି। ତାହାର ମୂଲ୍ୟ କୋଟିଏ ଟଙ୍କାରୁ ଅଧିକ ହେବ। ଏହି ପ୍ଲଟ୍ ଗୁଡିକର ସଠିକ୍ ମୂଲ୍ୟାଙ୍କନ ପାଇଁ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ଲାଗି ପଡିଛନ୍ତି। ତାଙ୍କ ଘରୁ ନଗଦ ୨ଲକ୍ଷ ୫ହଜାର ଟଙ୍କା ଜବତ କରାଯାଇଥିବା ବେଳେ ଘରୁ ୧୨୬ ଗ୍ରାମର ସୁନା ଅଳଙ୍କାର, ବ୍ୟାଙ୍କ୍‌ରେ ୫୦ଲକ୍ଷ ଜମା ରହିଛି। ସେହିପରି ବ୍ରହ୍ମପୁର ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ୍‌ରେ ସୁଶୀଲ ଏବଂ ତାଙ୍କ ପତ୍ନୀଙ୍କ ନାମରେ ଏକ ଲକର ରହିଛି। ଯାହାକୁ ଖୋଲିବା ପାଇଁ ଭିଜିଲାନ୍ସ ଟିମ୍ ପ୍ରକ୍ରିୟା ଆରମ୍ଭ କରିଛି। କୋଟି କୋଟି ଟଙ୍କାର କଳାଧନ ସମ୍ପର୍କରେ ଭିଜିଲାନ୍ସ ଟିମ୍ ତାଙ୍କୁ ପଚରାଉଚରା କରୁଥିଲେ ମଧ ସେ ତାହାର ଉତ୍ତର ଦେଇପାରିନଥିଲେ। ଫଳରେ ଭିଜିଲାନ୍ସ ଟିମ୍ ତାଙ୍କୁ ଉଠାଇ ନେଇ ଏକ ଡିଏ ମାମଲା ରୁଜୁ କରି ତଦନ୍ତ କରୁଛି।

ସୁଶିଲ ସୋମବାରେ ଅବସର ନେଉଥିବାରୁ ବ୍ଲକ୍ ଅଫିସରେ ତାଙ୍କ ପାଇଁ କର୍ମଚାରୀମାନେ ଏକ ବିଦାୟୀକାଳୀନ ସଭା ରଖିଥିଲେ। ଭିଜିଲାନ୍ସ ଚଢଉ କରି ସୁଶିଲଙ୍କୁ ଉଠାଇ ନେବା ପରେ ଏହାକୁ ବାତିଲ କରାଯାଇଛି। ସୁଶିଲ ପ୍ରଥମେ ୧୯୯୭ ମସିହାରେ ଗଞ୍ଜାମ ଜିଲ୍ଲା ଶଙ୍ଖେମୁଣ୍ଡି ବ୍ଲକ୍‌ରେ ଜେଇ(ଚୁକ୍ତିଭିତ୍ତିକ) ଭାବେ ଚାକିରି କରୁଥିଲେ। ଏହାପରେ ସେ ୨୦୧୫ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକ୍‌ରେ ଜେଇ ଭାବେ କାମ କରିଥିଲେ। ୨୦୧୫ ଅଗଷ୍ଟ ମାସରେ ଚାକିରି ସ୍ଥାୟୀ ହେବା ପରେ ପୁରୁଷୋତ୍ତମପୁର ବ୍ଲକ୍‌ରେ କାର୍ଯ୍ୟ କରିଥିଲେ। ୨୦୨୨ରେ ପ୍ରମୋସନ ପାଇଁ ସହକାରୀ ଯନ୍ତ୍ରୀ ଭାବେ ସେରଗଡ଼ ବ୍ଲକ୍‌ରେ ନିଯୁକ୍ତି ପାଇଥିଲେ। ୨୦୨୩ରେ ସେ ଗଞ୍ଜାମ ବ୍ଲକ୍‌ରେ ଏଇଇ ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ।

- ଗୋଟିଏ ବହୁତଳ କୋଠା, ୨ଟି ଫ୍ଲାଟ୍, ୬ଟି ପ୍ଲଟ୍ ଠାବ
- ନଗଦ ୨.୫ଲକ୍ଷ ଜବତ, ଆକାଉଣ୍ଟରେ ରହିଛି ୫୦ଲକ୍ଷ



# ଲାଞ୍ଚୁଆ ଫାର୍ମାସିଷ୍ଟଙ୍କୁ ୨ ବର୍ଷ ଜେଲ୍

ସୁନ୍ଦରଗଡ଼, ୨୮।୬ (ସମିସ): ସୁନ୍ଦରଗଡ଼ ଦୁର୍ନୀତି ନିବାରଣ ଅଦାଲତର ସ୍ୱତନ୍ତ୍ର ବିଚାରପତି ସସ୍ମିତା ପାଢ଼ୀ ଏକ ଲାଞ୍ଚ ଗ୍ରହଣ ମାମଲାର ବିଚାର କରି ଖଏଲଟୋଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଫାର୍ମାସିଷ୍ଟ ସନତ କୁମାର ମହାନ୍ତି (୫୫)ଙ୍କୁ ୨ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ, ଅଧିକ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।



୨୦୧୩ ମସିହାରେ ଫାର୍ମାସିଷ୍ଟ ସନତ ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିବା ବେଳେ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ବଡ଼ଗାଁଓର ଜଉରା ଓରାମ ତାଙ୍କ ମା' ଜିଦ୍ଦି ଓରାମଙ୍କୁ ଡାକ୍ତରଖାନା ଆଣିଥିଲେ। ସେତେବେଳେ ଫାର୍ମାସିଷ୍ଟ ଶ୍ରୀ ମହାନ୍ତି ତାଙ୍କୁ ଭଲ ଔଷଧ ଯୋଗାଇ ଦେବାକୁ ୧୨୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଜଉରା ଏତେ ଟଙ୍କା ଦେବାକୁ ଅସାମର୍ଥ୍ୟତା ପ୍ରକାଶ କରି ୨୦୦ଟଙ୍କା ଦେବାରୁ କିଛିଟା ଔଷଧ ପ୍ରଦାନ କରିଥିଲେ। ବାକି ଏକ ହଜାର ଟଙ୍କା ଦେଲେ ଭଲ ଔଷଧ ଯୋଗାଇଦେବେ ବୋଲି କହିଥିଲେ। ସରକାରୀ ଡାକ୍ତରଖାନାରେ ସରକାର ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇ ଦେଉଥିବା ବେଳେ ଫାର୍ମାସିଷ୍ଟଜଣକ ଔଷଧ ପାଇଁ ଲାଞ୍ଚ ମାଗିବା ଘଟଣା ଜଉରାଙ୍କୁ ବେଶ ବାଧିଥିଲା। ଏହା ବିରୋଧରେ ସେ ସମ୍ବଲପୁର ଦୁର୍ନୀତି ନିବାରଣ ବିଭାଗରେ ଫେରାଦ ହୋଇଥିଲେ। ପରେ ବିଭାଗ ପକ୍ଷରୁ ସନତକୁ ଧରିବାକୁ ଯୋଜନା କରାଯାଇଥିଲା। ଯୋଜନା ମୁତାବକ ୨୦୧୩ ମସିହା ସେପଟେମ୍ବର ୧୬ତାରିଖ ଦିନ ସେ ଜଉରା ଓରାମଙ୍କଠାରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ବିଭାଗୀୟ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର୍ ଶ୍ୟାମସୁନ୍ଦର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ସାନଭାଇର କାଠଫାଳିଆ ମାଡ଼ରେ ବଡ଼ ମୃତ

ବରପାଲି, ୨୮।୬(ସମିସ): ସଂପତ୍ତି ବିବାଦକୁ କେନ୍ଦ୍ର କରି ସାନଭାଇର କାଠଫାଳିଆ ମାଡ଼ରେ ବଡ଼ଭାଇର ମୃତ୍ୟୁ। ବରଗଡ଼ ଜିଲ୍ଲା ବରପାଲି ବ୍ଲକ୍ ମହୁଲପାଲି ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ବିବିଧ ଗଣିତ (୪୦)। ସେ ଗତକାଲି ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପଛପଟେ ଶୋଇଥିବା ବେଳେ ତାଙ୍କ ସାନଭାଇ ଛାୟାକାନ୍ତ ଗଣିତ (୩୫) ଏକ କାଠଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ବିବିଧଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ପଡ଼ୋଶୀଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ପୈତୃକ ଜମି ବିକ୍ରି ଟଙ୍କା ନେଣଦେଣକୁ ନେଇ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା। ପୂର୍ବ ରାଗରୁ ଅଭିଯୁକ୍ତ ଏହି କାଣ୍ଡ ଭିଆଇଥିବା ସେମାନେ କହିଛନ୍ତି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ଛାୟାକାନ୍ତକୁ ଗିରଫ କରି ପଚରାଉଚରା କରିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

## ରଥଯାତ୍ରା ମହାବିଭ୍ରାଟ୍

# ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

ଭୁବନେଶ୍ୱର,୨୮।୬(ସମିସ): ଚଳିତବର୍ଷ ତ୍ରୁଟିଶୂନ୍ୟ ଓ ସ୍ମରଣୀୟ ରଥଯାତ୍ରା ହେବ ଏବଂ ଏକ ଦିବ୍ୟ ଅନୁଭୂତି ନେଇ ଭକ୍ତମାନେ ଫେରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମାତ୍ର ରଥଯାତ୍ରା ଅବ୍ୟବସ୍ଥିତ ଓ ମହାବିଭ୍ରାଟରେ ସମ୍ପନ୍ନ ହେଲା। ବିଶେଷକରି ଗତବର୍ଷ ଅଘଟଣ ଏବଂ ବିଭ୍ରାଟରୁ ସରକାର କିଛି ଶିଖିଲେ ନାହିଁ। ସରକାରଙ୍କ ଏପରି ହେୟଜ୍ଞାନ ମନୋବୃତ୍ତି ଏବଂ ଅପାରଗତା ପାଇଁ ଯାହା କେବେ ଘଟିନଥିଲା ତାହା ଚଳିତ ବର୍ଷ ଘଟିଛି। ତେଣୁ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀ ଏହାର ନୈତିକ ଦାୟିତ୍ୱ ନେଇ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ଦାବି କରିଛି ବିଜେଡି।

ଶନିବାର ଶଙ୍ଖ ଭବନରେ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି (ମୁଖ୍ୟାଳୟ) ତଥା ପୂର୍ବତନ ଆଇନ ମନ୍ତ୍ରୀ ପ୍ରତାପ ଜେନା ସରକାରଙ୍କୁ ରଥଯାତ୍ରା ଅଘଟଣ ପାଇଁ ପ୍ରବଳ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଯଥା ସମୟରେ ସେବାୟତଙ୍କ ଦ୍ୱାରା ପହଣ୍ଡି ସମ୍ପନ୍ନ ହୋଇଥିଲେ ମଧ ସରକାରଙ୍କ ଅପାରଗତା ଲାଗି ଶରଧାବାଲିରେ ୩ ରଥ ପହଞ୍ଚିବା ତ ଦୂରର କଥା ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ସିଂହଦ୍ୱାରରୁ ଘୁଞ୍ଚି ପାରିଲା ନାହିଁ। ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ ମଧ ସରକାରଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ଦ୍ୱାରା ପ୍ରଥମଥର ପାଇଁ ଅତ୍ୟଧିକ ସଂଖ୍ୟାରେ କର୍ଡନ ପାସ୍ ବଣ୍ଟନ, ରଥଟଣାରେ ବିଭ୍ରାଟ ସୃଷ୍ଟି କଲା। ରଥ ନିକଟରେ ବହୁ ସଂଖ୍ୟାରେ ଦଳୀୟ ନେତାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ସାମ୍ବାଦିକମାନଙ୍କୁ ସରକାର ନିମନ୍ତ୍ରଣ କରି ପୁଲିସ ଦ୍ୱାରା ମାଡ଼ ମରାଇ ଲହୁଲୁହାଣ କରିବା ରଥଯାତ୍ରା ଇତିହାସରେ ପ୍ରଥମ ଅଟେ। ଅନେକ ବରିଷ୍ଠ ଓ ମହିଳା ସାମ୍ବାଦିକ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଭିଡ଼ ନିୟନ୍ତ୍ରଣରେ ସରକାରଙ୍କ ପାରଦର୍ଶିତା ଅଭାବରୁ ଶହ ଶହ ସଂଖ୍ୟାରେ ଭକ୍ତ ଆହତ ହୋଇଛନ୍ତି ଓ କିଛି ଭକ୍ତ ମଧ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ପ୍ରଶାସନ ତୁରନ୍ତ ସ୍ପଷ୍ଟ କରନ୍ତୁ ରଥଯାତ୍ରାରେ କେତେ ସଂଖ୍ୟକ ଭକ୍ତ ମୃତାହତ ହୋଇଛନ୍ତି। ଶ୍ରୀ ଜେନା ଆହୁରି କହିଥିଲେ ଯେ ବିଡ଼ମ୍ବନାର ବିଷୟ ଏହି ଘଟଣା ପରେ ଉଭୟ ଆଇନ ମନ୍ତ୍ରୀ ଓ ଶ୍ରୀମନ୍ଦିର ପ୍ରଶାସକ କହିଛନ୍ତି 'ଏହା ପ୍ରଭୁଙ୍କ ଇଚ୍ଛା'ରୁ ହୋଇଛି। ଯାହା କେବେ ଘଟିନଥିଲା, ସେଭଳି ବିଭ୍ରାଟ ଚଳିତବର୍ଷ ରଥଯାତ୍ରାରେ ଘଟିଲା। ମହାପ୍ରଭୁ ଅଣସର ଘରେ ଥିବା ସମୟରେ ୩ ଠାକୁରଙ୍କ ପାଇଁ ଲାଗି ହେବା ମୋଦକ ଚୋରି ହେଲା ଓ ମାରା ମୋଦକ ମହାପ୍ରଭୁଙ୍କୁ ଅର୍ପଣ କରାଗଲା ବୋଲି ସେବାୟତଙ୍କ ଅଭିଯୋଗକୁ ଆଇନ ମନ୍ତ୍ରୀ ଓ ପ୍ରଶାସନ ଅସ୍ୱୀକାର କଲେ। ଗତବର୍ଷ ରଥଯାତ୍ରା ପହଣ୍ଡି ସମୟରେ ବଡ଼ ଠାକୁର ରଥରୁ ପଡ଼ିଯିବାର ତଦନ୍ତ ରିପୋର୍ଟ ଆଜିଯାଏଁ ସାର୍ବଜନୀନ ହେଲା ନାହିଁ। ଗତବର୍ଷର ଅଘଟଣରୁ ଶିକ୍ଷାଲାଭ କରି ସରକାର ଯଦି ସତର୍କ ହୋଇଥାନ୍ତେ, ତାହେଲେ ଚଳିତବର୍ଷ ଏଭଳି ବିଭ୍ରାଟ ହୋଇନଥାନ୍ତା। ଏହି ବିଭ୍ରାଟର ନୈତିକ ଦାୟିତ୍ୱ ନେଇ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।



- ରଥଯାତ୍ରା ସ୍ମରଣୀୟ ଓ ଦିବ୍ୟ ଅନୁଭବ ହେବ ବୋଲି କହି ମହାବିଭ୍ରାଟ କଲେ
- ଦଳୀୟ ନେତାଙ୍କୁ ଅତ୍ୟଧିକ କର୍ଡନ ପାସ୍ ରଥଟଣାରେ ବାଧକ
- ମୃତାହତଙ୍କ ସଂଖ୍ୟା ସ୍ପଷ୍ଟ କରନ୍ତୁ ସରକାର

## କାହା ପ୍ରତି ଏତେ ଅନୁକମ୍ପା?

# ବଡ଼ଦାଣ୍ଡ ଗହଳିରେ ଛତିଶଗଡ଼ ଇନୋଭା

### ଚାଳକ କହିଲେ ଏମ୍‌ଏଲ୍‌ଏ; ଟ୍ରାଫିକ୍ ଡିଏସ୍‌ପି କହୁଛନ୍ତି ଏନ୍‌ଏସ୍‌ଜି କମାଣ୍ଡୋ

ପୁରୀ,୨୮।୬(ସମିସ): ଭିଡ଼ ନିୟନ୍ତ୍ରଣରେ ବିଫଳ ଯୋଗୁଁ ଶୁକ୍ରବାର ରଥଯାତ୍ରାରେ ଦେଖିବାକୁ ମିଳିଥିଲା ବିଭ୍ରାଟ। ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ସିଂହଦ୍ୱାରରୁ ଗଡ଼ି ନଥିଲା ନନ୍ଦିଘୋଷ ରଥ। ଏପରିକି, ଚଳିତ ରଥଯାତ୍ରାରେ ନାନାପ୍ରକାର ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଭିଡ଼ ଏବଂ ଠେଲାପେଲା ଯୋଗୁଁ ପ୍ରାୟ ୬୦୦ଶ୍ରଦ୍ଧାଳୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହା ସତ୍ତ୍ୱେ ଟ୍ରାଫିକ୍ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଅଧିକାରୀଙ୍କର ଚେତା ପଶି ନଥିଲା। ଶନିବାର ସକାଳେ ବଡ଼ଦାଣ୍ଡରେ ରଥଟଣା ଯାଉଥିବା ବେଳେ ଭଡ଼ ଭିତରେ ଗଡୁଥିଲା ଛତିଶଗଡ଼ ପଞ୍ଜିକୃତ ଏକ ଇନୋଭା କାର୍। ଏହାକୁ ଦେଖିବା ପରେ ସ୍ୱେଚ୍ଛାସେବୀ ସ୍ୱାଧୀନ କୁମାର ପଣ୍ଡା ସମ୍ପୃକ୍ତ କାର୍ ଚାଳକଙ୍କୁ ପ୍ରଶ୍ନ କରିଥିଲେ। ଆପଣ ରଥଟଣା ଚାଲିଥିବା ବେଳେ ବଡ଼ଦାଣ୍ଡ ଭିଡ଼ ଭିତରକୁ ପଶିଲେ କିପରି? ଏହି ଗାଡ଼ିରେ କିଏ ଆସିଛନ୍ତି? ହେଲେ ଡ୍ରାଇଭର ଜଣକ ଚୁପ୍ ରହିବାର କିଛି ସମୟ ପରେ ଏମ୍‌ଏଲ୍‌ଏ ଆସିଛନ୍ତି କହି ସେଠାରୁ ଖସିଯିବାକୁ ଚେଷ୍ଟା କରିଥିଲେ। ତେବେ ରାଜ୍ୟ ବାହାରର ଜଣେ ବିଧାୟକଙ୍କୁ କିପରି ଏମିତି ଅହେତୁକ ଅନୁକମ୍ପା ମିଳିଲା ଏବଂ କିଏ ତାଙ୍କୁ ଏଭଳି ଅନୁକମ୍ପା ଦେଖାଇଲା ତାହାକୁ ନେଇ ସମସ୍ତଙ୍କ ଭିତରେ ଚାଲିଛି ଚର୍ଚ୍ଚା।

ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ, ଶନିବାର ସକାଳ ସାଢ଼େ ୯ଟାରେ ଆରମ୍ଭ ହୋଇଥିଲା ରଥଟଣା। ବଡ଼ଦାଣ୍ଡରେ ପ୍ରବଳ ଭିଡ଼ ଥିଲା। ତାଳଧ୍ୱଜ ରଥ ମେଡିକାଲ ଛକ ଅତିକ୍ରମ କରିସାରିଥିଲା। ପୂର୍ବାହ୍ନ ପ୍ରାୟ ୧୦ଟା ୪୫ରେ ବଳଗଣ୍ଡି ଛକରୁ ଗହଳି ଭିତରେ ଏକ ଇନୋଭା କାର୍ ବଗଲା ଧର୍ମଶାଳା ଆଡ଼କୁ ଯାଉଥିଲା। ଅର୍ଥାତ୍ ଏହି କାର୍‌ଟି ନନ୍ଦିଘୋଷ ଏବଂ ଦେବଦଳନ ରଥ ମଧ୍ୟରେ ଥିଲା। ଛତିଶଗଡ଼ ପଞ୍ଜିକୃତ ଏହି ଇନୋଭାର ନମ୍ବର ଥିଲା ସିଜି୦୪ଏନ୍‌କେ-୦୦୧୦।




ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କିଭଳି ସମ୍ପୃକ୍ତ କାର୍‌କୁ ପାସ୍ ମିଳିଥିଲା। ଯଦି ବି ପାସ୍ ଥିଲା, ରଥ ଗଡୁଥିବା ବେଳେ ବଡ଼ଦାଣ୍ଡକୁ ପଶିଲା କେମିତି? ଟ୍ରାଫିକ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ କରୁଥିଲେ କ'ଣ? ନା କାହା ଚାପରେ ସବୁ ନିୟମକାନୁନ୍‌କୁ ଦଳିମକଚି ଦିଆଯାଇଥିଲା? ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଥିବା ବେଳେ ସେହି କାର୍‌ରେ ଆସିଥିବା ବ୍ୟକ୍ତିଜଣଙ୍କ କିଏ; ତାକୁ ନେଇ ସମସ୍ତଙ୍କ ଭିତରେ ଚାଲିଛି ଚର୍ଚ୍ଚା। ଯେଉଁଠି ପାସ୍ ପାଇଥିବା ସାମ୍ବାଦିକଙ୍କୁ ପୁଲିସ୍ କର୍ଡନ ଭିତରକୁ ନଛାଡ଼ି ଦୁର୍ବ୍ୟବହାର କରୁଛି ଏବଂ ସେମାନଙ୍କ ଗାଡ଼ିକୁ ଛାଡୁନାହିଁ; ସେଠି ଛତିଶଗଡ଼ର କାର୍‌କୁ କିପରି ଭିଡ଼ ଭିତରକୁ ଛାଡ଼ିଲା, ତାକୁ ନେଇ ସମସ୍ତେ ପ୍ରଶ୍ନ ଉଠାଇଛନ୍ତି।

ଏ ସମ୍ପର୍କରେ ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ାଙ୍କୁ ପଚାରିବାରେ ତାହା ଏନ୍‌ଏସ୍‌ଜି କମାଣ୍ଡୋଙ୍କ କାର୍ ଥିଲା। ସେମାନଙ୍କ କାମ ଥିବାରୁ ବଡ଼ଦାଣ୍ଡକୁ ଆସିଥିଲେ। ଅନୁଧ୍ୟାନ ପରେ ସେମାନେ ଚାଲିଯାଇଥିଲେ ବୋଲି ସଫେଇ ଦେଇଛନ୍ତି। ଏପଟେ କାର୍‌ଚାଳକ ଏମ୍‌ଏଲ୍‌ଏ କହୁଥିବା ବେଳେ ଟ୍ରାଫିକ୍ ଡିଏସ୍‌ପି ସେହି ଗାଡ଼ିରେ ଏନ୍‌ଏସ୍‌ଜି କମାଣ୍ଡୋ ଆସିଥିଲେ କହିବା ଘଟଣା ଆହୁରି ଦ୍ୱନ୍ଦ୍ୱ ବଢ଼ାଇଛି।

# ଆଜି ଲଘୁଚାପ: ୪ ତାରିଖ ଯାଏଁ ବର୍ଷା

ଭୁବନେଶ୍ୱର,୨୮।୬(ସମିସ): ଦକ୍ଷିଣ-ପଶ୍ଚିମ ବାଂଲାଦେଶ ଏବଂ ପାଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତାକାଲି ଉତ୍ତର-ବଙ୍ଗୋପସାଗର ପାଶ୍ୱର୍ବର୍ତ୍ତୀ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳରେ ଏକ ଲଘୁଚାପର ରୂପ ନେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

କେନ୍ଦ୍ର ପକ୍ଷରୁ ଜାରପି ବୁଲେଟିନ ଅନୁଯାୟୀ ଆସନ୍ତାକାଲି ମୟୂରଭଞ୍ଜ ଜିଲ୍ଲାରେ ଅତି ପ୍ରବଳ ବର୍ଷା ଏବଂ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହାବ୍ୟତୀତ ଝାରସୁଗୁଡା, ଦେବଗଡ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବର୍ଷା, ପବନ ସହ ଘଡଘଡିର ସମ୍ଭାବନା ରହିଛି। ୩୦ ତାରିଖରେ ସମାନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ଆକଳନ କରାଯାଇଥିବା ବେଳେ ଅନ୍ୟ ଜିଲ୍ଲାମାନଙ୍କରେ ବର୍ଷା, ପବନ ନେଇ ସୂଚନା ଜାରି କରିଛି ପାଣିପାଗ କେନ୍ଦ୍ର।

## ନିବେଶ ଆଳରେ ଠକେଇ

# ଧାରଣା ଦେଲେ ୧୦୦ ଜମାକାରୀ

କପ୍ତିପଦା, ୨୮।୬ (ସମିସ): ଟ୍ରେଡିଂରେ ଅର୍ଥ ନିବେଶ ଆଳରେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଇଥିବା ଜଣେ ଧୂର୍ତ୍ତ ଘର ଆଗରେ ଜମାକାରୀମାନେ ଧାରଣା ଦେବା ଘଟଣା ଆଜି କପ୍ତିପଦା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାନୁଯାୟୀ କପ୍ତିପଦା ଥାନା ଅନ୍ତର୍ଗତ ବିଶୋଳ ଗ୍ରାମର ଈଶ୍ୱର ବିଦ୍ଧାଣୀ ନିଜକୁ କୋଲକାତାର ଏକ ଟ୍ରେଡିଂ କମ୍ପାନୀର ଓଡ଼ିଶା ମୁଖ୍ୟ କହି ଲୋକଙ୍କଠାରୁ ବିପୁଳ ଅର୍ଥ ସଂଗ୍ରହ କରିଥିଲେ। କମ୍ ଦିନରେ ଅଧିକ ସୁଧ ମିଳିବାର ପ୍ରଲୋଭନ ଦେଖାଇ ସେ କଟକ, ଭୁବନେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂହପୁରଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନର ଲୋକଙ୍କୁ ପ୍ରଲୋଭିତ କରି ଟଙ୍କା ନେଇଥିଲେ। କିନ୍ତୁ ଦୀର୍ଘ ଦିନ ପରେ ମଧ ଲାଭ ତ ମିଳିବା ଦୂରର କଥା, ନିବେଶକାରୀ ନିଜର ମୂଳଧନ ବି ପାଇନଥିଲେ। ଏନେଇ ନିବେଶକାରୀମାନେ ତାଙ୍କୁ ପଚାରିବାରୁ ସେ ଆଜି କାଲି କହି ଦିନ ଗଡ଼ାଇବା ପରେ ଏବେ ଫେରାର୍ ହୋଇଯାଇଛନ୍ତି। ଆଜି ୧୦୦ରୁ ଉର୍ଦ୍ଧ୍ୱ ଜମାକାରୀ ତାଙ୍କ ଘର ସାମ୍ନାରେ ରୁଣ୍ଡ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଛନ୍ତି। ତେବେ ଖବର ଲେଖା ହେବା ବେଳକୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିଲା।

୨ ଦିନ ହେଲା ବାଲେଶ୍ୱରରେ ଜାରି ରହିଛି ଲଗାଣ ବର୍ଷା

# ନୂଆସାହିରେ କୃତ୍ରିମ ବନ୍ୟା; ରାସ୍ତା ଉପରେ ଦୁଇଫୁଟରୁ ଅଧିକ ପାଣି





ବାଲେଶ୍ୱର,୨୮ ।୬(ସମିସ)

ବାଲେଶ୍ୱରରେ ଗତକାଲି ଠାରୁ ଲାଗି ରହିଛି ଲଘୁଚାପ ଜନିତ ଲଗାଣ ବର୍ଷା। ଫଳରେ ଦୁଇଦିନରେ ମିଶାଇ ମୋଟ ୮୮ମିମି ବର୍ଷାର ପରିମାଣ ରେକର୍ଡ ସଂଗ୍ରହ କରାଯାଇଛି। ଗତକାଲି ୭୦.୬ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଥିବା ବେଳେ ଆଜି ୧୮.୪ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ଏହାରି ପ୍ରଭାବରେ ବାଲେଶ୍ୱର ସହର ସମେତ ରେମୁଣା ଗୋଲେଇ ଠାରୁ ବାଲେଶ୍ୱର ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ଅଢ଼େଇ ଫୁଟର ପାଣି ଚାଲୁଛି। ଫଳରେ ଯିବାଆସିବାରେ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଲୋକେ ନାପସନ୍ଦ କରୁଥିବା ବେଳେ ଏହାର ସ୍ଥାୟୀ ସମାଧାନ କରିବାକୁ ପ୍ରଶାସନ ପାଖରେ ଦାବି ରଖିଛନ୍ତି। ସୂଚନା ଅନୁସାରେ, ଲଘୁଚାପ ଜନିତ ଲଗାଣ ବର୍ଷା ଶୁକ୍ରବାର ଠାରୁ ଆଜି ପର୍ଯ୍ୟନ୍ତ ଲାଗିରହିଛି। ଗତକାଲି ରାତିରୁ ପ୍ରବଳ ବର୍ଷା ହୋଇଥିବା ଆଜି ଦିନସାରା ବର୍ଷା ଲାଗି ରହିଛି। ଏହି ବର୍ଷାଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ସହରରେ ଡ୍ରେନ ସମସ୍ୟା ପାଇଁ ବର୍ଷା ପାଣି ରାସ୍ତାରେ ଲହଡ଼ି ଭାଙ୍ଗୁଛି। ବିଶେଷ କରି ଆଜି ସକାଳ ଠାରୁ ଲଗାଣ ବର୍ଷା ଜାରି ରହିବା ଫଳରେ ନୂଆସାହିରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ରାସ୍ତା ଉପରେ ଦୁଇ ଫୁଟରୁ ଅଧିକ ପାଣି ଚାଲୁଥିବା ବେଳେ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଛି। ରାସ୍ତାରେ ପାଣି ଅଧିକ ହୋଇଯିବା ଫଳରେ ଲୋକେ ଗାଡ଼ି ଗଡ଼େଇ ଗଡ଼େଇ ନେଉଥିବା ଦେଖିବାକୁ ମିଳିଛି। ଏପରି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନଗୁଡ଼ିକରେ ପାଣି ପଶିଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ବାଲେଶ୍ୱରରେ ଏହି ଡ୍ରେନ ସମସ୍ୟା ଦୀର୍ଘ ବର୍ଷ ଧରି ଲାଗି ରହିଛି। ବଲେଶ୍ୱରରେ ମହାନାଳ ଏବଂ ଏହାକୁ ସଂଯୋଗ କରୁଥିବା ବିଭିନ୍ନ ଛୋଟ ଓ ବଡ଼ନାଳଗୁଡିକୁ ସଠିକ ଭାବେ ସଫା କରାଯାଉ ନଥିବାରୁ ଏଭଳି ଅସୁବିଧା ପରିଲିକ୍ଷିତ ହେଉଛି। ଫଳରେ ଟିକେ ବର୍ଷା ହେଲେ ସହରରେ ସୃଷ୍ଟି ହେଉଛି କୃତ୍ରିମ ବନ୍ୟା। ଏହାକୁ ସ୍ଥାୟୀ ସମାଧାନ ପାଇଁ ପୌର ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ କୌଣସି ପ୍ରକାର ବ୍ୟବସ୍ଥା କରୁନଥିବା ବେଳେ ସାଧାରଣ ଲୋକେ ଏନେଇ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଆଜିର ଏହି ବର୍ଷା ଫଳରେ ରାସ୍ତାରେ ପାଣି ଚାଲୁଥିବା ବେଳେ ଦୋକାନଗୁଡ଼ିକରେ ମଧ୍ୟ ପାଣି ପଶିଯାଇଛି। ଫଳରେ ଅଧା ଦୋକାନ ଆଜି ସେଠାରେ ବନ୍ଦ ରହିଛି। ଏନେଇ ଜଣେ ସ୍ଥାନୀୟ ବାସିନ୍ଦା ରଘୁନାଥ ପଣ୍ଡା କହିଛନ୍ତି ଯେ, ନୂଆସାହିରେ ଏଭଳି ସଭସ୍ୟା ଦୀର୍ଘଦିନ ହେବ ଲାଗିରହିଛି। ଏହି ରାସ୍ତା ଉପରେ ଦୁଇଫୁଟରୁ ଅଧିକ ପାଣି ଚାଲୁଥିବା ବେଳେ ଯିବାଆସିବାରେ ଅସୁବିଧା ହେଉଛି। ଏପରିକି ସାଇକଲ ଚଲାଇ ଯିବା କଷ୍ଟକର ହେଉଥିବା ବେଳେ ବାଧହୋଇ ଗଡ଼େଇ ଯିବାକୁ ପଡୁଛି ବୋଲି କହିଛନ୍ତି। ଏବେ ତ ଲଘୁଚାପ ବର୍ଷା ହେଉଛି ଆଗକୁ ବଡ଼ ବର୍ଷା ମଧ ରହିଛି। ହେଲେ ମହାନାଳ ସଫେଇ କାର୍ଯ୍ୟ ସଠିକ ଭାବେ ହେଉନଥିବା ବେଳେ ଯାହାକି ସଫା ହେଉଛି ତାହା ଅଧାହୋଇ ରହିଯାଉଛି। କେବଳ ନାମକୁ ମାତ୍ର କୁହାଯାଉଛି ସଫା ହେଉଛି ବୋଲି ହେଲେ ବାସ୍ତବରେ ତାହା ନୁହେଁ। ଯଦି ବାସ୍ତବରେ ଏଭଳି ସଫେଇ କାର୍ଯ୍ୟ ହେଉଥାଆନ୍ତା ତେବେ ଆଜି ଏଭଳି ପରିସ୍ଥିତି ଦେଖିବାକୁ ମିଳିନଥାଆନ୍ତା ବୋଲି କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ, ଏଭଳି ବର୍ଷା ଆଗକୁ ଅଧିକ ହେବ ଫଳରେ ଲୋକେ ଅଧିକ ଅସୁବିଧାରେ ସମ୍ମୁଖୀନ ହେବେ। ଏଣୁ ଜିଲ୍ଲା ପ୍ରଶାସନ ଏଦିଗରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।






**ଦୁଇଦିନରେ ୮୮ମିମି ବର୍ଷାର ପରିମାଣ ରେକର୍ଡ**
**ଯାତାୟାତରେ ବାଧାପ୍ରାପ୍ତ**

## ଜିଏଲ୍ଆର୍ ଇନ୍‌ଫ୍ରା ପକ୍ଷରୁ ଗୃହପ୍ରବେଶ କାର୍ଯ୍ୟକ୍ରମ




**ଚାରୋଟି ଗୃହର ଚାବି ହସ୍ତାନ୍ତର**

ବାଲେଶ୍ୱର,୨୮।୬(ସମିସ): ପବିତ୍ର ରଥଯାତ୍ରା ଉପଲକ୍ଷେ ରାଣୀପାଣାସ୍ଥିତ ଜିଏଲଆର ଇନ୍‌ଫ୍ରା ପକ୍ଷରୁ ଗୃହପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୪ ଜଣଙ୍କୁ ଚାରୋଟି ଗୃହର ଚାବି ହସ୍ତାନ୍ତର ସହ ଘର ପ୍ରବେଶ କାର୍ଯ୍ୟକ୍ରମ କରାଯାଇଛି। ପାଛୁଡ଼ିଆସ୍ଥିତ ପଦ୍ମାବତୀ ପାର୍କରେ ଜିଏଲ୍ଆର୍ ପାର୍କ ସିଟିରେ ଦୁଇ ଜଣ ଏବଂ ଭୀମପୁରାଠାରେ ଜିଏଲ୍ଆର୍ ରିଭର ସିଟିରେ ଦୁଇ ଜଣ ଗ୍ରାହକଙ୍କୁ ଚାବି ହସ୍ତାନ୍ତର କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଏଲଆର ଇନଫ୍ରା ତରଫରୁ ଗ୍ରାହକଙ୍କୁ ଫୁଲତୋଡା, ମିଠା ଓ ଉପହାର ଦେଇ ଗୃହ ପ୍ରବେଶ କରାଯାଇଥିଲା। କମ୍ପାନୀର ନିର୍ଦ୍ଦେଶକ ମନୋଜ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଏହି ଗୃହ ପ୍ରବେଶ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ କମ୍ପାନିର ପରିଚାଳନା ନିର୍ଦ୍ଦେଶକ ନିମାଇଁ ଚରଣ ଦାସ, ଇତିଶ୍ରୀ ଜେନାଙ୍କ ସହିତ କମ୍ପାନିର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ।

## ନିଶା ନିରୋଧ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର,୨୮।୬(ସମିସ): ନିଶାମୁକ୍ତ ଶିକ୍ଷା ପାଇଁ ଉପଯୁକ୍ତ ବାତାବରଣ ଗଠନର ଉଦ୍ଦେଶ୍ୟ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ମିଳିତ ନିଶା ନିବାରଣ ଅଭିଯାନର ମିଳିତ ସହଯୋଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ନିଶା ସେବନ ଏକ ସନ୍ତୁଳିତ ଜୀବନକୁ ଦିଗଭ୍ରମିତ କରିଥାଏ ଯାହା ବ୍ୟକ୍ତିଗତ କ୍ଷମତାକୁ ନଷ୍ଟକରି ସମାଜର ନୈତିକ ମୂଲ୍ୟକୁ ନଷ୍ଟ କରିଦିଏ। ଏଣୁ ଏଦିଗରେ ସଚେତନ ହେବା ଓ ସଚେତନତା ସୃଷ୍ଟି କରିବା ଆମ ସମୁଦାୟ ଉପରେ ଏକ ସଂଯୁକ୍ତ ତଥା ବ୍ୟକ୍ତିଗତ ଦାୟିତ୍ୱର ଅନୁଭୂତି ଜନ୍ମାଇବା ସମସ୍ତଙ୍କ ପ୍ରଧାନ କର୍ତ୍ତବ୍ୟ ହେଉ। 'ମନା' ସଭାପତି ପ୍ରଭାକର ସାହୁ, ଜେନେରାଲ ସେକ୍ରେଟେରୀ ମମତା ମହାପାତ୍ର, ବରିଷ୍ଠ ଉପଦେଷ୍ଟା ସୁବ୍ରତ କର ଓ ଡ. କେଶବ ଚରଣ ପଣ୍ଡା ପ୍ରମୁଖ ଯୋଗଦେଇ ମାଦକଦ୍ରବ୍ୟ ସେବନର ମନୋବୈଜ୍ଞାନିକ ଓ ଶାରୀରିକ ପ୍ରଭାବ ବିଷୟରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀଙ୍କୁ ଏହି କୁଅଭ୍ୟାସ ଠାରୁ ବିରତ ରହିବା ଉପରେ ଜୋର୍ ଦେଇଥିଲେ। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ଓ କୁଳସଚିବ କୁକୁମୀନା ଦାସ ଯୁବବର୍ଗଙ୍କୁ ନିଶାମୁକ୍ତ ରହିବାକୁ ଉପଦେଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ପ୍ରକାର ଜନସଚେତନତା ଅଭିଯାନକୁ ସାରା ଶିକ୍ଷାବର୍ଷ ଅବଧିରେ ଜାରି ରଖିବାର ପ୍ରସ୍ତାବ ମଧ୍ୟ ରଖାଯାଇଥିଲା। ଯାହା ମାନସିକ ସ୍ୱାସ୍ଥ୍ୟ ଉପରେ କାର୍ଯ୍ୟଶୈଳୀ, ପରାମର୍ଶ କେନ୍ଦ୍ର ଓ ଉପଦେଶମୂଳକ କାର୍ଯ୍ୟକ୍ରମ ଆଦିକୁ ଅନ୍ତର୍ଭୁକ୍ତ କରାଯିବ। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ପ୍ରତିମା ପ୍ରଧାନ ସଞ୍ଚାଳନ କରିଥିଲେ। ଏନଏସଏସର ପ୍ରୋଗ୍ରାମ ଅଫିସର ଡ. ଅଭୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଲିଆ ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା**

## ମହିଳା ଟାଣିଲେ ଦେବୀ ସୁଭଦ୍ରାଙ୍କ ରଥ

ବାଲେଶ୍ୱର,୨୮ ।୬(ସମିସ)



ବାଲେଶ୍ୱର ସହର ଉପକଣ୍ଠ ବାଲିଆ ବୃନ୍ଦାବନ ଶାସନ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧା ଓ ଭକ୍ତିର ସହ ସମ୍ପନ୍ନ ହୋଇଛି ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା। ଘଣ୍ଟ ଘଣ୍ଟା, ଭଜନ ଓ କୀର୍ତ୍ତନ ସହ ଭକ୍ତଙ୍କ ଗହଣରେ ଶ୍ରୀଜୀଉମାନଙ୍କ ପହଣ୍ଡିବିଜେ କରାଯାଇଥିଲା। ଏକ ଭାବାବେଗମୟ ପରିବେଶ ମଧ୍ୟରେ ଶ୍ରୀବିଗ୍ରହମାନଙ୍କୁ ଗୋଟି ପହଣ୍ଡିରେ ଆଣି ତିନି ରଥରେ ଉପବିଷ୍ଟ କରାଯାଇଥିଲା। ଏହି ଅବସରରେ ବାଲେଶ୍ୱରର ମଝିକିଆସ୍ଥିତ ମା' ବୁଢ଼ୀବାସୁଳି କଳା ଓ ସଂସ୍କୃତି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଶ୍ରୀକ୍ଷେତ୍ର ପୁରୀ ନିବାସୀ ଅବସରପ୍ରାପ୍ତ କୃଷି ଅଧିକାରୀ ତଥା ପରିସଂଖ୍ୟାନ ସହାୟକ ସୁକାନ୍ତ କୁମାର ପତି ଛେରା ପହଁରା କରିବା ପରେ ଗ୍ରାମବାସୀ ରଥଟଣା କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ଶ୍ରୀ ବଳଭଦ୍ରଙ୍କ ରଥ, ପରେ ଦେବୀ ସୁଭଦ୍ରାଙ୍କ ରଥ ଓ ଶେଷରେ କାଳିଆ ସାଆନ୍ତଙ୍କ ନନ୍ଦିଘୋଷକୁ ବାଲିଆ ଖେଳପଡ଼ିଆସ୍ଥିତ ମାଉସୀ ମା' ମନ୍ଦିର ଅଭିମୁଖେ ହଜାର ହଜାର ଭକ୍ତ ଟାଣି ନେଇଥିଲେ। ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିବା ଲକ୍ଷ୍ୟ କରାଯାଇଥିଲା। ଅଧାବାଟରେ ଅଟକିଥିବା ତିନିରଥ ଟଣାଯାଇ ଆଜି ମାଉସୀ ମନ୍ଦିରରେ ସମସ୍ତ ରଥ ପହଞ୍ଚିଛି ବୋଲି ରଥଯାତ୍ରା ଉତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବାଲିଆ ବୃନ୍ଦାବନ ଶାସନରେ ୧୯୯୬ମସିହାରେ ପ୍ରତିଷ୍ଠା ହୋଇଥିବା ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଦୀର୍ଘ ୩୯ବର୍ଷ ଧରି ଏହି ରଥଯାତ୍ରା ମହା ସମାରୋହରେ ଆୟୋଜିତ ହୋଇଆସୁଛି ବୋଲି ଉତ୍ସବ କମିଟିର କର୍ମକର୍ତ୍ତାମାନେ କହିଛନ୍ତି। କମିଟିର ସଭାପତି ରବିନାରାୟଣ ପାଣିଗ୍ରାହୀ ଓ ସମ୍ପାଦକ ଉତ୍ତମ ପାତ୍ରଙ୍କ ସମେତ ରତିକାନ୍ତ ରାଉତ, ଅମରେନ୍ଦ୍ର ମହାନ୍ତି, ବନମାଳୀ ନାୟକ, ଅପୂର୍ବ ରଞ୍ଜନ ପାଣିଗ୍ରାହୀ, ଜିତେନ୍ଦ୍ର ପ୍ରସାଦ ଦାସ, ସମରେନ୍ଦ୍ର ଦାସ ରଥଯାତ୍ରାର ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ବୃନ୍ଦାବନ ଶାସନ ସମେତ ବାଲିଆ ଓ ଆଖପାଖ ଅଞ୍ଚଳରୁ ଆବାଳବୃଦ୍ଧବନୀତା ଏହି ରଥଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି।

### ସହଦେବଖୁଣ୍ଟାରେ ପବିତ୍ର ରଥଯାତ୍ରା

ବାଲେଶ୍ୱର: ଶ୍ରୀ ଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ସମାପ୍ତ ହୋଇଛି। ସହଦେବଖୁଣ୍ଟା ଗୋଶାଳାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରୁ ରଥରେ



ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ସୁଭଦ୍ରାଦେବୀଙ୍କ ସହ ସୁଦର୍ଶନଙ୍କ ପହଣ୍ଡି ବିଜେ ପରେ ରଥଟଣା ଆରମ୍ଭ ହୋଇଥିଲା। ଶହଶହ ଶ୍ରଦ୍ଧାଳୁ ରଥକୁ ଟାଣିଟାଣି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବ୍ୟାସକବିନଗରସ୍ଥିତ ଶ୍ରୀବିଶ୍ୱେଶ୍ୱର ମନ୍ଦିର ପରିସରରେ ନିର୍ମିତ ମାଉସୀ ମା' ମନ୍ଦିରରେ ପହଞ୍ଚାଇଥିଲେ। ଶହଶହ ଜଗନ୍ନାଥପ୍ରେମୀଙ୍କ ଉପସ୍ଥିତିରେ ଓ ଘଣ୍ଟଘଣ୍ଟା ଶଙ୍ଖନାଦରେ ଚତୁର୍ଦ୍ଧାମୂର୍ତ୍ତି ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିଥିଲେ। 'ଜୟ ଜଗନ୍ନାଥ' ଧ୍ୱନିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସନ୍ଧ୍ୟା ଆଳତୀର ଅପୂର୍ବ ଦୃଶ୍ୟ ଭକ୍ତମାନେ ଦର୍ଶନ କରି ଆତ୍ମତୃପ୍ତି ଲାଭ କରିଥିଲେ। ଚଳିତ ବର୍ଷ ଭକ୍ତଙ୍କ ସଂଖ୍ୟା ଗତବର୍ଷ ଠାରୁ ବୃଦ୍ଧି ପାଇଥିଲା। ମହାପ୍ରଭୁଙ୍କର ଏହି ନବଦିନ ଯାତ୍ରା ଅବସରରେ ପ୍ରତ୍ୟହ ବିଧି ଅନୁସାରେ ପୂଜାର୍ଚ୍ଚନା ଓ ସନ୍ଧ୍ୟାରେ ଭଜନକୀର୍ତ୍ତନ ପ୍ରଭୃତି ଆଧ୍ୟାତ୍ମିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାସକବି ନଗର ବିକାଶ ପରିଷଦର କର୍ମକର୍ତ୍ତା ଓ ରୟାଲ କମ୍ୟୁନିଟି ସେଣ୍ଟରର ସଦସ୍ୟମାନଙ୍କ ସହଯୋଗରେ ଏହି ନବଦିନର ନିର୍ଦ୍ଧାରିତ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମାପ୍ତ ହେବ ବୋଲି ସ୍ଥାନୀୟ ଜନସାଧାରଣ ଆଶାବ୍ୟକ୍ତ କରିଛନ୍ତି। ଆସନ୍ତା ୫ତାରିଖ ଅପରାହ୍ଣରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହେବ ବୋଲି ସ୍ଥାନୀୟ ଅଧିବାସୀ ଗୌରାଙ୍ଗ ପାଣିଗ୍ରାହୀ କହିଛନ୍ତି।

### ତାଳବୋରାଇ ଗ୍ରାମରେ ପ୍ରଥମ ରଥଯାତ୍ରା

ବାଲେଶ୍ୱର: ସଦର ବ୍ଲକ ପରିଖି ପଞ୍ଚାୟତସ୍ଥିତ ତାଳବୋରାଇ ଗ୍ରାମର ନୂତନ ଶ୍ରୀଜଗନ୍ନାଥ ମନ୍ଦିର ଆନୁକୂଲ୍ୟରେ ପ୍ରଥମ ରଥଯାତ୍ରା ଅନୁଷ୍ଠିତ



ହୋଇଯାଇଛି। ତେବେ ରଥଯାତ୍ରା ଉପଲକ୍ଷେ ଏଠାରେ ମଧ ଗ୍ରାମବାସୀମାନଙ୍କ ତରଫରୁ ତିନି ବିଗ୍ରହଙ୍କୁ ରଥରେ ବସାଇ ଗାଁର ମୁଖ୍ୟରାସ୍ତାରେ ପରିକ୍ରମଣ କରାଇ ଅସ୍ଥାୟୀ ମାଉସୀ ମା' ମନ୍ଦିରରେ ରଖାଯାଇଛି। ଏଅଞ୍ଚଳର ଏହାପ୍ରଥମ ରଥଯାତ୍ରା ହୋଇଥିବାରୁ ଅଞ୍ଚଳବାସୀଙ୍କ ମନରେ ଉଦ୍ଦୀପନା ପ୍ରକାଶ ପାଇଥିଲା। ଶ୍ରଦ୍ଧାଳୁମାନେ ଅପରାହ୍ନରେ ପାରମ୍ପାରିକ ବାଦ୍ୟଯନ୍ତ୍ର ବଜାଇ ତିନି ଠାକୁରଙ୍କୁ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ନେଇଯାଇଥିଲେ। ପ୍ରତିଷ୍ଠାତା ଡ. ପ୍ରଦୀପ କୁମାର ପାତ୍ର, ତାଙ୍କ ସହଧର୍ମିଣୀ ସୁନିତା ପାତ୍ର, ମନ୍ଦିର ନିର୍ମାଣ ଓ ମନ୍ଦିର ପ୍ରତିଷ୍ଠାର ମୁଖ୍ୟ ସହାୟକ ଭୁବନ ମୋହନ ସାହୁ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ପାତ୍ର, ତରୁଲତା ପାତ୍ର, ସତ୍ୟଜିତ୍ ପାତ୍ର, ନିତ୍ୟାନନ୍ଦ ପାତ୍ର, ସୌମ୍ୟପ୍ରକାଶ ପାତ୍ର, ବିକ୍ରମାଦିତ୍ୟ ପାତ୍ର, ସରୋଜ ବେହେରା, ମନୋଜ ବେହେରା, ଜୟଗୋପାଳ ପାତ୍ର, ନିର୍ମଳ ପ୍ରଧାନ, ଶିବନାଥ ସିଂହ, ଶ୍ରୀଶେଶ୍ୱର କରଣ ପ୍ରମୁଖ ଗ୍ରାମବାସୀ ଯାତ୍ରା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସନ୍ଧ୍ୟାରେ କେନ୍ଦ୍ରାପଡ଼ାରୁ ଆସିଥିବା ରସରାଜ ବସନ୍ତ ବେହେରା ଓ ସାଥୀମାନଙ୍କ ଦ୍ୱାରା ପାଲା ଗାୟଣ ଅନୁଷ୍ଠିତ ହୋଇଥିଲା।

## ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା




ବାଲେଶ୍ୱର,୨୮।୬(ସମିସ): ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତ ସାଉଁ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଗାମୀ ପ୍ରତିଷ୍ଠା ଦିବସ ଏବଂ ବନ ମହୋତ୍ସବକୁ ଆଖି ଆଗରେ ରଖି ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ସାଉଁ ତରଫରୁ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଜଳଧର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ସଭାକୁ ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ କେଶୁ ଦାସ ଉଦ୍‌ଘାଟନ କରିଥିବା ବେଳେ ପ୍ରାକ୍ତନ ଓଡିଆ ସାହିତ୍ୟ ଏକାଡେମୀ ସଦସ୍ୟ ଡ. କାଳିପଦ ପଣ୍ଡା ମୁଖ୍ୟଅତିଥି ଭାବରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ଦ୍ରୋଣାଚାର୍ଯ୍ୟ ପଟ୍ଟାୟତ, ବିଚାରକ, ଶିକ୍ଷାବିତ ପୁଷ୍ପିତା ଦାସ, ବନଲତା ଦାସ, ଗଦାଧର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ସୁଧାକର ସେଠୀ ପ୍ରାକକଥା ରଖିଥିବା ବେଳେ ମଞ୍ଚ ଆହ୍ୱାନ କରିଥିଲେ ମନ୍ମଥ କୁମାର ବାରିକ। ଶେଷରେ ସହ ସମ୍ପାଦକ ସତ୍ୟନାରାୟଣ ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ। ମୁଖ୍ୟ ପରିଚାଳନାରେ ସବ୍ୟସାଚୀ ପ୍ରଧାନ, ଜୟଶ୍ରୀ ରାଉତ, ସନତ କୁମାର ପରିଡା, ହେମେନ୍ଦ୍ର କୁମାର ବୁଗୁଡେଇ ଥିବାବେଳେ ଶିକ୍ଷୟିତ୍ରୀ ଇତିଶ୍ରୀ ବେହେରା, ଶ୍ରଦ୍ଧାଞ୍ଜଳି ମଲ୍ଲିକ, ଗୀତାଞ୍ଜଳି ପାତ୍ର, ଚିନ୍ମୟୀ ପାତ୍ର ଏବଂ ଶିକ୍ଷକ ପ୍ରଶାନ୍ତ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆସନ୍ତା ଜୁଲାଇ ୭ ତାରିଖରେ ବିଦ୍ୟାଳୟର ପ୍ରଥମ ଥର ପାଇଁ ପାଳିତ ହେବାକୁ ଯାଉଥିବା ପ୍ରତିଷ୍ଠା ଦିବସ ଏବଂ ବନ ମହୋତ୍ସବରେ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ ବୋଲି ସଭାପତି ଶ୍ରୀ ସାମଲ ଘୋଷଣା କରିଥିଲେ।

## ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ସେବାକାର୍ଯ୍ୟ ପ୍ରଦାନ

ବାଲେଶ୍ୱର,୨୮।୬(ସମିସ): ଘୋଷଯାତ୍ରା ଅବସରରେ ବାଲେଶ୍ୱର ଜୟ ବଜରଙ୍ଗବାଲି ଟ୍ରାଭେଲ୍ସ ଏବଂ ଆମ୍ବୁଲାନ୍ସ ସର୍ଭିସ ତତଫରୁ ପୁରୀ ବଡ଼ଦାଣ୍ଡରେ ବିଭିନ୍ନ ସେବା କାର୍ଯ୍ୟ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସଂଗଠନ ତରଫରୁ ୫୦୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ହାଲୁଆ, ଲେମ୍ବୁ ସର୍ବତ, ଦହି ସର୍ବତ, ରନ୍ଧା ଖାଦ୍ୟ, ପାଣି ବଣ୍ଟନ, ଶାନ୍ତିଶୃଙ୍ଖଳା ରକ୍ଷା, ପାଣି ସିଞ୍ଚନ, ବଡ଼ଦାଣ୍ଡ ସଫେଇ, ଷ୍ଟ୍ରେଚର ସେବା, ଆଶୁ ଚିକିତ୍ସା, ଗ୍ଲୁକୋଜ ପାଣି, ଟ୍ରାଫିକ ନିୟନ୍ତ୍ରଣ ଆଦି କାର୍ଯ୍ୟ କରାଯାଇଛି। ଟ୍ରାଭେଲ୍ସ ମାଲିକ ବିଶ୍ୱଜିତ ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଅଜୟ ସାହାଣୀ, ରାଜକୁମାର ସାହାଣୀ, ପ୍ରତିମା ପ୍ରଧାନ, ରାଜକୁମାର ରାଉତ୍, ଜୟଶ୍ରୀ ପାତ୍ର, ଝିଲି ଦାସ, ଆଶିଷ ରାଉତ୍ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ଚାରାରୋପଣ



ବାଲେଶ୍ୱର,୨୮ ।୬(ସମିସ): ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଚାଲୁରହିଛି । ଏହିକ୍ରମରେ ଶନିବାର ବିଜେପି ପକ୍ଷରୁ ଜିଲ୍ଲା ସଭାପତି ଇଶ୍ୱରଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ପୂର୍ବାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଲୋକ ରଞ୍ଜନ ରାୟସମସ୍ତ ପ୍ରକାର ସହାୟତା କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଲମ୍ବୋଦର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା, କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ବେଣୁଧର ସାହୁ, ସୁଷମା ବିଶ୍ୱାଳ, ବିପିନ ମାଣ୍ଡି, ଶିବପ୍ରସାଦ ଦାସ, ସଙ୍ଗ୍ରାମ କେଶରୀ ଦାସ, ଜିଲ୍ଲା ସମ୍ପାଦକ ବିଜୟ ସାହୁ ଓ ସୁବୋଧଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ନିଳାଚଳ ପରିବାର ଓ ଆୟୁଷ୍ମାନ ଫାଉଣ୍ଡେସନର ଜଳସେବା



ଖଇରା,୨୮ ।୬(ସମିସ): ହରିଆନା ଗୁରୁଗ୍ରାମସ୍ଥିତ ସେକ୍ଟର୧୮ ସ୍ଥିତ ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଛି । ଭକ୍ତଙ୍କର ପ୍ରବଳ ଭିଡ଼ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଦିଲ୍ଲୀର ୨ ଓଡ଼ିଆ ସାମାଜିକ ସଂଗଠନ ନିଳାଚଳ ପରିବାର ଓ ଆୟୁଷ୍ମାନ ଫାଉଣ୍ଡେସନ ତରଫରୁ ଘୋଳଦହି ସର୍ବତ ଓ ପାନୀୟ ଜଳ ବୋତଲ ବଣ୍ଟନ କରାଯାଇଥିଲା । ସଂଗଠନର ସଦସ୍ୟମାନେ ମଧ୍ୟାହ୍ନ ୧୨ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଏହି ସେବା ପ୍ରଦାନ କରିଥିଲେ । ନିଳାଚଳ ପରିବାରର ସଭାପତି ବିପ୍ଲବ କୁମାର ପଣ୍ଡା, ସମ୍ପାଦକ ଜୟଦେବ ପତି, ଉପସଭାପତି ବିଶ୍ୱରଞ୍ଜନ ସାହୁ ଓ କୋଷାଧ୍ୟକ୍ଷ ବିଜୟ ରାଉତ ତଥା ଆୟୁଷ୍ମାନ ଫାଉଣ୍ଡେସନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଦୁଇ ସଂଗଠନର ସଦସ୍ୟ ଦିପଙ୍କର ଶ, ବିଶ୍ୱରଞ୍ଜନ ସେଠୀ, ସତ୍ୟଶିବ ନାୟକ, ଶରତ କୁମାର, ବିକାଶ ସ୍ୱାଇଁ, ସୁଶାନ୍ତ ମଲ୍ଲିକ, ନନ୍ଦ କିଶୋର ସାମନ୍ତ, ପ୍ରଶାନ୍ତ ପଣ୍ଡା, ରାଜକିଶୋର ପଣ୍ଡା, ନିର୍ମାଲ୍ୟ ଦାସ, ରାଜକିଶୋର ପଣ୍ଡା, ନିର୍ମାଲ୍ୟ ଦାସ, ସତ୍ୟଶିବ ପାତ୍ର, ଉକ୍ରଳକେଶରୀ ପଣ୍ଡା, ରବିନ୍ଦ୍ର ସ୍ୱାଇଁ, ବାପି ନାୟକ ପ୍ରମୁଖଙ୍କ ସହଯୋଗରେ ଏହି ମହତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

# ହାତୀର ଗଳିତ ଦେହାବଶେଷ ଉଦ୍ଧାର ଘଟଣା; ଆଉ ୪ ଶିକାରୀ ଗିରଫ

## ୩ ଦେଶୀ ବନ୍ଧୁକ ଓ ଶିକାରରେ ବ୍ୟବହୃତ ସାମଗ୍ରୀ ଜବତ

ନୀଳଗିରି,୨୮ ।୬(ସମିସ)

ହାତୀର ଗଳିତ ଦେହାବଶେଷ ଉଦ୍ଧାର ଘଟଣାରେ ଆଉ ୪ଜଣ ହାତୀଦାନ୍ତ ଶିକାରୀ ଗିରଫ ହୋଇଥିବା ନେଇ ବନ ବିଭାଗ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । କୁଲଡ଼ିହା ଅଭୟାରଣ୍ୟ ପୁଟିବନ୍ଧ ହୁଡ଼ିସାହି ଅଞ୍ଚଳରେ ଗତ ୧୫ ତାରିଖ ଦିନ ଏକ ହାତୀର ଗଳିତ ଦେହାବଶେଷ ମିଳିଥିବା ବେଳେ ବନବିଭାଗ ତଦନ୍ତ ଜାରିରଖିବା ସହିତ ଶିକାରୀ ସନ୍ଧାନରେ ଜାଲ ବିଛାଇଥିଲା । ବିଶେଷ ସୂତ୍ରରୁ ଖବରପାଇ ଗତ ୧୭ ତାରିଖ ପୁଟିବନ୍ଧ ଗ୍ରାମରୁ ଦଶରଥ ସିଂ ନାମକ ଜଣେ ସନ୍ଦିଗ୍ଧ ଶିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା । ଦଶରଥକୁ ଗିରଫ କରିବାପରେ ହାତୀ ମୃତ୍ୟୁର ସୁରାକ ପାଇଥିଲା ବନବିଭାଗ । ଗିରଫ ହୋଇଥିବା ଅଭିଯୁକ୍ତର ବୟାନକୁ ଆଧାରକରି ହାତୀ ଶିକାରରେ ଜଡ଼ିତ ଅନ୍ୟ ଅଭିଯୁକ୍ତକୁ ଧରିବାପାଇଁ ଜାଲ ବିଛାଇଥିଲା ବନବିଭାଗ । ଶେଷରେ ଅନ୍ୟ ୪ଜଣ ଶିକାରୀଙ୍କୁ ଧରିବାରେ ସଫଳ ହୋଇଥିଲା ବନବିଭାଗ । ଏନେଇ ଶନିବାର ଅପରାହ୍ଣ ୨ଟାରେ ଏସିଏଫ୍ ଶୋଭନଦିଗନ୍ତ ଚାନ୍ଦ ଏବଂ କୁଲଡ଼ିହା



ରେଞ୍ଜ ଅଧିକାରୀ ସୁବ୍ରତ କୁମାର ବେହେରା ସାମ୍ବାଦିକ ସମ୍ମିଳନୀରେ ୪ଶିକାରୀଙ୍କୁ ଗିରଫ କରାଯାଇଥିବା ସୂଚନା ଦେଇଛନ୍ତି । ଏଥିସହିତ ସେମାନଙ୍କ ନିକଟରୁ ୩ଟି ଦେଶୀବନ୍ଧୁକ, ୩ଟି ହାତୀକଳଦାନ୍ତ, ୨୦ଗ୍ରାମ ନାଲି ଓ ୨୫୦ଗ୍ରାମ କଳା ଗନ୍ ପାଉଡର, ୨୦ବିସ୍ଫୋରକ, ଗୋଟିଏ ଲୁହାଛଡ଼, ୨ସେଟ୍ ସୂତାଫାଶ, ୨ସେଟ୍ ଜିଆଇ ଫାଶ, ୨୧ପ୍ୟାକେଟ କ୍ଲଚ୍‌ତାର, ୨ଟି କତା, ଗୋଟିଏ ଟାଙ୍ଗିଆ, ୧୫୦ଗ୍ରାମ ବଜ୍ରକାପ୍ତା କାତି, ବେଲେରା ଚମଡା, ବାରହା ଦାନ୍ତ, ଝିଙ୍କକାଠି ୧୫ଟି, ସମ୍ବର ଶିଙ୍ଗ ଓ ଖପୁରୀ ଜବତ କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ୪ଅଭିଯୁକ୍ତ ଶିକାରୀହେଲେ ପୁଟିବନ୍ଧ ଗ୍ରାମର ମୁନାସିଂ(୨୩), ତପନ ମାଝୀ (୨୩), ଲେକେ ସିଂ (୩୦) ପଣ୍ଡା ସିଂ (୩୦) । ତେବେ ସାମ୍ବାଦିକ ସମ୍ମିଳନୀରେ ଶିକାରୀଙ୍କ ଗିରଫଦାରୀର ସ୍ଥାନକୁ ନେଇ ଅଧିକାରୀମାନେ ଦେଇଥିବା ବୟାନର ସତ୍ୟାସତ୍ୟକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବେଶପ୍ରେମୀ ଏବଂ ସାଧାରଣଜନତା । ବନବିଭାଗର ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଶୁକ୍ରବାର ଅପରାହ୍ଣରେ ଦେଇଥିବା ବୟାନକୁ ନେଇ ଅନେକ ପ୍ରଶ୍ନ ଉଠିଛି । ବନବିଭାଗ ଅଭିଯୁକ୍ତ ଶିକାରୀଙ୍କୁ ସଜନାଗଡ଼ ରାସ୍ତାରେ ଗିରଫ କରିଥିବା କହୁଥିବା ବେଳେ ପୂର୍ବତନ ବିଧାୟକ ଶ୍ରୀ ନାୟକ ଭୁଲଡାଙ୍ଗର ଅଧୀନସ୍ଥ ଫାର୍ମହାଉସରେ ସଂପୃକ୍ତ ଶିକାରୀଙ୍କୁ ଗିରଫ କରାଯାଇଥିବାର ସୂଚନା ଦେଇଥିଲେ ଯାହା ତାଙ୍କ ନିକଟରେ ଯଥେଷ୍ଟ ପ୍ରମାଣଥିବା କହିଛନ୍ତି । ତେବେ ସାମ୍ବାଦିକ ସମ୍ମିଳନୀରେ ଫାର୍ମହାଉସରୁ ଶିକାରୀମାନେ ଗିରଫ ହୋଇଥିବା ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଅଧିକାରୀମାନେ କହିଥିଲେ । ଏନେଇ ପୁନର୍ବାର ପୂର୍ବତନ ବିଧାୟକଙ୍କ ମତ ନିଆଯାଇଥିବା ବେଳେ ଅଧିକାରୀମାନେ ନିଜକୁ ସୁରକ୍ଷିତ ରଖିବାପାଇଁ ଏପରି ବୟାନ ଦେଇଥିବା କହିଥିବା ବେଳେ ଦରକାର ପଡ଼ିଲେ ସମସ୍ତ ତଥ୍ୟ ଲୋକଲୋଚନକୁ ଦିଆଯିବ ବୋଲି କହିଛନ୍ତି । ତେବେ ଏଭଳି ସଙ୍ଗୀନ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି ।

## ତହସିଲଦାରଙ୍କ ଅଚାନକ ଚଢ଼ଉ

# ପଥର ବୋଝେଇ ଡମ୍ଫର ଜବତ; ଚାଳକ ଫେରାର

ସୋର,୨୮ ।୬(ସମିସ): ଆଜି ରାତିରେ ପ୍ରବଳ ବର୍ଷା ସତ୍ତ୍ୱେ ସୋର ତହସିଲଦାର ଦୈତାରୀ ମଲ୍ଲିକ ସ୍ଥାନୀୟ ପୁଲିସ ସହାୟତାରେ ସୋର-ବାଗୁଡି ରାସ୍ତାର ଆଙ୍ଗୁଳା ଛକ ନିକଟରେ ଅଚାନକ ଚଢ଼ଉ କରିଥିଲେ । ଏହି ସମୟରେ ବାଗୁଡିରୁ ପଥର ବୋଝେଇ କରି ଆସୁଥିବା ଓଆର ୧୬ ଡି ୩୬୭୯ ନମ୍ବର ବିଶିଷ୍ଟ ଏକ ଡମ୍ଫରକୁ ଜବତ କରିଥିବା ବେଳେ ଏହାର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଶ୍ରୀ ମଲ୍ଲିକ ଖଣି ବିଭାଗକୁ ଖବର ଦେଇଥିଲେ ମଧ୍ୟ ଖଣି ବିଭାଗ ତରଫରୁ କୌଣସି ଅଧିକାରୀ ଘଟଣାସ୍ଥଳରେ ନ ପହଞ୍ଚିବାରୁ ଗାଡିଟିକୁ ଜବତ କରି ସୋର ଥାନାରେ ଜିମା ଦେଇଛନ୍ତି । ଖଣି ବିଭାଗ ପକ୍ଷରୁ ବାଗୁଡ଼ିରେ କ୍ୟାମ୍ପ ବସାଯାଇଥିଲେ ମଧ୍ୟ ଉକ୍ତ କ୍ୟାମ୍ପ ଦେଇ କିପରି ପଥର ଚୋରା ଚାଲାଣ ହେଉଛି ତାକୁ ନେଇ ଖଣି ବିଭାଗର କାର୍ଯ୍ୟକଳାପ ଉପରେ ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହିତ ପଥର ଚୋରି ରୋକିବାକୁ ସାଧାରଣରେ ଦାବି ହୋଇଛି ।

## ରାଇବଣିଆରେ ୧୪ ଟିକିଆ ହାତୀପଲଙ୍କ ଉପଦ୍ରବ

ଜଳେଶ୍ୱରବ୍ଲକ,୨୮ ।୬(ସମିସ): ରାଇବଣିଆ ଅଞ୍ଚଳରେ ପୁଣି ଗତ କିଛିଦିନ ହେଲା ଶିମିଳିପାଳରୁ ଆସିଥିବା ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି । ସନ୍ଧ୍ୟାହେଲେ ସ୍ଥାନୀୟ ଲୋକେ ଭୟଭୀତ ହୋଇରହୁଛନ୍ତି । ହାତୀପଲଙ୍କ ଉତ୍ପାତ ପାଇଁ ଲୋକେ ସମସ୍ୟା ଭୋଗୁଛନ୍ତି । ସାଧାରଣ ଆଦିବାସୀମାନଙ୍କର ଜୀବିକା କହିଲେ ଜଙ୍ଗଲରେ ଶାଳପତ୍ର ତୋଳି ସେଥିରୁ ଉପାର୍ଜିତ ଅର୍ଥରୁ ପରିବାର ପ୍ରତିପୋଷଣ କରିଥାନ୍ତି । ବର୍ଷର ଅଧିକାଂଶ ସମୟରେ ଖାଦ୍ୟ ଅନ୍ୱେଷଣରେ ରାଇବଣିଆ ଅଞ୍ଚଳର ବିଭିନ୍ନ ଜଙ୍ଗଲକୁ ପ୍ରବେଶ କରିଥାନ୍ତି । ତେଣୁ ଆଦିବାସି ସଂପ୍ରଦାୟର ଲୋକମାନଙ୍କର ଜୀବିକା ଉପରେ ଘୋର୍ ପ୍ରଭାବ ପଡିଛି । ତତ୍‌ସହିତ ରାଇବଣିଆ ଅଞ୍ଚଳକୁ ହାତୀ ପାଇଁ ସ୍ୱତନ୍ତ୍ର ବିଧି ବ୍ୟବସ୍ଥା ନ ଆଣିଲେ ଆଗମୀ କିଛି ବର୍ଷ ମଧ୍ୟରେ ରାଇବଣିଆ ଅଞ୍ଚଳରେ ଅନେକେ ଚାଷୀ ଜଙ୍ଗଲ ଉପରେ ନିର୍ଭର କରୁଥିବା ଆଦିବାସି ବ୍ୟାପକ କ୍ଷତିଗ୍ରସ୍ତ ହେବାକୁ ଯାଉଛି । ରାଇବଣିଆ ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ ବୋଲି ସାଧାରଣ ଲୋକେ ମତପ୍ରକାଶ କରିଛନ୍ତି ।

# ପରିଦର୍ଶିକାଙ୍କୁ ୱାସିଂମେସିନ ନଦେବାରୁ ଅଙ୍ଗନବାଡ଼ିକର୍ମୀଙ୍କୁ ନିର୍ଯାତନା

## କର୍କଟ ପୀଡ଼ିତା ଅଙ୍ଗନବାଡ଼ିକର୍ମୀଙ୍କୁ ୨ଘଣ୍ଟା ସଭାଗୃହ ବାହାରେ ଛିଡ଼ାକଲେ



ପଞ୍ଚଲିଙ୍ଗେଶ୍ୱର,୨୮ ।୬(ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅଧୀନ ନୟାପାଟଣା ଗାଁ ଅଙ୍ଗନବାଡ଼ି କେନ୍ଦ୍ରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଗତ ଗୁରୁବାର ଔପଦା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗ (ଆଇସିଡିଏସ) ତରଫରୁ ସନ୍ତରାଗଡ଼ିଆ ସେକ୍ଟରର ମଣ୍ଡଳ ପରିଦର୍ଶିକା ଅଗଣି ଜେନାଙ୍କ ନେତୃତ୍ୱରେ ୧୯ ଜଣ ଅଙ୍ଗନବାଡ଼ି କର୍ମୀଙ୍କୁ ନେଇ ଏକ ସେକ୍ଟର ମିଟିଂ ଅନୁଷ୍ଠିତ ହୋଇଥିଲା । ଏହି ସମୟରେ ମଣ୍ଡଳ ପରିଦର୍ଶିକା ସଭାଗୃହରେ କାଣ୍ଡଗରଡି ପଞ୍ଚାୟତ ଅଧୀନ ସିକିଡିଆ ଅଙ୍ଗନବାଡ଼ିର କର୍ମୀ ନିକୁଞ୍ଜବାସିନୀ ରଥଙ୍କୁ ବିଭିନ୍ନ କଟୁ କଥା କହି ଗାଳିଗୁଲଜ କରିଥିଲେ । ଏପରିକି ଉକ୍ତ ସଭାଗୃହ ବାହାରକୁ ମଧ୍ୟ ପଠାଇ ଦେଇଥିଲେ । ଦଣ୍ଡ ମୁତାବକ ତାଙ୍କୁ ଉକ୍ତ ନୟାପାଟଣା ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ଛିଡା ହେବାକୁ କହିଥିଲେ । ଦୀର୍ଘ ୨ଘଣ୍ଟାରୁ ଅଧିକ ସମୟ ଧରି ସେ ଛିଡ଼ାହେବାର ଦେଖି ସ୍ଥାନୀୟ ଲୋକଙ୍କ ମନରେ ଭ୍ରମ ସୃଷ୍ଟି ହୋଇଥିଲା । ଶ୍ରୀମତୀ ରଥ ୨୦୧୫ରୁ କର୍କଟ ରୋଗରେ ଆକ୍ରାନ୍ତ ଥିବାରୁ, ସେ ଦୀର୍ଘ ଦୁଇଘଣ୍ଟା ଅଙ୍ଗନବାଡ଼ି ବାହାରେ ଛିଡ଼ାହୋଇ ନିଜକୁ ଯେତେବେଳେ ଅସୁସ୍ଥ ମନେକଲେ, ସେତେବେଳେ ସେ ଅଙ୍ଗନବାଡ଼ି ସଂଘର ସହାୟତା ଲୋଡ଼ିଥିଲେ । ଖବର ପାଇ ସଂଘର ସଭାପତି ଜମ୍ବୁବତି ମହାନ୍ତି ପହଞ୍ଚିଥିଲେ । ସେ ଖରାରେ ଛିଡ଼ା ହୋଇଥିବାର ଦେଖି, ତାଙ୍କୁ ଭିତରେ ନେଇ ବସାଇଥିଲେ । ଘଟଣା ବାବଦରେ ମଣ୍ଡଳ ପରିଦର୍ଶିକା ଅଗଣି ଜେନାଙ୍କ ସହ ଆଲୋଚନା କରିଥିଲେ । ସମ୍ପୂର୍ଣ୍ଣ ଘଟଣା ବୁଝିବାରୁ ଜଣାପଡ଼ିଥିଲା ଯେ, କିଛିଦିନ ତଳେ ଅଗଣିଙ୍କ ଝିଅର ବିବାହ ହୋଇଛି । ଝିଅର ବିବାହରେ ଅଗଣି ଶ୍ରୀମତୀ ରଥଙ୍କୁ ୱାସିଂମେସିନ ଦେବାକୁ କହିଥିଲେ । ଶ୍ରୀମତୀ ରଥ ବିବାହରେ ଉପହାର ସ୍ୱରୂପ ୱାସିଂମେସିନ ନ ଦେବାରୁ ଅକ୍ରୋଶମୂଳକ ଭାବେ ଏମିତି କରିଛନ୍ତି ବୋଲି ଅଙ୍ଗନବାଡ଼ି ସଂଘ ସଭାପତି ଜମ୍ବୁବତୀ ମହାନ୍ତି ସାମ୍ବାଦିକଙ୍କ ସମ୍ମୁଖରେ କହିଛନ୍ତି । କେଉଁ ଅଧିକାରରେ ଜଣେ କର୍କଟ ରୋଗୀଙ୍କୁ ଏଭଳି ଖରାରେ ଘଣ୍ଟାଘଣ୍ଟା ଧରି ବାହାରେଛିଡା କରାଇଥିଲେ? ପ୍ରକୃତରେ କିଏ ଅନୁମତି ଦେଇଥିଲେ । ଘଟଣାକୁ ନେଇ ମଣ୍ଡଳ ପରିଦର୍ଶିକା ଅଗଣି ଜେନାଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଥିଲେ ମୁଁ ସଭା ମଧ୍ୟରେ କାହାକୁ ରଖିବି କାହାକୁ ଖୋଲିବି ସେଟା ମୁଁ ନିଷ୍ପତ୍ତି ନେବି । ସେ ସମ୍ପୂର୍ଣ୍ଣ ଭାବେ ଅସହଯୋଗ କରିଥିଲେ । ଏବାବଦରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ ଉକ୍ତ ଘଟଣାର ତଦନ୍ତ ପରେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ।

# ବାକି ଟଙ୍କାକୁ ନେଇ ଠେଲାପେଲା; ଜଣେ ମୃତ

ଖଇରା,୨୮ ।୬(ସମିସ): ବାଲେଶ୍ୱର ଜିଲ୍ଲା ଅଧୀନ ଖଇରା ବଜାରରୁ ଅନତିଦୂରରେ ଭୋଜି ବେଳେ ପୁରୁଣା ବାକି ଟଙ୍କା ଦିଆନିଆକୁ ନେଇ ପ୍ରଥମେ ପାଟିତୁଣ୍ଡ ଓ ପରେ ଠେଲାପେଲା ଯୋଗୁଁ ଜଣକର ମୃତ୍ୟୁ ଘଟିଛି । ମୃତକ ହେଲେ ଖଇରା ବଜାର ସଂଲଗ୍ନ ପୁରୁଷୋତ୍ତମପୁର ଗ୍ରାମର ଜୟକୃଷ୍ଣ ସାହୁ(୫୧) । ପୁରୁଣା ବାକିଥିବା ୪୦ ହଜାର ଟଙ୍କା ମାଗିବାକୁ ନେଇ ଜୟକୃଷ୍ଣଙ୍କୁ ଠେଲାପେଲା କରାଯିବା ଏବଂ ଏଥିଯୋଗୁଁ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ନେଇ ପତ୍ନୀ ସଞ୍ଜୁରାଣୀ ଖଇରା ଥାନାରେ ଅଭିଯୋଗ କରିଥିଲେ । ପରେ ଖଇରା ପୁଲିସ ବଣପାରିଆ ଗ୍ରାମର ବସନ୍ତ ବେହେରା ଓ ଅନ୍ୟଜଣେ ସହଯୋଗୀଙ୍କ ନାମରେ ମାମଲା(୧୯୩/୨୫) ରୁଜୁ କରି ଖଇରା ଥାନାରେ ଅଟକ ରଖିଛି । ବସନ୍ତଙ୍କର ଖଇରା ହାଇସ୍କୁଲ ନିକଟରେ ଏକ ପାନ ଦୋକାନ ଥିବା ବେଳେ ଏହି ଦୋକାନରୁ କିଛି ଦୂରତାରେ ବସନ୍ତ, ଜୟକୃଷ୍ଣ ଓ ଅନ୍ୟ କିଛି ସହଯୋଗୀ ଭୋଜିର ଆୟୋଜନ କରିଥିଲେ । ଭୋଜି ପରେ ଗଣ୍ଡଗୋଳ ମାରପିଟ ଯୋଗୁଁ ଜୟକୃଷ୍ଣ ଗୁରୁତର ହୋଇପଡ଼ିଥିଲେ । ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।


Union Bank of India (यूनियन बैंक ऑफ इंडिया)

## କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର

ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

## ସୁନା ନିଲାମ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୭.୦୭.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ଯୋଡା ଶାଖା, ମେନ୍ ରୋଡ୍, ଯୋଡା, ପିନ୍-୭୫୮୦୩୮, ମୋ.: ୯୬୩୫୧୪୨୭୨୩** | | | |
| ୧. | **ଚାନ୍ଦମଣୀ ପେଣ୍ଟେଇ,** ସ୍ୱାମୀ: ନରୋତ୍ତମ ପେଣ୍ଟେଇ, ଜରୋଳି, ଜଜାଙ୍ଗ, ଯୋଡା, ପିନ୍-୭୫୮୦୩୪ / (୧) **୧୩୬୭୧୬୫୩୦୦୦୦୩୮୧,** | ଟ.୩୧,୨୩୫.୧୬ | ୭.୪୦୪ | ୮.୯୨ |
| | (୨) **୧୩୬୭୧୬୫୩୦୦୦୦୩୮୩** | ଟ.୧୯,୬୧୩.୦୦ | ୪.୩୧୨ | ୫.୭୫ |
| ୨. | **ହରେକୃଷ୍ଣ ପାତ୍ର,** ପିତା: ଲକ୍ଷ୍ମୀଧର ପାତ୍ର, ୧, ସା: ପାଣ୍ଡିଆ, ଜଜାଙ୍ଗ, ପୋ: ଜଜାଙ୍ଗ, ଯୋଡା, ପିନ୍-୭୫୮୦୩୪ / **୧୩୬୭୧୬୫୩୦୦୦୦୩୯୧** | ଟ.୨୭,୪୦୫.୦୦ | ୬.୦୯୫ | ୭.୪୧ |
| ୩. | **ସୁନିତା ପୂର୍ତ୍ତୀ,** ସ୍ୱାମୀ: ସୁକଦେବ ପୂର୍ତ୍ତୀ, କୋହ୍ଲରଇଡା, ଭୂୟାଁରଇଡା, ଯୋଡା, ପିନ୍-୭୫୮୦୩୫ / **୧୩୬୭୧୬୫୩୦୦୦୦୩୮୦** | ଟ.୨୩,୬୩୮.୮୫ | ୫.୫୬୬ | ୬.୬୫ |
| ୪. | **ହେନା ପ୍ରବୀନ,** ପିତା: ଅଖତର ହୁସେନ୍, ସା: ଦିପୁହାଟିଙ୍ଗ, ଯୋଡା, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୩୪ / **୧୩୬୭୧୬୫୪୦୦୦୦୨୨୧** | ଟ.୨୯,୦୭୩.୦୦ | ୬.୧୨୨ | ୭.୫୨ |
| | **ବଡବିଲ ମୁଖ୍ୟ ଶାଖା, ମାୟା କମ୍ପ୍ଲେକ୍ସ, ବଡବିଲ ମେନ୍ ରୋଡ୍, ପିନ୍-୭୫୮୦୩୫, ମୋ.: ୮୦୦୭୯୨୨୩୩୬** | | | |
| ୧. | **ଅଭିକ ଘୋଷ,** ମାର୍ଫତ: ଅଜିତ ମିଶ୍ର, ୱାର୍ଡ ନଂ. ୭, ସା: ପଞ୍ଜାବୀପଡା, କେନ୍ଦୁଝର, ପିନ୍-୭୫୮୦୩୫ / (୧) **୩୧୦୨୨୬୫୩୦୦୦୦୬୩୬,** | ଟ.୯୫,୩୧୯.୦୦ | ୨୧.୦୭୫ | ୨୫.୪୪୫ |
| | (୨) **୩୧୦୨୨୬୫୩୦୦୦୦୬୫୫,** | ଟ.୬୬,୮୦୦.୦୦ | ୧୪.୫୩୫ | ୧୭.୧ |
| | (୩) **୩୧୦୨୨୬୫୩୦୦୦୦୬୩୨** | ଟ.୧୧,୨୦୧.୭୩ | ୨.୫ | ୩.୫୮ |
| ୨. | **ଅରବିନ୍ଦ ସିଂହ,** ପିତା: ମଗନ ସିଂହ, ମାର୍ଫତ: ତେହେରାଇ ଆଇରନ୍ ଆଣ୍ଡ ଏମ୍ଏନ୍ ମାଇନ୍ସ, ସା/ପୋ: କୋଇଡା, ବଡବିଲ, ପିନ୍-୭୫୮୦୩୫ / **୩୧୦୨୨୬୫୩୦୦୦୦୫୪୯** | ଟ.୧୧,୩୪୫.୭୭ | ୨.୫୮୫ | ୩.୩୧୫ |
| | **କେନ୍ଦୁଝର ମୁଖ୍ୟ ଶାଖା, ସା: ପ୍ଲଟ୍ ନଂ.: ୪୮୯, ୱାର୍ଡ ନଂ.: ୧୪, କେନ୍ଦୁଝର, ଟାଉନ୍ ପୋଲିସ୍ ଷ୍ଟେସନ୍ ସ୍କୋୟାର ନିକଟ, ମୋ.: ୭୫୬୭୪୩୮୪୪୮** | | | |
| ୧. | **ସତ୍ୟଜିତ ମହାରଣା,** ପିତା: ଦାଶରଥି ମହାରଣା, ଗୋବର୍ଦ୍ଧନ, ରାଇସୁଆଁ, କେନ୍ଦୁଝର, ପିନ୍-୭୫୮୦୧୩ / **୧୨୯୯୧୬୫୪୦୦୦୦୯୭୬** | ଟ.୭୫,୩୦୪.୦୦ | ୧୩.୬୩ | ୧୫.୭ |
| | **ଧାମରା ଶାଖା, ଧାମରା, ପାଇକସାହି, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୭୧, ମୋ.: ୮୬୬୦୭୩୧୦୦୭** | | | |
| ୧. | **ଗୁଣଧର କାମିଲା,** ପିତା: ପଞ୍ଚାନନ କାମିଲା, କଇଥଖୋଲା, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୭୧ / **୬୨୧୮୦୬୫୪୦୦୦୧୩୪୮** | ଟ.୬୫,୦୦୦.୦୦ | ୩୬.୨ | ୪୩.୦୭ |
| ୨. | **ଶ୍ରୀଧର ସେଠୀ,** ସା: ବଳିଆରପୁର, ପୋ: ବାଁଶଡା, ଭାୟା: ଧାମରା, ଭଦ୍ରକ, ପିନ୍-୭୫୬୧୭୧ / **୬୨୧୮୦୬୫୪୦୦୦୧୯୩୬** | ଟ.୧୬,୫୦୦.୦୦ | ୯.୭ | ୧୨.୫ |
| | **ଉଦଳା ଶାଖା, ୱାର୍ଡ ନଂ.: ୫, ସିନେମା ହଲ ରୋଡ୍, ଉଦଳା, ପିନ୍-୭୫୭୦୪୧, ମୋ.: ୮୪୫୬୮୮୧୦୯୫, ୮୬୩୭୨୬୧୮୪୪** | | | |
| ୧. | **ପୁରସ୍ତମ ମାଝୀ,** ମାର୍ଫତ: ରମେଶ ଚନ୍ଦ୍ର ମାଝୀ, ସା: ବଡ଼ବିଶୋଳ, ପୋ: ସାନବିଶୋଳ, ଥାନା: କପ୍ତିପଦା, ମୟୂରଭଞ୍ଜ, ପିନ୍-୭୫୭୦୪୦ / **୨୫୫୪୧୬୫୪୦୦୦୦୨୫୬** | ଟ.୫୯,୯୬୩.୦୦ | ୧୨.୮ | ୧୩.୯୮ |
| | **ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ଭଦ୍ରକ, ପ୍ଲଟ୍ ନଂ.: ୧୯୧/୩୭୮୬ ଏବଂ ୧୯୨, ମୌଜା: କୁଆଁଶ, ବାଏପାସ୍ ରୋଡ୍, ପିନ୍-୭୫୬୧୦୦, ମୋ.: ୯୯୧୦୧୧୦୬୯୬** | | | |
| ୧. | **ରବିନ୍ଦ୍ର ମଲ୍ଲିକ,** ପିତା: ବିଦ୍ୟାଧର ମଲ୍ଲିକ, ସା: ତେନ୍ତୁଳିଆ, ପୋ: ବାସୁଦେବପୁର, ଭଦ୍ରକ, ପିନ୍-୭୫୬୧୨୫ / **୩୩୫୬୨୬୫୪୦୦୦୧୦୭୭** | [illegible] | ୪୮.୩ | ୫୯.୫ |
| | **ଯାଜପୁର ରୋଡ୍ ଶାଖା, ପ୍ଲଟ୍ ନଂ.: ୩୪୮/୧୧୮୯, ଯାଜପୁର ଚୋରଡା ରୋଡ, ପିନ୍-୭୫୫୦୧୯, ମୋ.: ୮୩୨୮୮୬୯୦୨୫** | | | |
| ୧. | **ରିଙ୍କୁ ଦେବୀ,** ସ୍ୱାମୀ: ସୁନିଲ ରାମଦେବ ଗିରି, ସା: କାଚହୁଡି, ପୋ: ସୋବରା, ଯାଜପୁର ରୋଡ୍, ଯାଜପୁର, ପିନ୍-୭୫୫୦୧୯ / **୭୦୪୮୦୬୫୪୦୦୦୦୪୨୯** | ଟ.୨୮,୧୮୬.୦୦ | ୫.୪୯ | ୬.୧ |
| | **୭୦୪୮୦୬୫୪୦୦୦୦୩୮୩** | ଟ.୨୭,୪୬୨.୦୦ | ୫.୩୭ | ୫.୯୭ |
| | **୭୦୪୮୦୬୫୪୦୦୦୦୩୬୦** | ଟ.୨୪,୦୮୭.୦୦ | ୫.୧୭ | ୬ |
| | **୭୦୪୮୦୬୫୪୦୦୦୦୩୨୭** | ଟ.୨୦,୩୪୯.୯୨ | ୩.୬୮ | ୪.୬ |
| | **୭୦୪୮୦୬୫୪୦୦୦୦୪୨୫** | ଟ.୧୬,୩୬୮.୦୦ | ୩.୨୩ | ୩.୫୯ |
| | **୭୦୪୮୦୬୫୪୦୦୦୦୩୩୬** | ଟ.୧୧,୮୦୮.୦୦ | ୨.୬ | ୩.୨୫ |
| | **ରେମୁଣା-ଜାନୁଗଞ୍ଜ ଶାଖା, ଗଣେଶ୍ୱରପୁର, ଜାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | |
| ୧. | **ମିନତୀ ଜେନା,** ସ୍ୱାମୀ: ଚନ୍ଦ୍ର ମୋହନ ଜେନା, ସା: କହରାକୁଳ, ପୋ: ନଅଗ୍ରାମ, ବାଲେଶ୍ୱର, ପିନ୍-୭୫୬୦୨୭ / **୭୨୩୭୦୬୫୪୦୦୦୦୭୯୬** | ଟ.୩୧,୬୯୫.୪୧ | ୫.୧୫ | ୬.୪୭ |
| | **ବାଲିଚନ୍ଦ୍ରପୁର ଶାଖା, ପାତ୍ରାଜପୁର, ପୋ: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୪୨୦୫, ମୋ.: ୭୯୮୦୧୯୮୩୧୩** | | | |
| ୧. | **ରଞ୍ଜିତ କୁମାର ଜେନା,** ପିତା: ନନ୍ଦ କିଶୋର ଜେନା, ସା: କାଳିଆନ୍ତି, ପୋ: ଚାୟାଁପାଳ, କଟକ, ପିନ୍-୭୫୪୨୦୪ / **୭୩୪୫୦୬୫୪୦୦୦୦୨୨୮** | ଟ.୨୩,୦୨୭.୧୭ | ୭.୮୬ | ୧୧.୨୮ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ ।

ସ୍ଥାନ : ବାଲେଶ୍ୱର
ତାରିଖ : ୨୬.୦୬.୨୦୨୫

ଶାଖା ପ୍ରବନ୍ଧକ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


## ଦୁଇ ବାନ୍ଧବୀଙ୍କ ନିଆରା ପ୍ରୟାସ

# ଗଢ଼ିଲେ ତିନିଫୁଟ ଉଚ୍ଚତାର ତିନିରଥ

ବାଲେଶ୍ୱର,୨୮ ।୬(ସମିସ)





**ରଥରେ ଝଲସୁଛି ହସ୍ତଶିଳ୍ପ ଓ ଚିତ୍ରକଳା କାମ**

ଦୁଇ ବାନ୍ଧବୀ ମିଶି ତିଆରି କରିଛନ୍ତି ତିନିଫୁଟ୍ ଉଚ୍ଚତାର ତିନୋଟି ରଥ । ତିନି କୁନିରଥରେ ଝଲସୁଛି ହସ୍ତଶିଳ୍ପ ଓ ଚିତ୍ରକଳା କାମ । ତିନି ରଥରେ ନିଖୁଣ କାମ ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରୁଛି । ରଥଯାତ୍ରାକୁ ଦୃଷ୍ଟିରେ ରଖି ଦୁଇ ମାସ ତଳେ ଆରମ୍ଭ କରିଥିଲେ ଏପରି ନିଆରା ପ୍ରୟାସ । ଦୁଇ ବାନ୍ଧବୀ ନନ୍ଦିତା ଓ ନିହାରିକା ମିଶି ରଥଯାତ୍ରା ଅବସରରେ ତିନୋଟି କୁନି ରଥ ଗଢି ଘୋଷଯାତ୍ରା ପାଳନ କରିଛନ୍ତି । ଯାହାକୁ ସଭିଏଁ ପ୍ରଶଂସା କରିଛନ୍ତି । ସୂଚନାଯୋଗ୍ୟ, ବାଲେଶ୍ୱର ସହର ସ୍ଥାନୀୟ ପରମିଟ ଘାଟ ଅଞ୍ଚଳର ଶାନ୍ତିପଦ ସାହୁ ଏବଂ ସ୍ୱର୍ଣ୍ଣଲତା ସାହୁଙ୍କ ଝିଅ ନନ୍ଦିତା ଏବଂ ମାନସିଂ ବଜାରର ପ୍ରଦୀପ୍ତ ମଣ୍ଡଳ ଓ ନିରୁପମା ମଣ୍ଡଳଙ୍କ ଝିଅ ନିହାରିକା । ଦୁହେଁ ଏକାଠି ପ୍ରୟାସ କରି ଗଢ଼ିଛନ୍ତି ତିନି ଫୁଟ ଉଚ୍ଚତା ବିଶିଷ୍ଟ ତିନି ରଥ । ଏଥିପାଇଁ ତାଙ୍କୁ ଦୁଇ ମାସ ସମୟ ଲାଗିଛି । ରଥ ତିଆରି ପାଇଁ ସେମାନେ ଅବ୍ୟବହୃତ କାର୍ଡ ବୋର୍ଡ, ପୁରୁଣା ଖବରକାଗଜ, ପ୍ଲାଷ୍ଟିକ ବୋତଲ ଠିପି, ପୋଷ୍ଟର ରଙ୍ଗ, ଗୋଲଡେନ୍ ବିଡ଼, ଛୋଟ ଆଇନା, ବାଉଁଶ କାଠି, କ୍ଲେ ଆଦି ବ୍ୟବହାର କରି କରିଛନ୍ତି । ପୂର୍ବରୁ ଟଙ୍କିକିଆ କଏନ୍‌ରେ ଜଗନ୍ନାଥଙ୍କ ଶ୍ରୀମୁଖ ନିର୍ମାଣ କରି ଉଭୟ ବେଶ୍ ଲୋକପ୍ରିୟତା ସାଉଁଟିଥିଲେ । ତେବେ ଉଭୟ ନିଜର ସ୍ନାତକ ଶିକ୍ଷା ପ୍ରାଣୀ ବିଜ୍ଞାନରେ ସମାପ୍ତ ପରେ ବିଇଡି କରୁଛନ୍ତି । ବର୍ତ୍ତମାନ ନିଜର ପଢ଼ା ସମୟରୁ ଫାଙ୍କା ମିଳିଲେ ସେମାନେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ ସମେତ ଦୁର୍ଗା, ଗଣେଶ, ଶ୍ରୀକୃଷ୍ଣ, ଶ୍ରୀରାମଙ୍କ ଚିତ୍ର ଆଙ୍କିବା ସହ ଗ୍ରାହକଙ୍କ ଅର୍ଡର ଅନୁସାରେ ବିଭିନ୍ନ ରାଖି, ଦୀପାବଳି, ନବବର୍ଷ, ବିବାହ, ଜନ୍ମଦିନ, ବିବାହ ବାର୍ଷିକୀ ଇତ୍ୟାଦି ପାଇଁ ମଧ୍ୟ ଉପହାର ପ୍ରସ୍ତୁତ କରିଥାନ୍ତି । ଉଭୟ ବନ୍ଧୁ ଆଗାମୀ ଦିନରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିବା ପାଇଁ ଆଗ୍ରହୀ ରଖିଥିବା ବେଳେ ଚିତ୍ରକଳା ଜାରି ରଖିବେ ବୋଲି ନନ୍ଦିତା ଓ ନିହାରିକା କହିଛନ୍ତି ।

# ମିଳନ



ମୂଳ ଉର୍ଦ୍ଦୁ: ବୁଲନ୍ଦ ଇକବାଲ
ଅନୁବାଦ : ସୁକୋମଳ ଦାଶ



ଅଲୀର ଆଖି ପତାରେ ଜମି ରହିଥିବା ଲୁହ ବୁନ୍ଦା, କ୍ଷଣିକ ନିମନ୍ତେ ଚକ୍ ଚକ୍ କଲା, ପୁଣି ଢଳ ଢଳ ହେଲା । କିନ୍ତୁ, ଫାତିମାର ଲୁଣିଆ ସ୍ମିତ ହସ ସେ ସବୁକୁ ବୁହାଇ ନେଇ ଅଲୀର ହୃଦୟରେ ଅଜାଡ଼ି ଦେଲାରୁ, ସେ ଲୁହର ଅସ୍ତିତ୍ୱ ନିଜର ପଲକରେ ଆଉ ଅଧିକ ସମୟ ଧରି ରଖି ପାରିଲାନି ଏବଂ ଅସହାୟ ହୋଇ ତା' ସମ୍ମୁଖରେ ମରାମତି ପାଇଁ ରହିଥିବା ଘଣ୍ଟା ଉପରେ ତାକୁ ସିଞ୍ଚି ଦେଲା । କ୍ଷଣିକ ପରେ ସେଥିରେ ଲାଗିଥିବା ଘଣ୍ଟା, ମିନିଟ୍ ଓ ସେକେଣ୍ଡ କଣ୍ଟାକୁ ସେ ଏଭଳି ଭିଜେଇ ଦେଇଥିଲା ଯେ ସେମାନେ ତାଙ୍କ କେନ୍ଦ୍ରବିନ୍ଦୁରେ ଓଲଟା ଦିଗକୁ ଘୂରି ବସିଲେ । ଧୀରେ ଧୀରେ ଘଣ୍ଟାର ଟିକ୍ ଟିକ୍, ଅଲୀର ହୃଦୟର ଧକ୍ ଧକ୍ ସହ ସମଗତି ପ୍ରାପ୍ତ ହେଲା ଓ ସମୟ କିଛି ବର୍ଷ ପୂର୍ବକୁ ଫେରି ପଡ଼ିଲା ।


ଚାନ୍ଦନୀ ଚୌକର ସେଇ ରାତିରେ ଅଲୀର ଆଖିରେ ପୂର୍ଣ୍ଣମୀର ଚାନ୍ଦ ଓହ୍ଲାଇ ଆସିଥିଲା, ଯେଉଁ ରାତିରେ ଫାତିମା ତା'ର ଦୋକାନକୁ ତା'ର ପୁରୁଣା ଘଣ୍ଟା ମରାମତି କରିବାକୁ ଆସିଥିଲା । ସୂତାର ସୂକ୍ଷ୍ମ କାରୁକାର୍ଯ୍ୟ ଭରା କଳା ଓଢ଼ଣି ଧଡ଼ିର ତାରାମାନ ଫାତିମାର ଚନ୍ଦ୍ର ବଦନକୁ ବେଢ଼ି ରହି, ଆକାଶର ନକ୍ଷତ୍ର ଭରା ଚାନ୍ଦ ଅପେକ୍ଷା ଅଧିକ ମନୋରମ କରି ତୋଳିଥିଲେ । ଫାତିମାର ଗୋଲାପୀ ମୁଖକାନ୍ତି ତାର ଅମାନିଆଁ ଚୂର୍ଣ୍ଣ କୁନ୍ତଳର ଅବିଶ୍ରାନ୍ତ ଆଘାତରେ ଅସ୍ତଗାମୀ ସୂର୍ଯ୍ୟ-ଆଭା-ମଣ୍ଡିତ ଦିଗବଳୟଠୁ ଅଧିକ ରକ୍ତିମ ହୋଇ ଉଠିଥିଲା । ଫାତିମାର ଭଅଁର କଳା ଆଖିରେ ଉତୁରି ଆସିଥିବା ଅଲୀର ପ୍ରତିବିମ୍ବ, ସ୍ୱତଃସ୍ଫୂର୍ତ୍ତ ତା'ର ହୃତ୍‌ପିଣ୍ଡର ସ୍ପନ୍ଦନ ବଢ଼ାଇ ଅଲୀକୁ କଣ୍ଠଗତପ୍ରାଣ କରି ଦେଉଥିଲା । ଫାତିମାର ଗଣ୍ଡ ଦେଶର ଭଉଁରୀ, ଅଲୀର ଅସହାୟ ମୁହଁକୁ ଲକ୍ଷ୍ୟ କରି ଅଦମ୍ୟ ହସି ଉଠୁଥିଲା ବେଳେ ସହସା ଫାତିମା ପ୍ରୀତି ଭରା ଦୃକ୍-ପାତ କରି ଅଲୀର ହଜିଲା ହଜିଲା ଆଖି ସମ୍ମୁଖରେ ତାର ଚୁଡ଼ି ପିନ୍ଧା ମଣିବନ୍ଧ ଝଣଝଣେଇ କହିଲା, "ଶୁଣିବେ ଟିକେ, ଆମର ହାତ ଘଣ୍ଟାଟା ଟିକେ ସଜାଡ଼ି ଦିଅନ୍ତୁ ନା, ଚାଲୁ ଚାଲୁ ଏହା ଅଟକି ଯାଉଛି ।" ଏବଂ ଅଲୀର ଏକପଦୀ ଉତ୍ତର 'ଜୀ'କୁ, ତା'ର ଅବରୁଦ୍ଧ କଣ୍ଠରୁ ତା'ର ଓଠରେ ଏରୁଣ୍ଡି ଯାକେ ପହଞ୍ଚିବାରେ ହୁଏତ ଯୁଗଟିଏ ଲାଗିଗଲା । କ୍ଷଣିକ ପାଇଁ ତାକୁ ଅନୁଭୂତ ହେଲା ଯେପରି ତା'ର ହୃତ୍‌ସ୍ପନ୍ଦନ ଯାହାକି, ଫାତିମାର ଘଣ୍ଟାର କଣ୍ଟାମାନଙ୍କ ପରି ନିସ୍ପନ୍ଦ ପଡ଼ି ରହିଥିଲା, ତା'ର ଚୁଡ଼ିର ଝମ୍ ଝମ୍ ଶବ୍ଦରେ ସୁଗଭୀର ନିଦ୍ରାରୁ ଧଡ଼୍‌ପଡ଼୍ ଉଠିପଡ଼ି ତୀବ୍ର ବେଗରେ ଧାଇଁବାରେ ଲାଗିଲା । ଫାତିମା ଦୋକାନରୁ ଫେରିଗଲା ପରେ ବି ଦୀର୍ଘ ମିଆଦ ଧରି ଅଲୀ ଆକାଶର ଚାନ୍ଦକୁ ଚାହିଁ ରହିଥିଲା ଓ ଅଳ୍ପ ସମୟ ପାଇଁ ତ ଅନ୍ତର ଭିତରେ ଆପଣାର ଅସହାୟତା ପ୍ରତି ଅଶ୍ରୁପାତ ବି କରିଥିଲା । କିନ୍ତୁ, ପୁଣି ଯେତେବେଳେ ମଦିନା ମସ୍‌ଜିଦର ଅର୍ଦ୍ଧଚନ୍ଦ୍ରାକାର ଗମ୍ବୁଜର "ଇଶା କୀ ଅଜାନ"ର ଧ୍ୱନୀ ଅଲୀର ଦୋକାନରେ ପ୍ରତିଧ୍ୱନିତ ହେଲା, ଅଲୀ ଦୁଇ ହାତ ପାତି ନିଷ୍ଠାବାନ୍ ହୃଦୟରେ ତାର ଖୁଦାଙ୍କୁ ଏଭଳି କିଛି ପ୍ରାର୍ଥନା କଲା ଯେ, ତା'ର ମାଗୁଣି ଗ୍ରହଣ ଯୋଗ୍ୟତାର ଶ୍ରେଷ୍ଠତମ ଶିଖର ସ୍ପର୍ଶ କରି ଫାତିମାର ହୃଦୟରେ ଅଲୀ ନିମନ୍ତେ ପ୍ରେମ ରୂପେ ଧକ୍ ଧକ୍ ହେଲା । ଫାତିମାକୁ ବି ଘରକୁ ଫେରୁ ଫେରୁ ଅନୁଭବ ହେଲା, ଅଚଳ ଘଣ୍ଟା ସହ ସେ ତା'ର ଜୀବନର ଅବଶିଷ୍ଟ ସମସ୍ତ ସମୟ ଅଲୀର ଜିମାରେ ଛାଡ଼ି ଆସିଥିଲା ।

ହଳକ ଯାକ ତା'ର ଭିଜା ଭିଜା ଆଖି ପତାକୁ ଭ୍ରୂଲତା ଯାକେ ଟେକି ନେଇ ଅଲୀ ପୁଣି ଆଖି ମିଟ୍ ମିଟ୍ କଲା ଓ ଟେବୁଲ ଉପରେ ରହିଥିବା ଫାତିମାର ହାତ ଘଣ୍ଟାକୁ ଚାହିଁ ରହିଲା, ଯାହାର ଘଣ୍ଟା, ମିନିଟ୍ ଓ ସେକେଣ୍ଡ କଣ୍ଟାଗୁଡ଼ିକ କେନ୍ଦ୍ରବିନ୍ଦୁ ଚାରିପଟେ ଘେରାଏ ବୁଲି ଆସି ତାଙ୍କ ପୂର୍ବ ସ୍ଥିତିକୁ ଫେରି ଆସିଥିଲେ । ଚଉମୁଖୀ ପେଚକଶରେ ମଧ୍ୟସ୍ଥ ସ୍କ୍ରିଉକୁ ହାଲ୍‌କା ଦାବି ଧରି ଧୀରେ ଧୀରେ ଓଲଟା ଦିଗରେ ଘୂରାଇ ନେବାର ଅଳ୍ପ ସମୟ ପରେ ଘଣ୍ଟାର କଣ୍ଟାମାନ ଗତିଶୀଳ ହୋଇ ଉଠିଲେ । ଯଦିଓ ନିଜ ନିଜର ଭିନ୍ନ ଗତି ବଦଳରେ ସମବେଗରେ ତିନିହେଁ ଲଗା ଲଗି ହୋଇ, କେବଳ ସେଇ ଗୋଟିଏ ସ୍ଥାନରେ ଥର୍ ଥରେଇ ଉଠିଲେ । ଅଲୀର ମନେ ହେଲା ସତେ କି ସମସ୍ତ ଶକ୍ତି ତା'ର ଅପଚୟ ହେଲେ ବି ସମୟ ଆଗକୁ ବଢ଼ିବାକୁ ଅସମର୍ଥ.... ଅଲୀ ପୁଣି ଥରେ ଆଖିପତାକୁ ଭ୍ରୂଲତା ଯାକେ ଟେକି ଧରି ଆଖି ମିଟ୍ ମିଟ୍ କଲା ଓ ଘଣ୍ଟାର ଥର୍ ଥର୍ ହେଉଥିବା କଣ୍ଟାମାନଙ୍କ ଆଢୁଆଳରେ ନିଜର ତଥା ଫାତିମାର ଧୂଆଁଳିଆ ବିମ୍ବକୁ ଚାହିଁ ରହିଲା; ଅତି ବିନମ୍ରତା ସହକାରେ ଯିଏ କି ସାରା ସଂସାରଠୁ ମିଳନର ଅନୁମତି ଯାଚନା କରୁଥିଲେ ।

ଚାନ୍ଦନୀ ଚୌକର ସେ ରାତିରେ ଅଲୀର ଦୋକାନରେ ତା'ର, ତଥା ଫାତିମାର ସମସ୍ତ ଆତ୍ମୀୟ ସ୍ୱଜନ ଜମା ହୋଇଥିଲେ । ଅପରାଧୀଟିଏ ଭଳି ମୁଣ୍ଡ ପୋତି ଭୂଇଁକୁ ଅଲୀ ଅନାଇ ରହିଥିଲା ଓ ଧକ୍ ଧକ୍ ଜଳୁଥିବା ନାଲି ଟହ ଟହ ଅଙ୍ଗାର ଭଳି ଆଖିରେ ଫାତିମା ଆକାଶକୁ । ମଦିନା ମସ୍‌ଜିଦର ଅର୍ଦ୍ଧଚନ୍ଦ୍ରାକାର ଗମ୍ବୁଜରୁ ଭାସି ଆସୁଥିବା ସୁନ୍ନୀ ଆଜାନର ଧ୍ୱନୀ ଓ ଇମାମ ବରଗାହରୁ ଭାସି ଆସୁଥିବା ଶୀହା ଆଜାନର ଧ୍ୱନୀ ମଝିରେ ଝୁଲି ରହି ସାୟାହ୍ନ ସମୟ ଥର୍ ଥର୍ କମ୍ପୁଥିଲା । ଅଲୀ ଓ ଫାତିମା ଉଭୟଙ୍କ ବାପମାନେ ଏକ ସମୟରେ ଦୁହେଁ ଦୁହିଙ୍କ ଆଖିରେ ଆଖି ରଖି, ଆଖି କୋଣରୁ ଅଲୀ ଓ ଫାତିମାଙ୍କୁ ଚୋରେଇ ଦେଖୁ ଦେଖୁ ବିଡ୍ ବିଡ୍ ହେଉଥିଲେ, "ସୁନ୍ନୀ ଓ ଶୀହାଙ୍କ ଏଇ ଗହନ ପ୍ରଭେଦ, ପାର୍ଥକ୍ୟ କେବଳ ଉଭୟଙ୍କ ଆଜାନ୍ ଧ୍ୱନୀ ମଧ୍ୟର ମିନିଟ୍ ଓ ସେକେଣ୍ଡର ତଫାତ୍ ନୁହେଁ ବରଂ ଶତାଧିକ ବର୍ଷର ବ୍ୟବଧାନ ଅଟେ ।" ଭୂଇଁରୁ ଉଠେଇ ଅଲୀ ତା'ର ଫୁଲା ଫୁଲା ଆଖିରେ ଘଣ୍ଟାକୁ ଚାହିଁଲା । କିନ୍ତୁ ପିତୁଳା ଓ ପଲକ ମଝିରେ ଭରି ରହିଥିବା ଲୋତକ ଯୋଗୁଁ ହୁଏତ ତାକୁ ମନେ ହେଲା ସତେକି ଘଣ୍ଟାର ତିନୋଟି ଯାକ କଣ୍ଟା ତାର ଅଶ୍ରୁରେ ପହଁରି ଯାଇ ଶତାଧିକ ବର୍ଷରୁ ଜମାଟ ବନ୍ଧା ସମୟ ଉପରେ ଜଡ଼େଇ ବସି ଯାଇଛନ୍ତି । ପୁଣି ଅଲୀ ତା'ର ଘଣ୍ଟାରୁ ଦୃଷ୍ଟି ହଟାଇ ଆଖ ପାଖକୁ ଚାହିଁଲାରୁ ଭାବିଲା ଯେ, ହୁଏତ ଚାନ୍ଦିନୀ ଚୌକର ସମୁଜ୍ଜ୍ୱଳ ବଜାର, ସହସା କିଛିଟା ପୋଡ଼ା ଇଟା ତିଆରି ଚଉତରା ଓ ପ୍ରାଚୀରରେ ବଦଳି ଯାଇଛି, ଯେଉଁଠି ଚତୁର୍ଦ୍ଦିଗରେ ଆରବୀୟ ମରୁମାଳର ଧୂଳି ବାଲି ଉଡୁଛି ଓ ତା'ର ସମସ୍ତ ଆତ୍ମୀୟ ସ୍ୱଜନମାନେ, ଲମ୍ବା ଲମ୍ବା ଆରବୀୟ ପୋଷାକ ପରିଧାନ ପୂର୍ବକ ଖଡ୍‌ଗ ହସ୍ତେ ସମସ୍ତେ ସମସ୍ତଙ୍କ ରକ୍ତ ପିପାସୁ ହୋଇ ଉଠିଛନ୍ତି । ଅଲୀର ମନେ ହେଲା ଯେପରି ସାରା ଚାନ୍ଦିନୀ ଚୌକ ହଠାତ୍ ଚଉଦ ଶହ ବର୍ଷ ପୁରୁଣା ମଦିନାର ବଜାରରେ ରୂପାନ୍ତରିତ ହୋଇ ଯାଇଛି ଓ ତା'ର ଦୋକାନ 'ସକୀଫା ବନୀ ସାୟଦା'ର ସେଇ ସଭା ସ୍ଥଳ ଯେଉଁଠି ତା'ର ବିବାହ ପରିବର୍ତ୍ତେ ସମ୍ଭବତଃ ତା'ର ବିରୁଦ୍ଧରେ ପ୍ରଥମ ବିଦ୍ରୋହ ସ୍ଥିରୀକୃତ ହୋଇ ସାରିଛି । ଭୀତତ୍ରସ୍ତ ହୃଦୟରେ ଅଲୀ ଏଥର ଲୁହତକ ପୋଛି ନେଇ ପୁଣି ଥରେ ଘଣ୍ଟା ଉପରେ ତାର ଦୃଷ୍ଟି ନିବଦ୍ଧ କଲା । କିନ୍ତୁ ଘଣ୍ଟାର କଣ୍ଟାମାନ ଯେଉଁଠି କି ସେଇଠି ପଡ଼ି ରହିଥିଲେ ନିସ୍ପନ୍ଦ, ନିଷ୍କମ୍ପ । ଅସହାୟ ଭାବେ ଅଲୀ ଏଥର ତା'ର ସମ୍ପର୍କୀୟମାନଙ୍କୁ ଅନାଇଲା ଓ ଫାତିମା ପଟେ ବି ଥରେ ନିରାଶା ଭରା ଦୃଷ୍ଟିରେ ଚାହିଁ ନେଲା । ହଠାତ୍ କରି ଫାତିମାର ଅନ୍ତରରେ କ'ଣ ହେଲା କେଜାଣି, ସ୍ୱସ୍ଥାନ ଛାଡ଼ି ସେ ଧୀରେ ଧୀରେ ଟେବୁଲ ଉପରେ ରହିଥିବା ତା'ର ଅଚଳ ଘଣ୍ଟା ଉଠେଇ ନେଇ ଅଲୀର ଅଣ୍ଟିରେ ପକେଇ ଦେଲା । ଆଖି ମିଟ୍ ମିଟ୍ କରି ଅଲୀ ଘଣ୍ଟାର ଡାଏଲ୍ ଉପରେ ଦୃଷ୍ଟି ନିବଦ୍ଧ କଲା ଏବଂ ବିସ୍ମିତ ହୋଇ ଘଣ୍ଟା, ମିନିଟ ଓ ସେକେଣ୍ଡ କଣ୍ଟାକୁ ଅପଲକ ଚାହିଁ ରହିଲା । ଯାହାର କି ଅଟକି ରହିଥିବା ସମୟ ତା'ର ନିଜର ଘଣ୍ଟାର ସମୟର ଠିକ୍ ପୂର୍ବବର୍ତ୍ତୀ ସମୟ ସୂଚାଉଥିଲା । ସହସା ଅଲୀ ତା'ର ନିଜ ସ୍ଥାନରୁ ଉଠିଲା । ଫାତିମାର ହାତକୁ ମୁଠାଇ ଧରି ନିଜର ତଥା ଫାତିମାର ଜମିଥିବା ଆତ୍ମୀୟ ସ୍ୱଜନଙ୍କୁ କହିଲା..."'ପୈଗମ୍ବର ମହମ୍ମଦ, ଅଲୀ ଓ ଫାତିମାଙ୍କ ବିବାହକୁ କାହିଁକି ସମର୍ଥନ କରିଥିଲେ ଆପଣମାନେ ସମସ୍ତେ ଜାଣନ୍ତି ତ! ଏଇ କାରଣରୁ ଯେ, ତାଙ୍କର ଅନୁଗାମୀଙ୍କ ମଧ୍ୟରେ କଦାପି ଫାଟ ସୃଷ୍ଟି ନହେଉ...ଆପଣମାନେ କ'ଣ ତାଙ୍କର ଏଇ ସୁନେଲୀ ସୁକୋମଳ ସ୍ୱପ୍ନଟିକୁ ସାକାର ରୂପ ଦେବାରେ ସାହାଯ୍ୟ କରିବେନି?" ■

ମାର୍ଫତ: ଦାଶ ଆଗ୍ରୋ ଏଜେନ୍ସୀ
କଳାପାଣି, ତୋରା , ବରଗଡ଼
ପିନ୍: ୭୬୮୦୪୦
ମୋ: ୯୪୩୭୧୫୮୧୪୨

# ଡବ୍ଲୁ. ବି. ୟେଟ୍‌ସଙ୍କ କବିତାରେ ପ୍ରତୀକବାଦ



ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ

ଡବ୍ଲୁ.ବି. ୟେଟ୍‌ସ ଇଂରାଜୀ କବିତାର ଇତିହାସରେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ । ସେ ଇଂରାଜୀ ସାହିତ୍ୟର ଇତିହାସରେ ପ୍ରତୀକବାଦୀ କବି ଭାବରେ ଏକ ଅଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଇଂଲଣ୍ଡରେ ପ୍ରତୀକବାଦୀ ଆନ୍ଦୋଳନର ମୁଖ୍ୟ ପ୍ରବକ୍ତା ଭାବରେ ସେ ବେଶ୍ ଲୋକପ୍ରିୟ । ତାଙ୍କର ପ୍ରତୀକଗୁଡ଼ିକ ଅତ୍ୟନ୍ତ ଉଭାବକ ଏବଂ ସୂଚକ । ସ୍ୱଦେଶୀ ଉତ୍ପତ୍ତି- ଫରାସୀ ପ୍ରତୀକବାଦୀ ମାଲାର୍ମେଙ୍କୁ ପ୍ରତୀକର ଉଭାବକ ବୋଲି ମନେ କରାଯାଏ । ମାଲାର୍ମେଙ୍କ ଧର୍ମ ଥିଲା ପରମ ସୌନ୍ଦର୍ଯ୍ୟର ଏକ କଠୋର ଉପାସନା ଯାହା ପ୍ରତୀକଗୁଡ଼ିକର ଉତ୍କଣ୍ଠାପୂର୍ଣ୍ଣ ଚିନ୍ତନ ଦ୍ୱାରା ପହଞ୍ଚିବାକୁ ଚେଷ୍ଟା କରାଯାଇଛି । ତାଙ୍କ କବିତାରେ ସମସ୍ତ ପ୍ରାରମ୍ଭିକ, ବ୍ୟାଖ୍ୟା ଏବଂ ତୁଳନା ବାଦ ଦିଆଯାଇଛି । ୟେଟ୍‌ସ ଫରାସୀ ପ୍ରତୀକବାଦୀ ଆନ୍ଦୋଳନର ନୁହେଁ; ବରଂ ଏକ ସାଧାରଣ ୟୁରୋପୀୟ ଆନ୍ଦୋଳନର ସୃଷ୍ଟି । ଫରାସୀ ପ୍ରତୀକବାଦୀ ଆନ୍ଦୋଳନ ବିଷୟରେ ତାଙ୍କର ଜ୍ଞାନ ଅଥୁର ସାଇମନ୍ସଙ୍କ ମାଧ୍ୟମରେ ପରିଚାଳିତ ହେଉଥିଲା । ଫରାସୀଙ୍କ ବିଷୟରେ ଶୁଣିବା ପୂର୍ବରୁ ସେ କିନ୍ତୁ ବହୁ ପୂର୍ବରୁ ଜଣେ ପ୍ରତୀକବାଦୀ ଥିଲେ । ତାଙ୍କର ପ୍ରତୀକବାଦ ଆଧାରିତ ଥିଲା ବ୍ଲେକ୍, ସେଲି ଏବଂ ରୋସେଟିଙ୍କ କବିତା ଏବଂ ଗୁପ୍ତ ବିଦ୍ୟା ଉପରେ ତାଙ୍କର ପୁସ୍ତକ ପଢ଼ିବା ଉପରେ । ସେ ପତ୍ରବିଜ୍ଞାନର ତତ୍ତ୍ୱ, ସ୍ୱାକ୍ଷରର ତତ୍ତ୍ୱ ଏବଂ ଯାଦୁକରୀ ମନ୍ତ୍ର ଏବଂ ପ୍ରତୀକଗୁଡ଼ିକର ତତ୍ତ୍ୱ ସହିତ ମଧ୍ୟ ପରିଚିତ ହୋଇଥିଲେ ଯାହାର ଯାଦୁରେ ଆଧ୍ୟାତ୍ମିକ ଏବଂ ଭୌତିକ ପରିବର୍ତ୍ତନ ହୋଇଥିଲା ।

ୟେଟ୍‌ସଙ୍କ ପ୍ରତୀକଗୁଡ଼ିକ କୃତ୍ରିମ ନୁହେଁ । ସେଗୁଡ଼ିକ କାର୍ଯ୍ୟାତ୍ମକ । ସେଗୁଡ଼ିକ କବିତାର ଏକ ଅବିଚ୍ଛେଦ୍ୟ ଅଂଶ । ସେଗୁଡ଼ିକ ବିନା କବିତାଟି ଭାଙ୍ଗି ପଡ଼ିବ । ୟେଟ୍‌ସଙ୍କ ଭାଷାରେ, ' ପ୍ରତୀକ ହେଉଛି କିଛି ଅଦୃଶ୍ୟ ତଥ୍ୟର ଏକମାତ୍ର ସମ୍ଭାବ୍ୟ ପ୍ରକାଶନ, ଏକ ଆଧ୍ୟାତ୍ମିକ ଶିଖା ବିଷୟରେ ଏକ ସ୍ୱଚ୍ଛ ଦୀପ ।' "ଦି ସେକେଣ୍ଡ କମିଂ" ଏବଂ "ସେଲିଂ ଟୁ ବାଇଜାଣ୍ଟିୟମ୍"ରେ ପ୍ରତୀକଗୁଡ଼ିକ ସେତେ ପୁରୁଣା ଯେପରି ୟେଟ୍‌ସ ସାଧାରଣତଃ ଅନୁମତି ଦିଅନ୍ତି । ଯଦି ଆମେ ତାଙ୍କ ସାରସ୍ୱତବାଦର ତଥ୍ୟ କିମ୍ବା ତାଙ୍କ ପ୍ରତୀକଗୁଡ଼ିକକୁ ଏକତ୍ର କରିବା, ପ୍ରତୀକଗୁଡ଼ିକ ବାସ୍ତବରେ ବ୍ୟବହାରଯୋଗ୍ୟ ଏବଂ ପ୍ରକୃତରେ ସେମାନଙ୍କର ଉଦ୍ଦିଷ୍ଟ ପ୍ରତିଛବିକୁ ଗତିଶୀଳ କରି ଦେଖିପାରିବା, ତାଙ୍କର କିପରି ବ୍ୟବହାର କରାଯିବ ଏବଂ କିପରି ନ କରାଯିବ ସେ ବିଷୟରେ ଉତ୍କୃଷ୍ଟ ବୁଝାମଣା ଥିଲା । ଉଦାହରଣ ସ୍ୱରୂପ, "ବାଇଜାଣ୍ଟିୟମ୍‌କୁ ନୌବାହନ" ଏକ କବିତା ଯାହା ଜୀବନର ଏକ ସମୟକୁ ସୂଚିତ କରିଥାଏ, ଯେତେବେଳେ ବୃଦ୍ଧାବସ୍ଥାର ଆଗମନ ମରଣ ସମସ୍ୟା ସହିତ ଚିନ୍ତିତ ହୁଏ, ଯେଉଁ ପ୍ରତୀକ ଚାରୋଟି ପଦକୁ ଏକ ଅବିଚ୍ଛେଦ୍ୟ ମୋଡ଼ରେ ଆସେ ତାହା ସଂଗୀତର ପ୍ରତୀକ । ଯୁବପିଢ଼ି ସଙ୍ଗୀତକୁ ଭଲ ପାଆନ୍ତି ଏବଂ ବୟସ ଏକ ଆଧ୍ୟାତ୍ମିକ ସଂଗୀତ ଆଣିଥାଏ, ଦ୍ୱିତୀୟ ଆଗମନରେ ବେଥଲେହେମ୍‌ରେ ପଶୁର ଅନିବାର୍ଯ୍ୟ ଆଗମନ ଯାହା ସମଗ୍ର କବିତାକୁ ବାନ୍ଧି ରଖେ । ୟେଟ୍‌ସଙ୍କ ପ୍ରତୀକଗୁଡ଼ିକ କେବଳ ସୂଚକ ନୁହେଁ, ଅର୍ଥପୂର୍ଣ୍ଣ ଏବଂ ଉଦ୍ଦୀପକ ମଧ୍ୟ । ସେମାନଙ୍କର ଆକ୍ଷରିକ ଅର୍ଥ ବ୍ୟତୀତ, ସେମାନଙ୍କ ମନର ଆଖି ଆଗରେ ଅନେକ ଅଭିଯୋଗ ମଧ୍ୟ ପ୍ରଦାନ କରା ଯାଇଥାଏ ।

କବି ୟେଟ୍‌ସଙ୍କ ଭାଷାରେ, 'କେବଳ ପ୍ରାଚୀନ ପ୍ରତୀକଗୁଡ଼ିକ ପାଇଁ ଯେଉଁ ପ୍ରତୀକଗୁଡ଼ିକର ଅଗଣିତ ଅର୍ଥ ଅଛି, ତାହା ବ୍ୟତୀତ ଲେଖକ ଯେଉଁ ଗୋଟିଏ କିମ୍ବା ଦୁଇଟି ଉପରେ ଗୁରୁତ୍ୱ ଦିଅନ୍ତି, କିମ୍ବା ସେ ଜାଣନ୍ତି ସେହି ଅର୍ଦ୍ଧସ୍କୋର, ଯେକୌଣସି ଅତ୍ୟନ୍ତ ଆତ୍ମନିଷ୍ଠ କଳା ଏକ ଅତ୍ୟଧିକ ସଚେତନ ବ୍ୟବସ୍ଥାର ନିଷ୍କ୍ରିୟତା ଏବଂ ଅଗଭୀରତାରୁ ପ୍ରକୃତିର ଗଭୀରତା ଏବଂ ପ୍ରାଚୁର୍ଯ୍ୟକୁ ପଳାଇ ଯାଇପାରିବ । ତେଣୁ ପ୍ରତୀକଗୁଡ଼ିକ ଭାଷାକୁ ସମୃଦ୍ଧ ଏବଂ ଜଟିଳ କରିଥାଏ । ଉଦାହରଣ ସ୍ୱରୂପ, "ଆତ୍ମ ଏବଂ ଆତ୍ମାର ସଂଳାପ" କବିତାରେ, ସାଟୋଙ୍କ "ତରବାରୀ" ପ୍ରଥମେ 'ଜୀବନ, ଯୁଦ୍ଧ, ପ୍ରେମ ଏବଂ ଯୌନତା'ର ପ୍ରତୀକ, ଯେତେବେଳେ ଏହା 'ଜାପାନୀ ମହିଳାଙ୍କ କୋର୍ଟ ପୋଷାକ'ର ଆବରଣ, ମହିଳା ଲିଙ୍ଗକୁ ପ୍ରତୀକ କରେ । ପରେ ସମାନ କବିତାରେ, ଖଣ୍ଡା "ଆତ୍ମା" କିମ୍ବା "ଜୀବନ୍ତ ନୀତି"କୁ ସଜାଗ କରିଉଠେ, ଯାହା ସମୟ ଦ୍ୱାରା ପ୍ରଭାବିତ ନୁହେଁ । "ଗୋଲାପ: ଶାନ୍ତିର ଗୋଲାପ"ରେ "ପ୍ରୋଟିଆନ"ର ପ୍ରତୀକ, ଏହା "ପାର୍ଥିବ ପ୍ରେମ ଏବଂ ସୌନ୍ଦର୍ଯ୍ୟ" ପାଇଁ ଠିଆ ହୁଏ ଏବଂ ଅନ୍ୟ ସ୍ତରରେ, ଏହା "ଶାଶ୍ୱତ ପ୍ରେମ ଏବଂ ସୌନ୍ଦର୍ଯ୍ୟ" ପାଇଁ ଠିଆ ହୁଏ । "ଯୁଦ୍ଧର ଗୋଲାପ" ହେଉଛି ପଦାର୍ଥ ବିରୁଦ୍ଧରେ ଆତ୍ମାର ଯୁଦ୍ଧରେ ଈଶ୍ୱରଙ୍କ ପକ୍ଷର ପ୍ରତୀକ । ଏହା "ପାର୍ଥିବ ପ୍ରେମରୁ ଆଶ୍ରୟ ପ୍ରଦାନ କରେ ।" ଏହା "ଟୁ ଦି ରୋଜ୍ ଅପନ୍ ଦି ରୋଜ୍ ଅଫ୍ ଟାଇମ୍" କବିତାରେ ପ୍ରକାଶ ପାଇଛି । "ଦି ସାଡୋଇ ୱାଟର୍ସ" ନାଟକରେ, ଏହା ଶରୀର ଏବଂ ଆତ୍ମାର ମିଳନ, ନିଦ୍ରା ଏବଂ ଜାଗ୍ରତ ଅବସ୍ଥାରେ ଜୀବନ ଏବଂ ମୃତ୍ୟୁ ପାଇଁ ଠିଆ ହୋଇଛି ।

"ଟାୱାର" ଆଉ ଏକ ସମୃଦ୍ଧ କିନ୍ତୁ ଅସ୍ପଷ୍ଟ ପ୍ରତୀକ । ୟେଟ୍‌ସଙ୍କ କବିତାରେ ପ୍ରତୀକ । ଦି ୱାଇଲ୍ଡ ହଂସ ଆଟ୍ କୁଲରେ, ଏହା ହେଉଛି 'ପ୍ରକୃତ ଟୁର୍କୁ' । ଏହା ମିଲଟନଙ୍କ ଦ୍ୱିତୀୟ ପେନସେରୋସୋ ଏବଂ ସେଲିଙ୍କ ରାଜକୁମାର ଆଥାନାସେରେ ପ୍ଲାଟୋନିଷ୍ଟଙ୍କ ଏକାକୀ ଟୁର୍କୁ ମନେ ପକାଇଥାଏ । କିନ୍ତୁ 'ଦି ଟାୱାର' କବିତାରେ, ସେ ପ୍ଲାଟୋଙ୍କୁ ଆକ୍ରମଣ କରନ୍ତି । ତଳଟି କେତେବେଳେ ଏକାକୀ ବୁଦ୍ଧର ସ୍ୱର୍ଗୀୟ ଆକାଂକ୍ଷାକୁ ବୁଝାଏ କିନ୍ତୁ ଏଗୁଡ଼ିକ ଆତ୍ମାର ବିଭିନ୍ନ ସ୍ୱର୍ଗୀୟ ଆକାଂକ୍ଷାରେ ମିଶିଯିବା ପରି ମନେହୁଏ ଆତ୍ମ ଏବଂ ଆତ୍ମାର ଏକ ସଂଳାପରେ, ତଳଟି ହେଉଛି 'ରାତ୍ରିର ପ୍ରତୀକ' । ରକ୍ତ ଏବଂ ଚନ୍ଦ୍ରରେ ଏହା ଆତ୍ମର ଦୃଢ଼ତା, ଶାରୀରିକ ଅହଂକାର ଏବଂ ଆତ୍ମ ସନ୍ତୋଷ ପାଇଁ ପୃଥିବୀ ଏବଂ ରକ୍ତକୁ ଆଗ୍ରହ ପାଇଁ ଠିଆ ହୋଇଛି ।

ପକ୍ଷୀ ପ୍ରତୀକଗୁଡ଼ିକ ମଧ୍ୟରେ ହଂସ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହା ୟେଟ୍‌ସଙ୍କ ଅନେକ କବିତାରେ ଦେଖାଯାଏ । ପ୍ରତୀକଗୁଡ଼ିକର ଗତିଶୀଳ ପ୍ରକୃତିର ଏକ ଆକର୍ଷଣୀୟ ଚିତ୍ରଣ ପ୍ରଦାନ କରେ । ଏହି ପ୍ରତୀକଗୁଡ଼ିକ ବଢ଼ନ୍ତି, ପରିବର୍ତ୍ତନ କରନ୍ତି ଏବଂ ଅର୍ଜନ କରନ୍ତି ସେମାନଙ୍କର ପ୍ରଗତିରେ ଅଧିକ ଗଭୀରତା ଏବଂ ଘନତ୍ୱ । ସେମାନେ ଯୁବାବସ୍ଥାର ଅଟଳ ଏବଂ ଅମର ଆତ୍ମା କିମ୍ବା ଏକ ପ୍ରତିଛବିର ଅମରତ୍ୱର ପ୍ରତୀକ । କାଲଭରୀରେ, ସେମାନେ ବସ୍ତୁନିଷ୍ଠ ପ୍ରକୃତିର ଖ୍ରୀଷ୍ଟପ୍ରକାର ସହିତ ଜଡ଼ିତ ହୁଅନ୍ତି, କାରଣ ତାଙ୍କର ବିପରୀତ କିମ୍ବା ବିରୋଧୀ ପକ୍ଷ ଅଧା ବିସ୍ତାରିତ ହୋଇଯାଏ ଏବଂ ଗର୍ବରେ ଛାତି ବାହାରକୁ ବାହାର କରିଦିଆଯାଏ । ହଂସର ପ୍ରତୀକ ଧୀରେ ଧୀରେ ତାଙ୍କ ମନକୁ ଅଧିକାର କରିନେଲା । ଏକ ହଂସ ସହିତ ମିଶିଗଲା, ଦିବ୍ୟ ଶକ୍ତିର ପ୍ରତିଛବି । ଏହା 'ବାୟୁର ନିଷ୍ଠୁର ରକ୍ତ' ହୋଇଯାଏ ଯାହା ଯୌନ ମିଳନ ପାଇଁ ଲେଡ଼ା ଉପରେ ଅବତରଣ କରିଥିଲା

ଦ୍ୱିତୀୟ ଆଗମନରେ ମଧ୍ୟ ଅନେକ ଅର୍ଥ ଅଛି । ୟେଟ୍‌ସଙ୍କ ନାଟକରେ ୟୁନିକର୍ଣ୍ଣ ଏକ ପ୍ରମୁଖ ପ୍ରତୀକ ଭାବରେ ଉଭା ହୋଇଛି । ଦି ପ୍ଲେୟାର ରାଣିରେ, ଏହା "ବିନାଶ ଏବଂ ନବୀକରଣ" ସହିତ ଜଡ଼ିତ ହୋଇଯାଏ । ଏଠାରେ ରାଣୀଙ୍କ ସହ ୟୁନିକର୍ଣ୍ଣର ମିଳନକୁ ଉଲ୍ଲେଖ କରାଯାଇଛି, ଯାହା ପବିତ୍ରତାର ପ୍ରତୀକ । ଏହି ଅଦ୍ଭୁତ "ମିଳନ", ସତୀତ୍ୱର ମିଳନ ହେଉଛି ବିପରୀତର ମିଶ୍ରଣ, ଏକ ଚମତ୍କାର ପ୍ରକାଶ, ଯାହା ନିଶ୍ଚିତ ଭାବରେ ଲେଡ଼ା ସହିତ ହଂସ ପରି କିଛି ଭୟଙ୍କର ଏପିଫାନି ଆଡ଼କୁ ନେଇଯିବ । ଏହିପରି ୟୁନିକର୍ଣ୍ଣ ପ୍ରତିଛବି 'ଦିବ୍ୟ ହଂସ' ସହିତ ମିଶ୍ରିତ ହୁଏ, ଯାହା ଏକ ସଭ୍ୟତାକୁ ଜନ୍ମ ଦେଇଥାଏ । ଏହା ଦ୍ୱିତୀୟ ଆଗମନର ନିର୍ଲଜ୍ଜ ସ୍ପନ୍ଦନ ସହିତ ମଧ୍ୟ ମିଶ୍ରିତ ହୁଏ, ଯାହା ବର୍ତ୍ତମାନର ଖ୍ରୀଷ୍ଟିଆନ ସଭ୍ୟତାର ଧ୍ୱଂସାବଶେଷରୁ ଏକ ନାଟ୍ୟ ବିରୋଧୀ ସଭ୍ୟତାର ଏକ ନୂତନ ହିଂସାତ୍ମକ ଜନ୍ମର ପ୍ରତୀକ, ଯେଉଁଠାରେ କିଛି ନାହିଁ । "ଏକ ଅତ୍ୟନ୍ତ ଭୟଙ୍କର ବନ୍ୟ ପଶୁ ଅଛି, ଯାହାର ଲୁହା ଦାନ୍ତ ଏବଂ ପିତ୍ତଳ ନଖ ଅଛି ଯାହା ସ୍ୱାଇର ଏବଂ ଟର୍ଭରକୁ ମୂଳପୋଛ କରିପାରେ, ଆଖି କଠିନ ଏବଂ ଥଣ୍ଡା ଏବଂ ନୀଳ, ନୀଳମଣି ପରି" ।

ନୃତ୍ୟ ହେଉଛି ଏକ ପୁନରାବୃତ୍ତି ପ୍ରତୀକ । "ଅପନ୍ ଏ ଡାଇଙ୍ଗ୍ ଲେଡି" କବିତାରେ, ମହିଳାଙ୍କ ଆତ୍ମା "ପୂର୍ବନିର୍ଦ୍ଧାରିତ ନୃତ୍ୟ ସ୍ଥାନକୁ ଦିଆଯାଇଛି । ଏହି ପୂର୍ବନିର୍ଦ୍ଧାରିତ ନୃତ୍ୟ ସ୍ଥାନଟି ସମ୍ପୂର୍ଣ୍ଣ ଆନନ୍ଦ ସହିତ ଜଡ଼ିତ, ସମ୍ପୂର୍ଣ୍ଣ ଶାନ୍ତି ଏବଂ ସମ୍ପୂର୍ଣ୍ଣ ଏକତା । 'ସ୍କୁଲ ପିଲାମାନଙ୍କ ମଧ୍ୟରେ' କବିତାର ଶେଷ ପଦରେ ନୃତ୍ୟର ପ୍ରତୀକ ପୁନର୍ବାର ଏକତାର ଧାରଣାକୁ ଆହ୍ୱାନ କରେ । ପଦର ପ୍ରଥମାର୍ଦ୍ଧ ସନ୍ତୁଳନ ଏବଂ ଏକତାର ଏକ ସ୍ୱର୍ଗୀୟ କିମ୍ବା ଆଦର୍ଶ ଅବସ୍ଥାକୁ ଚିତ୍ରଣ କରେ । ଏହି ପଦର ପରବର୍ତ୍ତୀ ଅର୍ଦ୍ଧଭାଗ ଜୀବନକୁ ଧ୍ୟାନରେ ରଖେ । ଚତୁର୍ଥ ପଦ ନୃତ୍ୟକୁ ଟ୍ରାନ୍‌ସ ସହିତ ସମକକ୍ଷ କରେ, ଯାହା ମଣିଷକୁ ଭୌତିକ ଜଗତର ଜଟିଳତା ଏବଂ ପାର୍ଥିବ ଜଗତରୁ ମୁକ୍ତ କରେ ।

ବାଇଜାଣ୍ଟିୟମ୍‌କୁ ୟେଟ୍‌ସ ଏକତା ଏବଂ ପୂର୍ଣ୍ଣତାର ପ୍ରତୀକ ଭାବରେ ବ୍ୟବହାର କରନ୍ତି । ସେ ବାଇଜାଣ୍ଟେୟମ୍ ଏବଂ ଏହାର ସୁବର୍ଣ୍ଣ ସମୟ ପ୍ରତି ଆକର୍ଷିତ ହୋଇଥିଲେ କାରଣ ଏହା ଏକ ଅତୁଳନୀୟ ଏକତା ଏବଂ ପୂର୍ଣ୍ଣତା ପାଇଁ ଠିଆ ହୋଇଥିଲା । ପ୍ରାରମ୍ଭିକ ବାଇଜାଣ୍ଟେୟମ୍ ୟେଟ୍‌ସଙ୍କ ଅନୁସାରେ, ଧାର୍ମିକ, ସୌନ୍ଦର୍ଯ୍ୟ ଏବଂ ବ୍ୟବହାରିକ ଜୀବନ ଏକ ଥିଲା । ଏଠାରେ କଳା ଏବଂ ଜୀବନ ପରସ୍ପର ସହିତ ଜଡ଼ିତ ଥିଲେ । "ବାଇଜାଣ୍ଟେୟମ୍‌କୁ ଯାତ୍ରା" କବିତାରେ, ବାଇଜାଣ୍ଟେୟମ୍ ଏକ ସିଦ୍ଧ ବିଶ୍ୱର ପ୍ରତୀକ ହୋଇଯାଏ । ସେ ପକ୍ଷୀମାନଙ୍କର ଇନ୍ଦ୍ରିୟଗତ ସଙ୍ଗୀତକୁ ପ୍ରତ୍ୟାଖ୍ୟାନ କରନ୍ତି ଏବଂ ସୁବର୍ଣ୍ଣ ଡାଳରେ ଥିବା ଏକ ସୁନା ପକ୍ଷୀର ଆଧ୍ୟାତ୍ମିକ ସଙ୍ଗୀତକୁ ଗ୍ରହଣ କରନ୍ତି । ସମାନ ନାମ ଥିବା ଅନ୍ୟ ଏକ କବିତାରେ ବାଇଜାଣ୍ଟେୟମ୍ ଏକ ଶୁଦ୍ଧିକରଣସ୍ଥଳୀ ହୋଇଯାଏ । ■

ଇଂରାଜୀ ବିଭାଗ
କାହ୍ନୁଚରଣ ଉଚ୍ଚ-ମାଧ୍ୟମିକ ବିଦ୍ୟାଳୟ
କୋରେଇ, ଯାଜପୁର
ମୋ: ୯୪୩୮୨୧୪୯୮୯

# ଦୀପ



ମୂଳ ହିନ୍ଦୀ: ବ୍ରଜ ଶ୍ରୀବାସ୍ତବ
ଅନୁବାଦ: ଈପ୍‌ସିତା ଷଡ଼ଙ୍ଗୀ

ଗୋଟିଏ ସମୟ ଥିଲା
ଯେତେବେଳେ ମାଟି ସବୁଠି ପ୍ରାଧାନ୍ୟ ବିସ୍ତାର କରିଥିଲା ।
ଖେଳିବା ସମୟରେ ପିଲାମାନେ ଏହାକୁ ଖାଇ ଦେଉଥିଲେ,
ମହିଳାମାନେ ଏହାକୁ କେଶ ଧୋଇବା ପାଇଁ ବ୍ୟବହାର କରୁଥିଲେ,
ମାଟି ଚିକିତ୍ସା ପାଇଁ ମଧ୍ୟ ଉପଯୋଗୀ ଥିଲା ।

ସମଗ୍ର ଗାଁକୁ ମାଟିପାତ୍ର ଯୋଗାଉଥିଲା କୁମ୍ଭାର
ସେଥିପାଇଁ ତାଙ୍କୁ ପ୍ରଜାପତି ବୋଲି କୁହାଯାଉଥିଲା


କବୀର ତାଙ୍କ 'ସାଖୀ'ରେ ମାଟି ବିଷୟରେ କହିଛନ୍ତି ।
ବିବାହର ସମୟରେ ବି ପ୍ରଥମେ ହେଉଥିଲା ମାଟିପୂଜା ।

ଗୋଟିଏ ସମୟ ଥିଲା ଯେତେବେଳେ
କିଏ ମାଟିରେ ମିଶିଯିବାର ଖବର ଶୁଣି
ଦୁଃଖରେ ଭାଙ୍ଗି ପଡୁଥିଲେ ଲୋକେ ।
ନାଟକରେ ମାଟିଗାଡ଼ିର ମଧ୍ୟ ଏକ ବଡ଼ ଭୂମିକା ଥିଲା ।
ଦେଶକୁ ରାଷ୍ଟ୍ର ନୁହେଁ, ବରଂ ମାଟି କୁହାଯାଉଥିଲା ।
ଯେତେବେଳେ ଆମେ ବାହାରୁ ଘରେ ପ୍ରବେଶ କରୁଥିଲୁ,
ମାଟି ଛଡ଼ାଉଥିଲୁ, ଚିନ୍ତା ନୁହେଁ ।
କ୍ଷେତର ମାଟିକୁ ମା' ପରି ପୂଜା କରାଯାଉଥିଲା ।

ମାଟିର ହାତୀ ଏବଂ ଘୋଡ଼ା ସବୁଠାରୁ ଭଲ ଖେଳଣା ଥିଲା ।
ମାଟି ଘରେ ହିଁ ରହୁଥିଲେ ମହାପୁରୁଷମାନେ ।
ମାଟିର ଗନ୍ଧ କିନ୍ତୁ ମିଶି କରିନଥିଲା ମାଟିରେ ।

ଗୋଟିଏ ସମୟ ଥିଲା
ଯେତେବେଳେ ସୂର୍ଯ୍ୟ ଏବଂ ଚନ୍ଦ୍ର ବ୍ୟତୀତ
ଆଲୋକ ବିସ୍ତାର କରିବାର ଦାୟିତ୍ୱ
ସେହି ଦୀପର ଥିଲା
ଯାହାର ମାଟି
କାର୍ତ୍ତିକ ଅମାବାସ୍ୟା ଦିନ ବହୁତ ଉଲ୍ଲସିତ ରହୁଥିଲା । ■

# ସ୍ୱାଧୀନତା



ମେଘରୁ ଅଲଗା ହେବା ପରେ
ପାଣିଟୋପା ମୁକ୍ତି ପାଏ,
ଏକ ବୀଜ ମୁକ୍ତ ହୁଏ,
ପ୍ରସ୍ଫୁଟିତ ହେବାପରେ ,
ଅକ୍ଷର ଲେଖିବା ପରେ ଯାଇ
ମୁକ୍ତ ହୋଇପାରେ କଲମ ।

କାନ୍ଦିଦେଇ ବେଶ୍ ମୁକ୍ତ ଅନୁଭବ କରେ
ନବଜାତ ଶିଶୁ
ଗୋଟିଏ ସ୍ୱର ମୁକ୍ତ ହୋଇପାରେ
ବାହାରି ଆସିବା ପରେ
ହାରମୋନିୟମର କଣ୍ଠରୁ ।

ଗୋଟିଏ ସ୍ୱର ମୁକ୍ତ ହୁଏ
ସତକୁ ଉଚ୍ଚ ସ୍ୱରରେ କହିବା ପରେ
ସତକୁ ଉଚ୍ଚ ସ୍ୱରରେ କହିବା ପରେ । ■

ଅଧ୍ୟାପିକା, ଇଂରାଜୀ ବିଭାଗ
ନିଆଳି କଲେଜ, ନିଆଳି,କଟକ
ମୋ: ୯୯୩୮୩୭୦୨୮୯
୯୮୬୧୩୩୩୯୪୪

ପୁସ୍ତକ ପରିଚୟ

## ପାପୁଲିଏ ବିଶ୍ୱାସ

ପ୍ରକାଶ ଚନ୍ଦ୍ର ରାଉତ



ବନଫୁଲ
ଭି.ଏସ୍. ଏସ୍. ନଗର
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୨୫ ଟଙ୍କା

"ପ୍ରେମ ଧାରେ ସର୍ଜିଦେଲା ପରେ/ ଚେଇଁଉଠେ ଜହ୍ନଭିଜା ରାତି/ପ୍ରଲମ୍ବି ଯାଏ/ନିଘଞ୍ଚ ପ୍ରେମର କିଆରି ଆଖି ପାଇବା ପର୍ଯ୍ୟନ୍ତ/ ଚିଠି ସବୁ ଟୁକୁଡ଼ା ହେଇ/ ବାଣ୍ଟୁଥାନ୍ତି ସ୍ମୃତି/ କହୁଥାନ୍ତି ପ୍ରେମ ଅଟେ ଚିରନ୍ତନ ସତ୍ୟ ଓ ଶାଶ୍ୱତ ।" (ପ୍ରେମ ପାଇଁ ଚିଠିଟିଏ) ପ୍ରେମ ସର୍ବଦା ଶାଶ୍ୱତ, ଚିରନ୍ତନ । ପ୍ରେମର ଗଭୀରତା ମାପି ହୁଏ ନାହିଁ, କେବଳ ଅନୁଭବ କରିହୁଏ । ପ୍ରେମ, ଫଗୁଣ, ସ୍ମୃତି, ଅନୁଭୂତିର ଛଳ ଛଳ ଭାବ ଉକୁଟି ଉଠିଛି ପ୍ରକାଶ ଚନ୍ଦ୍ର ରାଉତଙ୍କ 'ପାପୁଲିଏ ବିଶ୍ୱାସ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ଏକାବନଟି କବିତା ସଂକଳିତ ହୋଇଛି । 'ପାପୁଲିଏ ବିଶ୍ୱାସ', 'ପ୍ରେମ ପାଇଁ ଚିଠିଟିଏ', 'ସ୍ୱପ୍ନଭିଜା ଝିଅ ଆଉ କବିତା', 'ଊର୍ଦ୍ଧ୍ୱ ଉଡ଼ାଣ', 'ରୂପାନ୍ତର', 'ଛଳନା', 'ରାତିଟିଏ ପାହିବା ଆଗରୁ', 'ଅବସୋସ', 'କାକୁସ୍ଥ ଜୀବନ', 'ମୋହାବିଷ୍ଟ', 'ନିର୍ବାଣ', 'ଆସଥରେ ଈଶ୍ୱରଙ୍କୁ ଭେଟିବା', 'କୃଷ୍ଣହସ', 'ଯାତ୍ରାପଥେ ମୁଁ', 'ଈଶ୍ୱର', 'ଜୀବନ', 'ଛଦ୍ମବେଶ', 'ସ୍ୱପ୍ନ ଏକ ଫଗୁଣ ବେଳର' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ଏହି ପୁସ୍ତକର ଅନେକ କବିତାରେ ପ୍ରେମ,ଈଶ୍ୱର ଭକ୍ତି, ଜୀବନବୋଧ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ଜୀବନର ମହାର୍ଘ୍ୟ ମୁହୂର୍ତ୍ତ ସବୁ କବିତାର ରୂପ ନେଇଛି । ନିର୍ବାଣ ପାଇଁ କବି କେତେବେଳେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛନ୍ତି ପୁଣି କେତେବେଳେ ସ୍ୱପ୍ନଭିଜା ଝିଅ ପାଇଁ କବିତା ଲେଖୁଛନ୍ତି । 'ପାପୁଲିଏ ବିଶ୍ୱାସ' ପୁସ୍ତକର କବିତାଗୁଡ଼ିକ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

## ଅନୁଭବ ଅନାହତ

ସୁଧାଂଶୁ ଶେଖର ପଟ୍ଟନାୟକ



ତୀର ତରଙ୍ଗ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର
ପ୍ରଥମ ପ୍ରକାଶନ : ୨୦୨୪
ମୂଲ୍ୟ: ୧୨୦ ଟଙ୍କା

ଜୀବନରେ ଅନେକ ମଣିଷଙ୍କ ସାନ୍ନିଧ୍ୟ ମିଳିଥାଏ । ତେବେ କେତେକଙ୍କ ଭଲ ପାଇବା, ଆତ୍ମୀୟତା ସାରା ଜୀବନ ଭୁଲି ହୁଏନାହିଁ । ପୁଣି କେଉଁ ମୁହୂର୍ତ୍ତରେ ନିରବତା ନେଇ ଆସେ ଝଡ଼ର ରୂପ । ଏମିତି ଜୀବନର ବାସ୍ତବତାର ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି ସୁଧାଂଶୁ ଶେଖର ପଟ୍ଟନାୟକଙ୍କ 'ଅନୁଭବ ଅନାହତ' ପୁସ୍ତକର କବିତାଗୁଡ଼ିକରେ । "ଜୀବନରେ କେଉଁ ମୁହୂର୍ତ୍ତରେ,/କେଜାଣି ଧସେଇ ଆସେ ଆକସ୍ମାତ/ କୋଳାହଳର ଦୁନିଆରେ/ ନିରବତାର ଝଡ଼ ନେଇ ।" (ନିରାଶା) ଏହି ପୁସ୍ତକରେ ସଂକଳିତ 'ବୁଦ୍ଧ ଆହ୍ୱାନ', 'ଶୀତସ୍ପର୍ଶ', 'ନିରବଦ୍ରଷ୍ଟା', 'ଭିଟାମାଟି', 'ଜୀବନ', 'ଭୟ', 'ଆଶା', 'ନିରାଶା', 'ବିଫଳତା', 'ଭୋକ', 'ବଞ୍ଚିବାକୁ ଦିଅ', 'ନିରବତା', 'ମୋହଭଙ୍ଗ', 'ଚଲାପଥ', 'ରାସ୍ତା' ଆଦି କବିତାରେ ବାସ୍ତବ ଜୀବନ ନିଚ୍ଛକ ଚିତ୍ର ପ୍ରତିଫଳିତ ହୋଇଛି । ଜୀବନରେ ଦୁଃଖ, ଯନ୍ତ୍ରଣା, ନିରାଶା, ବିଫଳତା ରହିଛି । ତଥାପି ଜୀବନ ସବୁ ମତେ ସୁନ୍ଦର ଓ ଅନୁପମ - ଏଭଳି ମହାନ ଅନୁଭବ ଅନେକ କବିତାରେ ଉତ୍‌କୀର୍ଣ୍ଣ ହୋଇଛି । ଜୀବନର ଅନେକ ଅକୁହା ବେଦନା କବିତାରେ ରୂପ ଲାଭ କରିଛି । ସେଭଳି 'ବୋଉ', 'ବାପା', 'ବୁଢ଼ାଲୋକ', 'ସଂପର୍କର ସେତୁ', 'ସଂପର୍କ' ଆଦି କବିତାରେ ମାନବୀୟ ସଂପର୍କ,ମାନବିକତାର ସ୍ୱର ଅତି ମାର୍ମିକ ଭାବେ ଚିତ୍ରିତ ହୋଇଛି । ଗଭୀର ଜୀବନାନୁଭବ, ନିବିଡ଼ ଅନୁଭୂତି, ଅଭୁଲା ସ୍ମୃତି, ମଣିଷପଣିଆ, ସାମାଜିକ ବାସ୍ତବତାର ବର୍ଣ୍ଣନା କବିତାଗୁଡ଼ିକକୁ ଅଧିକ ମର୍ମସ୍ପର୍ଶୀ କରିଛି । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

# ୫୦୦ ଟଙ୍କା ପାଇଁ ପତ୍ନୀକୁ ପିଟି ହତ୍ୟା

ରାଉରକେଲା,୨୮ ।୬(ସମିସ): ରାଉରକେଲା ସହରର ଟାଙ୍ଗରପାଲ୍ଲୀ ଥାନା ଫେଟକଲ ନିକଟ ହାଟିଙ୍ଗଟୋଲା ବସ୍ତିରେ ୫୦୦ ଟଙ୍କା ପାଇଁ ଜଣେ ଯୁବକ ତାର ପତ୍ନୀକୁ ଏକ କାଠ ଫାଳିଆରେ ପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛି। ଟାଙ୍ଗରପାଲ୍ଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ହତ୍ୟାକାରୀ ସ୍ୱାମୀ ରାଇସିଂହ ମୁଣ୍ଡାକୁ ଗିରଫ କରିଥିବା ସୂଚନା ମିଳିଛି।

ସୂଚନା ମୁତାବକ, ସ୍ଥାନୀୟ ହାଟିଙ୍ଗଟୋଲାରେ ରାଇ ସିଂହ ମୁଣ୍ଡା, ତାର ପତ୍ନୀ ସବିତା ମୁଣ୍ଡା ଏବଂ ୨ଟି ସନ୍ତାନ ସହ ବାସ କରୁଥିଲେ। ତେବେ ଗତକାଲି ରଥଯାତ୍ରା ଦେଖିବାକୁ ଯାଇଥିବା ପତ୍ନୀ ସବିତା ମୁଣ୍ଡା ବିଳମ୍ବରେ ଘରକୁ ଫେରିବାକୁ କେନ୍ଦ୍ର କରି ଗତ ରାତିରେ ସେମାନଙ୍କ ମଧ୍ୟରେ ଭୀଷଣ ଝଗଡ଼ା ହୋଇଥିଲା। ଘରୁ ୫୦୦ ଟଙ୍କା ଚୋରି କରି ନେଇଥିବା ସନ୍ଦେହ କରି ରାଇ ସିଂହ ପତ୍ନୀ ସବିତା ସହ ଝଗଡ଼ା କରିଥିଲା। ତେବେ ରାଇ ସିଂହ ପ୍ରଚୁର ମଦ୍ୟପାନ କରିଥିବାରୁ ସେ ହିତାହିତ ଜ୍ଞାନ ହରାଇ ବସିଥିଲା। ତେବେ ଝଗଡ଼ା ଉଗ୍ର ହେବା ପରେ ରାଇସିଂହ ଏକ କାଠ ଫାଳିଆରେ ପତ୍ନୀକୁ ପିଟି ଗୁରୁତର କରିଥିଲା। ପତ୍ନୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲା। ଆଜି ସକାଳେ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀଙ୍କ ସମେତ ସାଇଣ୍ଟିଫିକ୍ ପୁଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ସବିତା ମୁଣ୍ଡାର ଶବ ଇନକ୍ୱେଷ୍ଟ ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏହାସହ ଅଭିଯୁକ୍ତ ହତ୍ୟାକାରୀ ସ୍ୱାମୀ ରାଇସିଂହ ମୁଣ୍ଡାକୁ ପୁଲିସ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତ ଲାଗିଥିବା କାଠ ଫାଳିଆକୁ ଜବତ କରିଥିଲେ। ଆସନ୍ତାକାଲି ଅଭିଯୁକ୍ତ ରାଇସିଂହକୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଅପରପକ୍ଷେ ପରକୀୟା ପ୍ରୀତିକୁ ନେଇ ପତ୍ନୀର ଚରିତ୍ରରେ ସନ୍ଦେହ କରିଆସୁଥିବା ସ୍ୱାମୀ ରାଇସିଂହ ମୁଣ୍ଡା ପତ୍ନୀକୁ ହତ୍ୟା କରିଥିବା ମଧ୍ୟ ଚର୍ଚ୍ଚା ହେଉଛି।

## କଟକରେ ଏସ୍ଆଇଟି ବୈଠକ

# ଅଧିକ ଦୁର୍ନୀତି ହେଉଥିବା ବିଭାଗ ପ୍ରତି ବେଶୀ ଧ୍ୟାନକେନ୍ଦ୍ରିତ କରିବା ଉପରେ ଗୁରୁତ୍ୱାରୋପ



କଟକ,୨୮ ।୬(ସମିସ): ଓଡ଼ିଶାରେ ଦୁର୍ନୀତି ନିବାରଣ ଆଇନ ମାମଲାରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସମ୍ପୃକ୍ତି ଅଧିକ ଦେଖିବାକୁ ମିଳୁଛି। ତେବେ କେଉଁ ବିଭାଗରେ କେତେ ଦୁର୍ନୀତି ମାମଲା ଧରା ପଡୁଛି ତାହାର ଅନୁଧ୍ୟାନ କରାଯିବା ଉଚିତ ଓ ଏଭଳି ବିଭାଗ ପ୍ରତି ଅଧିକ ଧ୍ୟାନ ଦିଆଯିବା ଉପରେ ଏସଆଇଟି ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଏପରି ଦୁର୍ନୀତିକୁ କିଭଳି ନିୟନ୍ତ୍ରଣ କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିବା ବେଳେ ନିଶା ଦ୍ରବ୍ୟ ସଂପର୍କିତ ମାମଲା ବୃଦ୍ଧି ନେଇ ଉଦବେଗ ପ୍ରକାଶ ପାଇଛି। କଳାଧନ ସମ୍ପର୍କିତ ତଦନ୍ତ କରୁଥିବା ସ୍ପେସାଲ୍ ଇନଭେଷ୍ଟିଗେସନ୍ ଟିମ୍ (ଏସ୍ଆଇଟି)ର ଏକ ବୈଠକ କଟକରେ ଏସଆଇଟି ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଛି।

ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ନିକଟରୁ ବିପୁଳ ପରିମାଣ ଟଙ୍କା ଓ ସଂପତ୍ତି ଜବତ କରାଯିବା ଉଦବେଗଜନକ ପ୍ରସଂଗ ହୋଇଥିବା ବେଳେ ଯେଉଁ ସ୍ତରରେ ସରକାରୀ ଅଧିକାରୀ ଥାଆନ୍ତୁ ଯଦି ସେ ଦୁର୍ନୀତି କରନ୍ତି ତେବେ ତାଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଆଇଟି ଉପାଧ୍ୟକ୍ଷ ଜଷ୍ଟିସ ପଶାୟତ କହିଛନ୍ତି । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଗ୍ରହଣ କରାଯାଇଥିବା ପଦକ୍ଷେପର ଅଗ୍ରଗତି ସଂକ୍ରାନ୍ତରେ ବୈଠକରେ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଚିଟଫଣ୍ଡ ସଂସ୍ଥାରେ ନିବେଶ କରିଥିବା ଜମାକାରୀ ଟଙ୍କା ଫେରି ପାଇବାର ଆଶା ଭରସା ହରାଇଥାନ୍ତି ଏଭଳି ସ୍ଥିତିରେ ଇଡି ଜବତ କରୁଥିବା ଟଙ୍କାରୁ ଜମାକାରୀ ସେମାନଙ୍କ ନିବେଶ ଅର୍ଥରୁ ଶତ ପ୍ରତିଶତ ନ ହେଲେ ମଧ୍ୟ ବହୁ ପ୍ରତିଶତ ଫେରସ୍ତ ପାଉଛନ୍ତି । ଗୋଟିଏ ଗୋଟିଏ ଚିଟଫଣ୍ଡ ମାମଲାରେ ୬ରୁ ୭ଶହ କୋଟି ଟଙ୍କା ଏପରି ପ୍ରକ୍ରିୟାରେ ଇଡି ମାଧ୍ୟମରେ ଜମାକାରୀ ଫେରସ୍ତ ପାଇଛନ୍ତି ଯାହା ଉଲ୍ଲେଖନୀୟ ବୋଲି ସେ କହିଛନ୍ତି। ଆସନ୍ତା ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଅହମ୍ମଦାବାଦରେ ଏସଆଇଟିର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବା ପରେ ରିପୋର୍ଟ ଦାଖଲ କରାଯିବ ବୋଲି ଜଷ୍ଟିସ ପଶାୟତ ସୂଚନା ଦେଇଛନ୍ତି। ଏସ୍ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ପଶାୟତଙ୍କ ଅଧ୍ୟକ୍ଷତାରେ ତାଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଅନୁଷ୍ଠିତ ବୈଠକରେ ଇଡି ନିର୍ଦ୍ଦେଶକ ରାହୁଲ ନବୀନ, ଡିଆରଆଇ ଡିଜି ଏ.କେ.ଶ୍ରୀବାସ୍ତବ, ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ. କେ.ଜେଠୱା, କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ରଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଅଧା ରହିଗଲା ଜଗା ଦର୍ଶନ

# ଦୁର୍ଘଟଣାରେ ୨ ଭଉଣୀଙ୍କ ସମେତ ୩ ମୃତ

ପିପିଲି,୨୮ ।୬(ସମିସ): ଅଧା ରହିଗଲା ଜଗା ଦର୍ଶନ। ଶ୍ରୀକ୍ଷେତ୍ରରେ ପହଞ୍ଚିବା ଆଗରୁ ଦୁର୍ଘଟଣାରେ ଲିଭିଗଲା ୩ଜଣଙ୍କ ଜୀବନଦୀପ। ପିପିଲି ଓଭରବ୍ରିଜ୍ ବାଇପାସ୍ ନିକଟରେ ଆଜି ଏପରି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ, ପୁରୁଣା ଭୁବନେଶ୍ୱର ରଥରୋଡ୍ ବାରିକସାହିରେ ରହୁଥିବା ରମେଶ ସାହୁଙ୍କ ଝିଅ ରିମ୍ଝିମ୍ ସାହୁ (୨୦), କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳର ଦୁଇ ଭଉଣୀ ଏଲିନା ଦାଶ (୨୦) ଓ କାଜଲ ଦାଶ (୨୨) । ୩ ଜଣ ଯାକ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ। ଏମାନେ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହୁଥିଲେ। ଆଜି ଏକ ସ୍କୁଟିରେ ସେମାନେ ପୁରୀ ରଥଯାତ୍ରା ଦେଖିବାକୁ ଯାଉଥିବା ବେଳେ ପିପିଲି ଓଭରବ୍ରିଜ୍ ନିକଟରେ 'ଓଏସ୍ଆର୍‌ଟିସି'ର ଏକ ବସ୍ ସେମାନଙ୍କୁ ପଛପଟୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା।



ପିପିଲି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ୩ ଛାତ୍ରୀଙ୍କ ଶବ ଜବତ କରି ପିପିଲି ଡାକ୍ତରଖାନାକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୁରୁଣା ଭୁବନେଶ୍ୱର ବାସିନ୍ଦାମାନେ ପିପିଲି ମେଡିକାଲରେ ପହଞ୍ଚି ବେପରୁଆ ବସ୍ ଚାଳକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ହୋହାଲ୍ଲା କରିଥିଲେ। ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ତହସିଲଦାର ହୃଷୀକେଶ ତ୍ରିପାଠୀ, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ଓଲ୍ଡ ଟାଉନ୍ କର୍ପୋରେଟର ଶିବ ପ୍ରସାଦ ବେହେରା ପିପିଲି ମେଡିକାଲରେ ପହଞ୍ଚି ମୃତ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ପରିବାରଲୋକେ କ୍ଷତିପୂରଣ ଦାବିରେ କିଛି ସମୟ ମେଡିକାଲ ସମ୍ମୁଖ ରାଜରାସ୍ତାକୁ ଯାଇ ପ୍ରତିବାଦ କରିଥିବା ବେଳେ ପ୍ରଶାସନ ଅଧିକାରୀମାନେ ବୁଝାସୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

■ ରଥଟଣାରେ ମହାବିଭ୍ରାଟ

# ମହାପ୍ରଭୁଙ୍କ ଇଚ୍ଛା, ଭକ୍ତଙ୍କ ସଂଖ୍ୟା କହି ଖସିଯିବାକୁ ଚେଷ୍ଟା

ପୁରୀ,୨୮ ।୬(ସମିସ): ଚଳିତବର୍ଷ ରଥଯାତ୍ରା ଆରମ୍ଭରୁ ଉପୁଜିଛି ବିଭ୍ରାଟ। ରଥ ନିର୍ମାଣଠାରୁ ଗଡ଼ିବା ପର୍ଯ୍ୟନ୍ତ ନାନା ପ୍ରକାର ବିଭ୍ରାଟ ଦେଖିବାକୁ ମିଳିଛି। ମନୁଷ୍ୟକୃତ ତ୍ରୁଟି ପାଇଁ ଏଭଳି ପରିସ୍ଥିତି ଉପୁଜିଥିଲେ ହେଁ ଭକ୍ତ, ଭଗବାନଙ୍କୁ ଆଳ କରାଯାଉଛି। ରଥ କାହିଁକି ଗଡ଼ିଲାନି ବୋଲି ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ଭକ୍ତ ଟାର୍ଗେଟ କରୁଥିବାବେଳେ ଖୁବ୍ ସନ୍ତର୍ପଣରେ ଖସିଯିବାକୁ ଚେଷ୍ଟା କରିଛନ୍ତି ଆଇନ ମନ୍ତ୍ରୀ ଏବଂ ମୁଖ୍ୟ ପ୍ରଶାସକ। ସବୁ ମହାପ୍ରଭୁଙ୍କ ଇଚ୍ଛା। ଏମିତି ବି ଏଥର ଦେଢ଼ଗୁଣା ଭକ୍ତ ହୋଇଯିବା କହି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ହାତ ଝାଡ଼ି ଦେଇଥିବାବେଳେ ମୁଖ୍ୟ ପ୍ରଶାସକ ପୂର୍ବରୁ ଏମିତି ହୋଇଛି, ଏହା ମହାପ୍ରଭୁଙ୍କ ଇଚ୍ଛା ବୋଲି ଭାବିବା କହି ପ୍ରଶାସନିକ ବିଫଳତାକୁ ଲୁଚାଇବା ପାଇଁ ଚେଷ୍ଟା କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ଚଳିତବର୍ଷ ରଥଯାତ୍ରାକୁ ସୁରକ୍ଷିତ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ବହୁ ବୈଠକ ବସିଛି। ମନ୍ତ୍ରୀସ୍ତରୀୟ କମିଟି ଏକାଧିକଥର ସମୀକ୍ଷା କରିଥିବାବେଳେ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ହୋଇଛି ମାନସ ମନ୍ଥନ। ମୁଖ୍ୟମନ୍ତ୍ରୀ ବି ଏଥର ତ୍ରୁଟିଶୂନ୍ୟ ରଥଯାତ୍ରା କରିବା ଉପରେ ଜୋର୍ ଦେଇଥିଲେ। ହେଲେ ଠିକଣା ବେଳକୁ ସବୁ ପ୍ରସ୍ତୁତି, ସବୁ ଯୋଜନା ଫେଲ୍ ମାରିଛି। ରଥଟଣାରେ ବିଭ୍ରାଟ ଯୋଗୁଁ ଶୁକ୍ରବାର ଗଡ଼ିପାରି ନ ଥିଲା ନନ୍ଦିଘୋଷ ରଥ। ତାଳଧ୍ୱଜ ଏବଂ ଦର୍ପଦଳନ ରଥ ଅଳ୍ପ କିଛି କିଛି ବାଟ ଯାଇ ଅଟକି ରହିଥିଲେ।

କାହିଁକି ଏମିତି ହେଲା? ଏହି କାରଣ ଖୋଜୁଛନ୍ତି ଭକ୍ତ, ସେବାୟତ ଓ ଅଧିକାରୀ। ଠିକଣା ସମୟରେ ଠାକୁର ରଥାରୂଢ଼ ହେଲେ, ଗଜପତି ମହାରାଜା ଧାର୍ଯ୍ୟ ସମୟରେ ଛେରାପହଁରା ସାରିଲେ। ଏପରିକି ନିର୍ଘଣ୍ଟ ସମୟରେ ବି ଗଡ଼ିଥିଲା ବଡ଼ଠାକୁରଙ୍କ ତାଳଧ୍ୱଜ ରଥ। ହେଲେ ସ୍ୱାଭାବିକ ଭାବେ ବଡ଼ଦାଣ୍ଡରେ ଗଡୁ ନ ଥିଲା ରଥ। ବାରମ୍ବାର ତାଳଧ୍ୱଜ ରଥ ମୋଡ଼ ନେଉଥିବାରୁ ଏହା ମହାପ୍ରଭୁଙ୍କ ଇଚ୍ଛା ବୋଲି କହିଛନ୍ତି। ସେହିପରି ମୁଖ୍ୟ ପ୍ରଶାସକ ମଧ୍ୟ ମହାପ୍ରଭୁଙ୍କ ଇଚ୍ଛା କହି ହାତ ଟେକି ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯଦି ରଥଟଣା ସ୍ୱାଭାବିକ ହୋଇଥା'ନ୍ତା, ଗୁଣ୍ଡିଚା ମନ୍ଦିରରେ ଗୋଟିଏ କିମ୍ବା ଦୁଇଟି ଅବା ତିନିଟିଯାକ ରଥ ଲାଗିଯାଇଥା'ନ୍ତା ତେବେ ଏହାର ବାହାବା ନେଇଥାନ୍ତେ କିଏ? ନିଶ୍ଚିତ ରାଜ୍ୟ ସରକାର ସଫଳତାର ଶ୍ରେୟ ନେଇଥାନ୍ତେ। ସମାନ

## ■ ରଥ ସ୍ୱାଭାବିକ ଗଡ଼ିଥିଲେ ବାହାବା ନେଇଥାନ୍ତେ
## ■ ବିଫଳତାରୁ ନ ଗଡ଼ିବାରୁ ହାତ ଝାଡ଼ି ଦେଲେ

ନାକେଦମ୍ ହୋଇପଡ଼ିଥିଲେ ଭୋଇ ଓ ମହାରଣା ସେବକ। ଶେଷରେ ରାତି ହେବାରୁ ରଥଟଣା ବନ୍ଦ କରାଯାଇଥିଲା। ବଳଗଣ୍ଡିରେ ତାଳଧ୍ୱଜ, ମରୀଚିକୋଟରେ ଦର୍ପଦଳନ ରଥ ଅଟକି ରହିଥିବାବେଳେ ନନ୍ଦିଘୋଷ ରଥ ପାହୁଣ୍ଡେ ଗଡ଼ି ସିଂହଦ୍ୱାର ଆଗରେ ଠିଆ ହୋଇଥିଲା। ଏହି ବିଭ୍ରାଟକୁ ନେଇ ଏବେ ଦୋଷ ଠେଲାଠେଲି ଚାଲିଛି। ଶାସକ ଦଳ ରଥଯାତ୍ରାର ପୁରୁଣା ଇତିହାସକୁ ଘାଣ୍ଟୁଥିବାବେଳେ ବିରୋଧୀମାନେ ବିଫଳତାକୁ ଧରି ଶାଣିତ ଆକ୍ରମଣ କରୁଛନ୍ତି। ଏଭଳି ସ୍ଥିତିରେ ଆଇନ ମନ୍ତ୍ରୀ କହିଛନ୍ତି, ଧାର୍ଯ୍ୟ ସମୟ ମଧ୍ୟରେ ସୁରୁଖୁରୁରେ ସବୁ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ହେଲେ ଅନୁକୂଳ ପାଗ ଯୋଗୁଁ ଦେଢ଼ଗୁଣା ଭକ୍ତ ହୋଇଗଲେ। ତେଣୁ ରଥଟଣାରେ କିଛିଟା ବିଳମ୍ବ ହେଲା। ବଡ଼ଠାକୁରଙ୍କ ରଥ ବାରମ୍ବାର ମୋଡ଼ ନେଲା। ବିଗତ ବର୍ଷରେ ଏମିତି ହୋଇଛି। ଭାବେ ଯଦି ରଥଟଣାରେ ବିଭ୍ରାଟ ହେଲା ଏବଂ ରଥଗୁଡ଼ିକ ବିଶେଷ ଭାବେ ଆଗକୁ ବଢ଼ିପାରିଲେ ନାହିଁ ସେଥିପାଇଁ ସରକାର ଏବଂ ପ୍ରଶାସନ ନିଜ ଦୋଷ ସ୍ୱୀକାର କରି ମହାପ୍ରଭୁଙ୍କ ଚରଣରେ ସମର୍ପିତ ହେବା କଥା। କିନ୍ତୁ ତାହା ନ କରି ଦୋଷ ଛଡ଼ାଇବାରେ ବ୍ୟସ୍ତ ବୋଲି କହିଛନ୍ତି ଶ୍ରଦ୍ଧାଳୁ ସନ୍ତୋଷ କୁମାର ମହାନ୍ତି। ସେ କହିଛନ୍ତି, କାଲି ଯେଉଁ ରଥ ଗଡୁ ନ ଥିଲା ଆଜି ଘର୍ଘର ହୋଇ ବଡ଼ଦାଣ୍ଡରେ ଗଡ଼ିଲା କେମିତି? ଆଜି ତ କାହିଁ କାଲିଭଳି ସେମିତି ମୋଡ଼ ନେଲା ନାହିଁ। ଏ କଥାକୁ ବି ସମସ୍ତେ ଭାବିବା ଦରକାର। କର୍ଡନ ପାସ୍ ଏତେ ପରିମାଣରେ ବାଣ୍ଟି କାହିଁକି ବିଭ୍ରାଟ କରାଯାଉଛି। ମହାପ୍ରଭୁଙ୍କ ନିକଟରେ ସମସ୍ତେ ସମାନ। ଏଭଳି ମାନସିକତା ନେଇ କାମ ନ କଲେ ଠାକୁର କାହାର ଅହଂଭାବେ ରଖିନାହାନ୍ତି କି ଆଗକୁ ରଖିବେ ବୋଲି କହିଛନ୍ତି ସନ୍ତୋଷ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାପ୍ରଭୁ ଦାୟୀଙ୍କୁ...

କରନ୍ତୁ ବୋଲି ସାଧାରଣରେ ଦାବି ହୋଇଛି।

"ଏକ୍ସ'ରେ ନବୀନ କହିଛନ୍ତି ଯେ ନନ୍ଦିଘୋଷ ରଥଟଣାରେ ଅଯଥା ବିଳମ୍ବ ପାଇଁ ପ୍ରଶାସନକୁ ଦୋଷାରୋପ କିମ୍ବା ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଆମେ ଚାହୁଁନାହୁଁ। କିନ୍ତୁ ଆମ ରାଜ୍ୟର ତଥା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଏହି ପବିତ୍ର ଉତ୍ସବରେ ଯେଉଁ ଅଘଟଣ ଘଟିଛି, ସେଥିପାଇଁ ଆମର ଗଭୀର ଚିନ୍ତା ଓ ଦୁଃଖ ପ୍ରକାଶ ନ'କରି ରହି ହେଉନାହିଁ। ଗତ ବର୍ଷ ଆଡ଼ପ ପହଣ୍ଡି ବିଜେ ସମୟରେ ଭଗବାନ ବଳଭଦ୍ର ପଡ଼ିଯିବା ଘଟଣାକୁ ଏଯାଏଁ ଆମେ କେହି ଭୁଲି ପାରୁନାହୁଁ; ଏହା ଏପରି ଏକ ମୁହୂର୍ତ୍ତ ଥିଲା ଯାହା ଅଗଣିତ ଶ୍ରଦ୍ଧାଳୁଙ୍କୁ ମର୍ମାହତ କରିଥିଲା। ଏବର୍ଷ ସମସ୍ତେ ଦେଖିଲେ ନନ୍ଦିଘୋଷ ରଥ ସିଂହଦ୍ୱାର ସାମ୍ନାରେ ସନ୍ଧ୍ୟା ୭:୪୫ ପର୍ଯ୍ୟନ୍ତ ଅଟକି ରହିଥିଲା ଏବଂ ଦିନ ଶେଷ ହେବା ପୂର୍ବରୁ ମାତ୍ର କିଛି ମିଟର ଗଡ଼େଇ ଦିଆଗଲା। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଏହି ଅନନ୍ୟ ଉତ୍ସବ ଦେଖିବାକୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ଏହା ସମ୍ପୂର୍ଣ୍ଣ ଭାବେ ନିରାଶ ଓ ହତାଶ କରିଛି। ଭିଡ଼ ନିୟନ୍ତ୍ରଣରେ ଅପାରଗତା ହେତୁ ଶହ ଶହ ଭକ୍ତ ଆହତ ହୋଇଛନ୍ତି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମେ କେବଳ ଏତିକି ପ୍ରାର୍ଥନା କରିପାରିବା ଯେ 'ରଥଯାତ୍ରାର ଏହି ଦିବ୍ୟ ଉତ୍ସବରେ ହୋଇଥିବା ଭୟଙ୍କର ବିଭ୍ରାଟ ତଥା ବିଶୃଙ୍ଖଳା ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ କ୍ଷମା କରନ୍ତୁ।' ମୁଁ ଆଶା କରିବି ଏହି ଘଟଣା ସରକାରରେ ଥିବା ସମସ୍ତଙ୍କ ମନରେ ଗଭୀର ଆତ୍ମଚିନ୍ତନ ଆଣିବ। ଶେଷରେ ଚକା ଆଖି ସବୁ ଦେଖୁଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

ଅପରପକ୍ଷେ ନବୀନଙ୍କ ପରାମର୍ଶକୁ ରାଜ୍ୟ ସରକାର ବିନା ଦ୍ୱିଧାରେ ଗ୍ରହଣ କରିବା ଉଚିତ୍ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଗତବର୍ଷ ରଥଯାତ୍ରାରେ ଏକାଧିକ ବିଭ୍ରାଟ ଘଟିଥିଲେ ହେଁ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କଲେନାହିଁ। ବଡ଼ଠାକୁର ବଳଭଦ୍ର ରଥରୁ ପଡ଼ିଯିବା ପରି ମହାବିଭ୍ରାଟ ଘଟିଥିଲେ ହେଁ ଏହାର ତଦନ୍ତ ରିପୋର୍ଟ ଏଯାବତ୍ ସାର୍ବଜନୀନ କରାଗଲା ନାହିଁ କିମ୍ବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ସରକାରଙ୍କ ଏପରି ଖାମଖିଆଲି ମନୋଭାବ ଚଳିତବର୍ଷର ଅବ୍ୟବସ୍ଥା, ବିଭ୍ରାଟକୁ ବାଟ କଢ଼ାଇ ନେଲା। ଏହାପରେ ବି ସରକାର ନିଜ ତ୍ରୁଟିକୁ ଗ୍ରହଣ କରିବାକୁ ନାରାଜ। କେଉଁ ପରିସ୍ଥିତିରେ ଏକାଧିକ ବିଭ୍ରାଟ ଘଟିଲା, ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ। ଗୁଣ୍ଡିଚା ଯାତ୍ରାର ବାକି ଉତ୍ସବ, ନୀତିକାନ୍ତି ଯେପରି ଶୃଙ୍ଖଳାର ସହ ସମାପନ ହେବ, ତାହାକୁ ସରକାର ସର୍ବାଧିକ ପ୍ରାଥମିକତା ଦେବାକୁ ଭକ୍ତ ମହଲରେ ଦାବି ହୋଇଛି।

### ଦ୍ୱିତୀୟ ଶ୍ରୀକ୍ଷେତ୍ରରେ...

ଛୁଟିଥିଲା। ବାରିପଦା ତଥା ସହର ଉପକଣ୍ଠର ଦେକାନ ବଜାରଠାରୁ ଆରମ୍ଭ କରି ସରକାରୀ ବେସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ ଆଦି ପ୍ରାୟତଃ ବନ୍ଦ ହୋଇଥିଲା। ଘଣ୍ଟଘଣ୍ଟା, ହୁଳହୁଳି ଓ ସଂକୀର୍ତ୍ତନ ଧ୍ୱନିରେ ସହସ୍ରାଧିକ ଭକ୍ତ ପ୍ରଥମେ ବଡ଼ଭାଇ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଟାଣି ନେଇ ମାଉସୀ ମା'ଙ୍କ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ମହିଳାମାନେ ଦେବୀ ସୁଭଦ୍ରାଙ୍କ ରଥ ଟାଣିବା ପାଇଁ ଦର୍ପଦଳନ ନିକଟରେ ଅପେକ୍ଷା କରିଥିଲେ। ପରେ ଝିପିଝିପି ବର୍ଷାରେ ଭିଜିଭିଜି ହଜାରହଜାର ମହିଳା ଭକ୍ତ ଦର୍ପଦଳନ ରଥକୁ ଟାଣିଥିଲେ। ମହିଳା ପୁଲିସ, ମହିଳା ସ୍କାଉଟ୍ ଆଣ୍ଡ ଗାଇଡ୍ ଓ ମହିଳା ଏନ୍‌ଏସ୍‌ଏସ୍‌ର ସଦସ୍ୟାମାନେ କର୍ଡନ ବା ସୁରକ୍ଷାବଳୟରେ ରଥକୁ ଟାଉନ ଥାନା ପର୍ଯ୍ୟନ୍ତ ଟାଣି ନେଇଥିଲେ। ୧୯୭୫ମସିହାଠାରୁ ଚାଲି ଆସିଥିବା ଏହି ପରମ୍ପରା ପାଇଁ ବାରିପଦା ରଥଯାତ୍ରାରେ ମହିଳା ଭକ୍ତଙ୍କ ସଂଖ୍ୟା ଅଧିକ ହୋଇଥାଏ। ଶନିବାର ୫୦ହଜାରରୁ ଅଧିକ ମହିଳା ଭକ୍ତଙ୍କ ସମାଗମ ଏହାକୁ ପ୍ରମାଣିତ କରିଥିଲା। ଆସନ୍ତାକାଲି (ରବିବାର) ଅପରାହ୍ଣରେ ପ୍ରଥମେ ମହିଳାମାନେ ଦର୍ପଦଳନକୁ ମାଉସୀ ମା' ମନ୍ଦିରରେ ପହଞ୍ଚାଇବା ପରେ ଆରମ୍ଭ ହେବ ଜଗନ୍ନାଥଙ୍କ ରଥଟଣା।

ଶୃଙ୍ଖଳିତ ରଥଯାତ୍ରା ପାଇଁ ପୁଲିସ୍ ବାହିନୀ ଦ୍ୱାରା ରଥର ଚାରିପଟେ ତ୍ରିସ୍ତରୀୟ କର୍ଡନ୍ କରାଯାଇଥିଲା। କର୍ଡନ୍ ଭିତରେ ପୁଲିସ ଓ ଅଧିକାରୀମାନେ ରଥ ଦଉଡ଼ି ଟାଣିଥିବା ବେଳେ କର୍ଡନ ବାହାରେ ଭକ୍ତମାନେ ଟାଣିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ରଥଟଣା ସମାପନ ପାଇଁ ପୁଲିସ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ରଥଦାଣ୍ଡଠାରୁ ଆରମ୍ଭ କରି ସହରର ବିଭିନ୍ନ ଛକଗୁଡ଼ିକରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ବାରିପଦା ଉପନଗରପାଳ ସୀମା ଦାସଙ୍କ ସହିତ ବହୁ ରାଜନେତା ସାମିଲ ଥିଲେ।

ମୟୂରଭଞ୍ଜ ଜିଲ୍ଲାପାଳ, ପୂର୍ବାଞ୍ଚଳ ଡିଆଇଜି, ଏସପି, ଡିଏଫଓ, ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ସମେତ ସମସ୍ତ ପଦାଧିକାରୀ ରଥଦାଣ୍ଡରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବିବାର ସୁଭଦ୍ରା ଓ ଜଗନ୍ନାଥଙ୍କ ରଥ ପହଞ୍ଚିବା ପରେ ସମସ୍ତ ଦିଅଁ ପହଣ୍ଡିରେ ମାଉସୀ ମା'ଙ୍କ ମନ୍ଦିରକୁ ଯିବେ।

ବଳଭଦ୍ରଙ୍କ ତାଳଧ୍ୱଜ ରଥଟଣା ଆରମ୍ଭ ହେବାର କିଛି ବାଟ ପରେ ଶୀତଳା ମନ୍ଦିର ପାଖ ମୋଡ଼ରେ ଗୋଟିଏ ଚକ ଭାଙ୍ଗିଯାଇଥିଲା। ତେବେ ଏଥିରେ କାହାର କିଛି କ୍ଷତି ହୋଇନଥିବା ଜଣାପଡ଼ିଛି। ସେହି ଭଙ୍ଗା ଚକ ରଥରେ ବଳଭଦ୍ର ମାଉସୀ ମା'ଙ୍କ ମନ୍ଦିରରେ ପହଞ୍ଚିଛନ୍ତି। ବାହୁଡ଼ା ଯାତ୍ରା ପୂର୍ବରୁ ଚକ ମରାମତି ହୋଇଯିବ ବୋଲି ମନ୍ଦିର ସୂତ୍ରରୁ ଜଣାପଡ଼ିଛି।

### ପରାଗ ଜୈନ...

ସେ ଏସ୍‌ଏସ୍‌ପି ଚଣ୍ଡିଗଡ଼ ଏବଂ ଡିଆଇଜି ଲୁଧିଆନା ପଦରେ ମଧ୍ୟ ଥିଲେ। ପଞ୍ଜାବରେ କାର୍ଯ୍ୟରତ ଥିବା ସମୟରେ ସେ ଆତଙ୍କବାଦୀ ବିରୋଧୀ ଅନେକ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ କାନାଡା ଏବଂ ଶ୍ରୀଲଙ୍କାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। କାନାଡ଼ାରେ ମୁତୟନ ଥିବା ସମୟରେ ଖଲିସ୍ତାନୀ ନେଟୱର୍କର ପର୍ଦ୍ଦାଫାସ କରିଥିଲେ।

### ଘରେ ପଶି ଛାତ୍ରୀଙ୍କୁ...

ଦୁଷ୍କର୍ମ କରିଥିଲା। ଘରକୁ ଫେରିବା ପରେ ଝିଅଠାରୁ ସବୁ କଥା ଶୁଣିବା ପରେ ଏ ସଂପର୍କରେ ତାଙ୍କ ମା' ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିବା ସହ ପରେ ଅଭିଯୁକ୍ତ ଟାରଜନ୍‌କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

### ଆଜିଠୁ ରାଜ୍ୟ ବିଜେପି...

ସ୍ଥିତି ଲାଗି ରହିଛି। ଜିଲ୍ଲା ସଭାପତି ନିର୍ବାଚନରେ ଏହି ଟଣାଓଟରା ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥିଲା। ଏପରିକି ଗୋଟିଏ ଗୋଷ୍ଠୀ ସଂଖ୍ୟାଧିକ ସଭାପତି ପଦବୀ ହାତେଇଥିବା ଦାବି କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀହଁକ ଉପରେ କେନ୍ଦ୍ରୀୟ ନେତୃତ୍ୱଙ୍କ ଆଶୀର୍ବାଦ ରହିଛି ବୋଲି ସେମାନଙ୍କ ସମର୍ଥକ କହି ବୁଲୁଛନ୍ତି। ଏପରି ସ୍ଥିତିରେ ଗତ କିଛି ମାସ ଧରି ସଭାପତି ପଦବୀ ହାତେଇବାକୁ ଉଭୟ ଗୋଷ୍ଠୀ ନିଜ ନିଜ ସ୍ତରରେ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ଅନୁଯାୟୀ କେନ୍ଦ୍ର ନିର୍ବାଚନ ଅଧିକାରୀ ଡ. ବି. ଲକ୍ଷ୍ମଣଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟମାନଙ୍କ ନିର୍ବାଚନ ପ୍ରକ୍ରିୟା ଜୁନ୍ ୨୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ୩ ଦିନ ଧରି ହେବାକୁ ଥିବା ଏହି ନିର୍ବାଚନ ପ୍ରକ୍ରିୟା ଜୁଲାଇ ୧ ସୁଦ୍ଧା ଶେଷ ହେବ। ଏହି ନିର୍ବାଚନ ପ୍ରକ୍ରିୟାର ସୁପରିଚାଳନା ଓ ତଦାରଖ କରିବା ପାଇଁ କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିହାର ସାଂସଦ ସଞ୍ଜୟ ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଶ୍ରୀ ଜୟସ୍ୱାଲ ଓଡ଼ିଶା ଗସ୍ତ କରିବେ ବୋଲି ସୂଚନା ପ୍ରାପ୍ତ ହୋଇଛି ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି।

**AFFIDAVIT**
I, Gouri Rani Parida, aged about 51 years, W/o- Surendra Kumar Parida, resident of Plot No. 1289, Sastri Nagar, Nayapalli, Bhubaneswar, PIN-751001, Odisha declared by this affidavit No. 532, dtd- 26/06/2025 that now onwards I shall be known as **GOURI RANI BEHERA** for all future purposes.

**WANTED**
ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ
6370964966

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**AFFIDAVIT**
By virtue of an affidavit before The Notary Public, Titilagarh, on dated-27/06/2025. I, **Himanchal Bishi** (Applicant name), Son of Kartika Bishi, Permanent resident of AT- Banjipadar, P.O. Rigdol, P.S. Titilagarh, Dist. Balangir, (Odisha), PIN- 767033 affirm that I have changed my minor son's name from **Jopesh Bishi** (old name) To **Jupesh Bishi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Jupesh Bishi** (new name).
**Himanchal Bishi**

**AFFIDAVIT**
I Kalu Charan Parida, aged about 43 years, S/o- Raj Kishor Parida, resident of At/Po: Goda, Ps- Begunia, Dist- Khordha, Odisha Aadhar No- 3453 9768 8641, Khordha Executive Magistrate declared that **Kalu Charan Parida** and **Prasanta Kumar Parida** both the name same and one person for all purposes.
**Kalu Charan Parida**

**AFFIDAVIT**
By virtue of an affidavit Sl. No. 378, dtd. 24.06.2025 before the Notary Public, Bhubaneswar, I, Bijoy Kumar Beura, have changed my name from Bijaya Kumar Beura to Bijoy Kumar Behera. Henceforth I shall be knownas Bijoy Kumar Beura for all purposes.
**Sd/- Bijoy Kumar Beura**

**AFFIDAVIT**
By the virtue of an affidavit sworn before Notary Public Daringibadi, Dated 24.06.2025. I KANCHANI BALIARSINGH , D/o Mard Nayak, Address Simonbadi, Po: Simonbadi, Ps: Daringibadi, Dist : Kandhamal, State: Odisha-762104 declare that I have chaged my Name from KANJANI BALIYARSINGH to KANCHANI BALIARSINGH . Henceforth, I shall be known as **KANCHANI BALIARSINGH** for all purposes.

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
**CONTACT : 6371093914**

**TRUST FUND DEGREE COLLEGE, BARGARH**
Phone No. 06646 - 231498
**WALK IN INTERVIEW FOR GUEST FACULTY**
Desirous candidates having more than 55% of marks in concerned subject at P.G. Level may attend the walk in interview for Guest faculty in Physics to be held on **dt. 11.07.2025 at 10.00 A.M.** in college premises.
N.B.: No T.A. / D.A. will be provided to the candidate.
Sd/-
Principal in-Charge-cum-Secretary
TRUST FUND DEGREE COLLEGE, BARGARH.

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India
Ref.No:- Edn/2025 /63 Date:-28/06/2025
**ADVERTISEMENT**
**Ispat Vidyamandir,Sector-19, Rourkela (affiliated to CHSE, Odisha)**, run by SAIL, Rourkela Steel Plant requires **Short Term Teachers** for the **session 2025-26** (July, 2025 to April,2026). The subjects, vacancies and requisite qualification for eligibility are as follows :

| Category | Subjects & Vacancy | Minimum requisite qualification |
|---|---|---|
| Category-I (Class-XI to XII) | Lab Asst. (Chemistry)-01 | Minimum 50% marks in aggregate at Graduation level with Chemistry. OR Masters Degree in Chemistry |
| Category-I (Class-XI to XII) | PET - 01 | Bachelor Degree in Physical Education |

**Preference:** Candidates with a) B.Ed/ Higher Qualification, b) Better academic credentials / records, c) Teaching experience in Higher Secondary Schools or College affiliated to CHSE, Odisha.
**Upper Age Limit:** (i) Maximum 60 years (As on date of advertisement)
**Honorarium (Maximum) per month** (subject to 100 periods per month):
**Category-I : Rs.18,000/-**
**Essential documents:**
Interested Candidates, with the above mentioned requisite qualifications may apply in an Application format mentioning i) name ii) subject & category applied for iii) qualification iv) address v) contact nos vi) email-id vii) photograph to be affixed and self attested copies of certificates / mark sheets and submit the same at the Office of Asst. Mgr.(TS) Education, Ispat Vidyamandir, Sector-19, Rourkela Steel Plant, Rourkela by hand on or **before 05/ 07 /2025 ( Saturday) within 10.30 am to 1.00 pm.**
All communication shall be intimated to the candidate **by e-mail / sms only. Accordingly, candidates are requested to keep their e-mail active and check it regularly.** Candidates have to produce the original testimonials and ID proof for verification on the day of interview. Selection will be made through Classroom Demonstration followed by Personal Interview at the institution premises on the date and time to be specified in the intimation. **(No TA/DA will be paid for attending the interview)**
**Address for Communication**
Asst. Manager (TS) Education & Education Officer,
Rourkela Steel Plant,
Education Office,
Ispat Vidyamandir, Sec-19, RKL-5
sujit.naik@sail.in
Mob. 8895503237
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

● ଲଘୁଚାପ ପାଇଁ ସମୁଦ୍ର ଅଶାନ୍ତ

## ୩ଦିନ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା



ଚନ୍ଦନେଶ୍ୱର,୨୮।୬(ସମିସ): ଲଘୁଚାପ ପାଇଁ ଅଶାନ୍ତ ରହିଛି ସମୁଦ୍ର। ଏଥିପାଇଁ ମତ୍ସ୍ୟଜୀବୀଙ୍କୁ ୩ଦିନ ସମୁଦ୍ର ଯିବାକୁ ବାରଣ କରାଯାଇଛି। ଚଳିତ ମାସ ୨୯ରୁ ଜୁଲାଇ ୧ତାରିଖ ପର୍ଯ୍ୟନ୍ତ କଟକଣା ଜାରି କରାଯାଇଛି। ଯେଉଁମାନେ ସମୁଦ୍ରକୁ ଯାଇଛନ୍ତି ଫେରି ଆସିବାକୁ ସତର୍କ ସୂଚନା ଜାରି କରିଛନ୍ତି ମତ୍ସ୍ୟ ବିଭାଗ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଛି। ୨ମାସର କଟକଣା ହଟିବାର ୧୫ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ମତ୍ସ୍ୟଜୀବୀଙ୍କ ଲାଗି ଏଭଳି ସୂଚନା ଦିଆଯାଇଛି। ଚନ୍ଦନେଶ୍ୱର ସହକାରୀ ମତ୍ସ୍ୟ ଅଧିକାରୀ( ସାମୁଦ୍ରିକ ସମ୍ପ୍ରସାରଣ) ଅନନ୍ତ କୁମାର ଜେନାଙ୍କ ନିର୍ଦ୍ଦେଶ କ୍ରମେ ସାଗରମିତ୍ର ମାନେ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ସଚେତନ କରିଛନ୍ତି। ଭାରତୀୟ ପାଣିପାଗ ବିଭାଗର ସୂଚନା ଏବଂ ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ସମସ୍ତ ଡଙ୍ଗା ମାଲିକ, ମତ୍ସ୍ୟଜୀବୀ କିମିଟିର କର୍ମକର୍ତ୍ତାଙ୍କୁ ଏହି ସୂଚନା ଦିଆଯାଇଛି। ଲଘୁଚାପ ପ୍ରଭାବରେ ୩ଦିନ ପ୍ରବଳ ବର୍ଷା ହେବ ଓ ସମୁଦ୍ର ଅଶାନ୍ତ ରହିବ ବୋଲି ବିଭାଗ ସୂଚନା ଦେଇଛନ୍ତି। ଏହି ଅବସରରେ ଶନିବାର ଭୋଗରାଇର ପ୍ରମୁଖ ମତ୍ସ୍ୟ ଅବତରଣ କେନ୍ଦ୍ର ଉଦୟପୁର, ତାଳସାରୀ, ରଣସିଂହପୁର ଓ କୀର୍ତ୍ତନିଆରେ ସଚେତନ କରାଯାଇଛି। ମତ୍ସ୍ୟଜୀବୀଙ୍କ ଡଙ୍ଗା ଓ ଜାଲ ଆଦିକୁ ସୁରକ୍ଷିତ ରଖିବାକୁ ପରାମର୍ଶ ଦିଆଯାଇଛି।

## ଫାଇଲେରିଆ ନିରାକରଣ ପାଇଁ ତାଲିମ ଶିବିର




କାଳିପଦା,୨୮।୬(ସମିସ): ସାର୍ବଜନୀନ ବାତଜ୍ୱର ଓ ଫାଇଲେରିଆ ସେବନ ତାଲିମ ଶିବିର ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସର୍ବ ଭାରତୀୟସ୍ତରରେ ବାତଜ୍ୱର ସୃଷ୍ଟି କରୁଥିବା ବୃଜିଆ ମାଳାଇ ପରି ବିରଳ ପ୍ରଜାତିର ପାରାସାଇଟ ଜୀବାଣୁ ଏବେ ବାଲିଆପାଳ ଅଞ୍ଚଳର ରୋଗୀଙ୍କ ଠାରେ ରହିଥିବା ଦେଖିବାକୁ ମିଳିଛି। ସେଥିପାଇଁ କ୍ରମାଗତ ଭାବେ କିଛି ଲୋକଙ୍କୁ ଫାଇଲେରିଆ ରୋଗ ହେଉଛି। ତେବେ ବାଲିଆପାଳ ବ୍ଲକରେ ଏହି ଫାଇଲେରିଆ ରୋଗର ମୂଳ ଉତ୍ପାଟନ କରିବା ପାଇଁ ଏହି ତାଲିମ ଶିବିର ଆୟୋଜନ କରାଯାଇଛି ବୋଲି ବାଲେଶ୍ୱର ଏଡିଏମ ଓ ଡାକ୍ତର ରଞ୍ଜନ କୁମାର ନାୟକ କହିଛନ୍ତି। ଆସନ୍ତା ଅଗଷ୍ଟ ୧୦ରୁ ୧୯ ତାରିଖ ଯାଏ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ଏହି ଫାଇଲେରିଆ ବଟିକା ବଣ୍ଟନ ଓ ସେବନ କରାଯିବ ବୋଲି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରୋଗ୍ରାମ ମ୍ୟାନେଜର ଡାକ୍ତର ବିଶ୍ୱଜିତ ଦାସ କହିଛନ୍ତି। ଏହି ତାଲିମ ଶିବିରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଭାଇଜର ରମାନାଥ କର, ମଶାବାହିତ ରୋଗ ପରାମର୍ଶଦାତା ସୁପ୍ରୀୟା ପାଢୀ, ତାଲିମ ଦାତା ସ୍ୱୟଂପ୍ରଭା ସାହୁ, ଜନସ୍ୱାସ୍ଥ୍ୟ ଅଧିକାରୀ ଝୁନାବାଳା ଦେଓଙ୍କ ସମେତ, ନର୍ସ, ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା ଘଟଣା; ଦୁଇ ଗିରଫ

ସୋର,୨୮।୬(ସମିସ): ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ ସୋର ବ୍ଲକ ଗୋପିନାଥପୁର ପଞ୍ଚାୟତ ରଘୁନାଥପୁର




ଗ୍ରାମର ଶ୍ୟାମସୁନ୍ଦର ମଲିକଙ୍କର ମୃତ୍ୟୁ ହୋଇଥିବା ବେଳେ ଖବର ପାଇ ତାଙ୍କ ଜ୍ୱାଇଁ ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଚକପୁର ଗ୍ରାମର ଭାଗବତ ମଲିକ(୪୩) ତାଙ୍କ ଘରକୁ ଆସିଥିଲେ। ସେଠାରେ କୌଣସି କଥାରୁ ଶ୍ୟାମସୁନ୍ଦରଙ୍କ ପୁତୁରା ରାଜା ସହ ଭାଗବତଙ୍କର ଝଗଡା ହୋଇଥିଲା। ପରେ ରାଜା ଓ ତାଙ୍କର କିଛି ସହଯୋଗୀ ଭାଗବତଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। କୌଶଳ ବଶତଃ ଭାଗବତ ସେମାନଙ୍କ କବଳରୁ ଖସି ଆସି ସୋର ନଟାପଡା ଗ୍ରାମରେ ଥିବା ଏକ ମନ୍ଦିର ବେଢ଼ାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାତିସାରା ପଡ଼ି ରହିଥିଲେ। ପରଦିନ ସକାଳେ ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଭାଗବତଙ୍କ ପରିବାର ପକ୍ଷରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଗତକାଲି ରାତିରେ ବିଶ୍ୱନାଥ ମଲିକ ଓ ତାଙ୍କ ସ୍ତ୍ରୀ କାଦମ୍ବିନୀ ମଲିକଙ୍କୁ ଗିରଫ କରିଛି। ଶନିବାର ଅପରାହ୍ନରେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ତାକୁ କୋର୍ଟଚାଲାଣ କରାଯାଇଛି। ତେବେ ଘଟଣାର ମୁଖ୍ୟ ଅଭିଯୁକ୍ତ ମାନେ ଫେରାର ଅଛନ୍ତି।

ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଘୋଷଯାତ୍ରା

# ବଡ଼ଦାଣ୍ଡ ଅଧାବାଟରେ ଅଟକିଲେ ଚତୁର୍ଦ୍ଧାମୂର୍ତ୍ତି

ନୀଳଗିରି,୨୮।୬(ସମିସ)



ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷଯାତ୍ରାର ପ୍ରଥମଦିନ ଅବସରରେ ଭକ୍ତମାନେ ଶ୍ରୀମନ୍ଦିର ନିକଟରୁ ରଥଟାଣି ଅଧାରାସ୍ତା ତଥା ବଡ଼ଦାଣ୍ଡ ପୋଷ୍ଟଅଫିସ ସମ୍ମୁଖରେ ପହଞ୍ଚାଇଥିଲେ। ରଥ ଉପରେ ତିନିଠାକୁର ଗୋଟିଏ ରାତି ବିତାଇବା ପରେ ପୁଣି ରବିବାର ଅପରାହ୍ଣରେ ରଥଟଣା କାର୍ଯ୍ୟ ଆରମ୍ଭ ହେବ। ନୀଳଗିରିର ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ରଥଟଣାର ପ୍ରଥମେ ଶୁଭାରମ୍ଭ କରିଥିଲେ। ଏହି ଘୋଷଯାତ୍ରାରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶି ମୟୂର ବିକାଶ ସମେତ ଆରକ୍ଷୀ ଅଧିକ୍ଷକ ରାଜ ପ୍ରାସାଦ, ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଓ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ଉପ-ଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିକ, ବିଡିଓ ବିକ୍ରମ କେଶରୀ ପରିଡ଼ା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସୁଭେନ୍ଦୁ ଦାସ ମଙ୍ଗରାଜ, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡରେ ପୁଲିସ ଫୋର୍ସ ନିୟୋଜନ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଦ୍ଦେଶ କରିଥିଲେ। ପ୍ରଦୀପ୍ତ ମିଶ୍ର ଧାରା ବିବରଣୀ ପ୍ରକାଶ କରିଥିଲେ। ପୁରୀରେ ଗୋଟିଏ ଦିନରେ ମହାପ୍ରଭୁଙ୍କ ପହଣ୍ଡି ଓ ରଥଟଣା ହୋଇ ଗୁଣ୍ଡିଚା ମନ୍ଦିର ପହଞ୍ଚିଥିବା ବେଳେ ତୃତୀୟ ଶ୍ରୀକ୍ଷେତ୍ରରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପାଇଁ ତିନିଦିନ ଧରି ରଥଯାତ୍ରା ପାଳନ କରାଯିବାର ପରମ୍ପରା ରହିଛି।

● ରଥ ଉତ୍ସବର ପ୍ରଥମ ଦିବସ

## ଦର୍ଶକମାନଙ୍କୁ ବିମୋହିତ କଲା ଶ୍ରୀକୃଷ୍ଣଚରିତ ରାସଲୀଳା



ବାଲେଶ୍ୱର,୨୮।୬(ସମିସ): ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମୀ ନଗର ଶ୍ରୀଗୁଣ୍ଡିଚା ମନ୍ଦିର ମେଳାପଡ଼ିଆରେ ରଥ ଉତ୍ସବର ପ୍ରଥମ ଦିନରେ ବିଭିନ୍ନ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ରାସଲୀଳାରେ ଝୁମିଲେ ଶ୍ରଦ୍ଧାଳୁ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ସକାଳ ୧୦ଟା ୩୦ରୁ ୧୨ ଘଟିକା ପର୍ଯ୍ୟନ୍ତ ତୁଳସୀ ଅଭିଷେକ, ଅପରାହ୍ଣ ୩ଟା ୩୦ରୁ ୫ଘଟିକା ପର୍ଯ୍ୟନ୍ତ ଭଜନ ମଣ୍ଡପରେ କୁନିକୁନି ପିଲାମାନଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରଦର୍ଶନ, ୫ଘଟିକାରୁ ୬ ଘଟିକା ପର୍ଯ୍ୟନ୍ତ ଭଜନସନ୍ଧ୍ୟା, ୬ଟାରୁ ୬ଟା ୩୦ ପର୍ଯ୍ୟନ୍ତ ଏକକ ନୃତ୍ୟ, ୬ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ସୁଦୂର ଋଷିକେଶରୁ ଆସିଥିବା ପ୍ରତିଷ୍ଠିତ କଳାସଂସ୍ଥାନ ଦ୍ୱାରା ଶ୍ରୀକୃଷ୍ଣଚରିତ ରାସଲୀଳା ବେଶ୍ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ରାତ୍ର ୮ ଟା ୪୫ ମିନିଟ୍‌ରେ ଶୟନଆରତୀ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ଗୁଣ୍ଡିଚା ମନ୍ଦିରରେ ଚିତ୍ତାକର୍ଷକ ସାଜସଜ୍ଜା ସାଙ୍ଗକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟଜଳ ଓ ପ୍ରସାଦ ସେବନର ବ୍ୟବସ୍ଥା ଜାରି ରଖାଯାଇଛି। ଅନ୍ୟପକ୍ଷରେ ଅନାଥ ଶିଶୁମାନଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

● ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍‌ର ଘୋଷଯାତ୍ରା

## ଭକ୍ତଙ୍କ ଗହଣରେ ମାଉସୀ ବାଡ଼ିରେ ପହଞ୍ଚିଲା ରଥ



ବାଲେଶ୍ୱର,୨୮।୬(ସମିସ): ଶେରଗଡ଼ ଜଗନ୍ନାଥ ସର୍ଭିସ୍ ଷ୍ଟେସନ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଳନ କରାଯାଇଛି। ଆଜିକୁ ଦୀର୍ଘ ୨୨ ବର୍ଷ ଧରି ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍ କର୍ତ୍ତୃପକ୍ଷ ଏହି ପର୍ବ ପାଳନ କରିଆସୁଛନ୍ତି। ପୂର୍ବ ପରମ୍ପରା ଏବଂ ନିର୍ଘଣ୍ଟ ଅନୁସାରେ ସକାଳେ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କର ନୀତିକାନ୍ତି ପୂଜା କରାଯାଇଥିଲା। ଅପରାହ୍ଣରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ କାଳିଆ ଠାକୁରଙ୍କୁ ପହଣ୍ଡି କରାଯାଇଥିଲା। ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ବିଶିଷ୍ଟ ସମାଜସେବୀ ଡ. ଲକ୍ଷ୍ମୀ ନାରାୟଣ ମହାନ୍ତି ରଥରେ ଛେରା ପହଁରା କରିଥିଲେ। ସେବାୟତମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରି ରଥକୁ ନେଇଥିଲେ। ଘଣ୍ଟ, ଘଣ୍ଟା, ଢୋଲ, ମହୁରୀ ଏବଂ ଭଜନ, କୀର୍ତ୍ତନ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ପରେ ରଥଟଣା ଆରମ୍ଭ ହୋଇଥିଲା। ୬ ଚକ ବିଶିଷ୍ଟ ୧୫ଫୁଟ୍ ରଥରେ ବିରାଜମାନ ଠାକୁରଙ୍କୁ ଭକ୍ତମାନେ ଗଉଡୁଣୀ ପୋଖରୀ ନିକଟରେ ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିରରେ ହୋଇଥିବା ମାଉସୀ ମା'ଙ୍କ ଘରକୁ ଟାଣି ଟାଣି ନେଇଥିଲେ। ସୁସଜ୍ଜିତ ବେଶରେ ଶ୍ରୀଜୀଉମାନଙ୍କୁ ଦେଖିବା ସହ ରଥ ଟାଣିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା ଜାତୀୟ ରାଜପଥରେ। ସାଇ ଅନନ୍ତ ଅଟୋମୋବାଇଲସ୍‌ର ନିର୍ଦ୍ଦେଶିକା ରଶ୍ମିତା ମହାନ୍ତି, ନିର୍ଦ୍ଦେଶକ ଦିବ୍ୟଜ୍ୟୋତି ମହାନ୍ତି, ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍‌ର ନିର୍ଦ୍ଦେଶକ ଜ୍ୟୋତିରାଦିତ୍ୟ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ରଥ ଗୁଣ୍ଡିଚା ଘରେ ପହଞ୍ଚିବା ପରେ ପୁନର୍ବାର ଛେରାପହଁରା କରାଯାଇ ଠାକୁରଙ୍କୁ ମନ୍ଦିରକୁ ନିଆଯାଇଥିଲା। ସ୍ଥାନୀୟ ପୁଲିସ ଓ ପେଟ୍ରୋଲ ପମ୍ପର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମାଉସୀ ବାଡ଼ିରେ ୯ ଦିନ କାଳ ରହଣି ଭିତରେ ଶ୍ରୀଜୀଉଙ୍କ ବିଭିନ୍ନ ଅବତାର ହୋଇଥାଏ। ସେଠାରେ ଭକ୍ତ ମାନଙ୍କୁ ଦର୍ଶନ ଦେଇ ବାହୁଡ଼ା ଦିନ ମହାପ୍ରଭୁ ଫେରି ଆସନ୍ତି ନିଜ ମନ୍ଦିରକୁ। ଫେରିବା ପରେ ସୁନାବେଶ ହୁଏ। ସନ୍ଧ୍ୟାରେ ଭଜନ, କୀର୍ତ୍ତନ ସହିତ ସାମୂହିକ ପ୍ରସାଦ ସେବନ ପାଇଁ ଆୟୋଜନ କରାଯାଏ। ଏଥିରେ ଶ୍ରଦ୍ଧାଳୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥାଆନ୍ତି।

## କଥାକାର କହ୍ନେଇଲାଲ ଦାସଙ୍କ ଜୟନ୍ତୀ

କମର୍ଦ୍ଦା,୨୮।୬(ସମିସ): କଥାକାର କହ୍ନେଇଲାଲ ଦାସଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। କମର୍ଦ୍ଦା କହ୍ନେଇଲାଲ ଦାସ ସ୍ମୃତି ସଂସଦ ସଭାପତି ଡ.ପ୍ରଫୁଲ୍ଲ କୁମାର ଦେଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ପ୍ରଥମେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅତିଥି ଗଣ ସେମାନଙ୍କ ବକ୍ତବ୍ୟରେ କହ୍ନେଇଲାଲ ଦାସ ଥିଲେ ଓଡ଼ିଶା ସାହିତ୍ୟର ଯାଦୁଗର ଏବଂ ଭାବ ସଞ୍ଚାରିତ ଶୈଳୀର ସମ୍ରାଟ ବୋଲି ମତପ୍ରକାଶ କରିଥିଲେ। ବରେଣ୍ୟ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ଦାଶରଥି ଦାସ, ନରେନ୍ଦ୍ରନାଥ ସିଂ, ପ୍ରାକ୍ତନ ସ୍ୱାସ୍ଥ୍ୟ ପରିଦର୍ଶକ ରଜନୀକାନ୍ତ ଦାସ, ଦହମୁଣ୍ଡା ଆରୋଗ୍ୟ କେନ୍ଦ୍ର ଡ. ଲଲାଟେନ୍ଦୁ ଦାସ, ପ୍ରାକ୍ତନ ସରପଞ୍ଚ ଉମାକାନ୍ତ ପ୍ରଧାନ, ସମାଜସେବୀ ବିଜୟ କୁମାର ଦାସ, ଗୁରୁପଦ ସାହୁ, ପୁଲିନ କୁମାର ପରିଡା, ସତ୍ୟଶଙ୍କର ପ୍ରଧାନ, ସୁଭାଷ ଦାସ, ଅଜିତ କୁମାର ପ୍ରଧାନ, ଦେବଲ କୁମାର ମିଶ୍ର, ସାମ୍ବାଦିକ ନରନାରାୟଣ ମିଶ୍ର, ଅଂଶୁମାନ ରାଉତ ପ୍ରମୁଖ ଯୋଗଦେଇଥିଲେ।

## ଲଗାଣ ବର୍ଷାରେ ଘରେ ପଶିଲା ପାଣି

**ରାସ୍ତା ଅବରୋଧ କଲେ ଗ୍ରାମବାସୀ**

ସୋର,୨୮।୬(ସମିସ): କେନାଲ କାମରେ ଅହେତୁକ ବିଳମ୍ବ ଓ ଜଳ ନିଷ୍କାସନର ବ୍ୟବସ୍ଥା ନଥିବାରୁ ଲୋକଙ୍କ ଘରେ ପାଣି ପଶିବା ସହିତ ରବି ଫସଲ ନଷ୍ଟ ହୋଇଛି। ଏନେଇ ସୋର ଔପଦା ମୁଖ୍ୟ ରାସ୍ତା ଦିଗୀଭଅଁରା ନିକଟରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ଲୋକମାନେ ଲଗାଣ ବର୍ଷା ସତ୍ତ୍ୱେ ବି ରାସ୍ତା ବନ୍ଦ କରିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ସୂଚନା ଅନୁସାରେ ଏହି ସାଳନ୍ଦୀ କେନାଲର କାମ ଦୀର୍ଘ ବର୍ଷଧରି ଚାଲିଥିବା ବେଳେ ଶେଷ ହେବାର ନା ଧରୁନି। ଯେଉଁ ସ୍ଥାନରେ ଠିକାସଂସ୍ଥା ପକ୍ଷରୁ କାମ କରାଯାଇଛି ସେଠାରେ ଜଳ ନିଷ୍କାସନର ବ୍ୟବସ୍ଥା କରାଯାଇନାହିଁ। ଫଳରେ ବର୍ଷାଦିନ ଆସିବା ପୂର୍ବରୁ ଲଗାଣ ବର୍ଷାରେ ଲୋକଙ୍କ ଘରେ ପାଣି ପଶିଲାଣି। ଗତକାଲି ରାତିରୁ ହୋଇଥିବା ଲଗାଣ ବର୍ଷା କାରଣରୁ ବର୍ଷା ଜଳ ନିଷ୍କାସନ ହୋଇନପାରି ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତର ଦିଗି ଭଅଁରା,ଦିଗି, ଗୋପୀନାଥପୁର ଆଦି ଗାଁର ଅନେକ ଲୋକଙ୍କ ଘରେ ପାଣି ପଶିବା ସହିତ କିଛି ଲୋକେ କରିଥିବା ରବିଚାଷ ନଷ୍ଟ ହୋଇଛି। ପୂର୍ବରୁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଜଳନିଷ୍କାସନର ବ୍ୟବସ୍ଥା କଥା କୁହାଯାଇଥିଲେ ମଧ୍ୟ କେହି ତାଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଲୋକେ ଆଜି ଏହି ରାସ୍ତା ବନ୍ଦ କରିବା ସହିତ ଧାରଣାରେ ବସିରହିଥିଲେ।ଖବର ପାଇ ସୋର ଭାରପ୍ରାପ୍ତ ତହସିଲଦାର ଦୈତାରୀ ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ସହିତ ପାଣି ନିଷ୍କାସନର ବ୍ୟବସ୍ଥା କରିବା ପରେ ଲୋକେ ଧାରଣାରୁ ଉଠିଥିଲେ।

● ଲଗାଣ ବର୍ଷା ଯୋଗୁଁ ଜୀବନଯାତ୍ରା ସମ୍ପୂର୍ଣ୍ଣ ଠପ୍

## ଦୁର୍ଦ୍ଦଶା ଭୋଗୁଛନ୍ତି ବନ୍ୟାଞ୍ଚଳର ଲୋକେ

ବାଲେଶ୍ୱର(ଉତ୍ତର),୨୮।୬(ସମିସ): ବାଲେଶ୍ୱର ଜିଲ୍ଲାର ତମାମ ଅଞ୍ଚଳରେ ଗତ ଶୁକ୍ରବାରରୁ ଲଘୁଚାପଜନିତ ଲଗାଣ ବର୍ଷା ଜାରୀ ରହିଛି। ଫଳରେ ଜୀବନଯାତ୍ରା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଲୋକେ ଘରୁ ବାହାରକୁ ବାହାରି ପାରୁନଥିବା ବେଳେ ରାସ୍ତା, ଘାଟ, ପୋଖରୀ ଏବଂ ଚାଷ ଜମି ଜଳାର୍ଣ୍ଣବ ହୋଇଯାଇଛି। ସେହିପରି ସମୁଦ୍ର ତଟବର୍ତ୍ତୀ ଭୋଗରାଇ ବ୍ଲକରେ ମଧ୍ୟ ବର୍ଷା ଜାରିରହିଛି। ଗତ ୭ ଦିନ ପୂର୍ବରୁ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଜଳ ପ୍ରବେଶ କରିଥିବା ଉତ୍ତର ଭୋଗରାଇର ୪୦ ଅଧିକ ଗାଁର ଲୋକେ ଜଳବନ୍ଦୀ ହୋଇ ରହିଥିଲେ। ଅନେକ ଘର ଛାଡ଼ି ଉଚ୍ଚ ସ୍ଥାନ ଓ ନଦୀବନ୍ଧ ଉପରେ ପଲିଥିନ ତଳେ



ରହିଥିଲେ। ନଦୀରେ ବନ୍ୟା ଛାଡ଼ି ଯାଇଥିଲେ ବି ଆହୁରି ଅନେକ ଗାଁ ଗୁଡ଼ିକ ପାଣି ଘେରରେ ରହିଛି। ତେଣୁ ସେହି ସବୁ ବନ୍ୟା ବିପନ୍ନଙ୍କ ପାଇଁ ଏହି ଲଗାଣ ବର୍ଷା ଘୋର ଦୁର୍ଦ୍ଦଶାର କାରଣ ପାଲଟିଛି। ଦକ୍ଷିଣ ଭୋଗରାଇ ଅଞ୍ଚଳର ୨୮ ଟି ପଞ୍ଚାୟତର ଶତାଧିକ ଗାଁ ଏହି ଲଗାଣ ବର୍ଷାରେ ପ୍ରଭାବିତ ହୋଇଛି। ରାସ୍ତା ତଥା ବଜାର ଖାଁ ଖାଁ ଦେଖିବାକୁ ମିଳିଛି। ଲୋକେ ଆଜି ଘରୁ ହାଟ ବଜାରକୁ ସଉଦା କିଣିବାକୁ ଆସିପାରି ନାହାନ୍ତି। ବନ୍ୟା ପ୍ରଭାବିତ ଗାଁ ଗୁଡ଼ିକରେ ଅବସ୍ଥା ନ କହିଲେ ଭଲ। ଛୋଟ ଛୋଟ ପିଲା, ବୁଢ଼ାବୁଢ଼ୀଙ୍କ ଅବସ୍ଥା ପାଣି କାଦୁଅରେ ଦୁର୍ବିସହ ହୋଇପଡ଼ିଛି। ପାଣିପାଗ ବିଭାଗର ସୂଚନାନୁଯାୟୀ, ଆଗାମୀ ୨୪ଘଣ୍ଟା ଆହୁରି ବର୍ଷା ହେବ। ପୂର୍ବ ଥର ଭଳି ଯଦି ଝାଡ଼ଖଣ୍ଡର ବ୍ୟାରେଜ ଗୁଡ଼ିକରୁ ଜଳ ଛଡ଼ାଯିବ ତେବେ ସୁବର୍ଣ୍ଣରେଖା ନଦୀରେ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

● ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିର

## ଆନନ୍ଦଉଲ୍ଲାସରେ ରଥଯାତ୍ରା ପାଳିତ

ସୋର,୨୮।୬(ସମିସ): ସୋର ବ୍ଲକ ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିର ପକ୍ଷରୁ ରଥଯାତ୍ରା ମହସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ଶ୍ରୀଜୀଉମାନଙ୍କର ନୀତିକାନ୍ତିରେ ପୂଜା ସମ୍ପନ୍ନ ହୋଇଥିଲା। ଭାଗବତ ଗାଦି ମନ୍ଦିର ଚିତ୍ତୋଳର ମହନ୍ତ ବଂଶୀଧର ରାଉତଙ୍କ ସହିତ ଶହଶହ ଶ୍ରଦ୍ଧାଳୁ ଘଣ୍ଟ ଘଣ୍ଟା ସଂକୀର୍ତ୍ତନ ସହ ବିରାଟ ପଟୁଆରରେ ଆଜ୍ଞାମାଳ ଓ ତୁଳସୀ ଭାର ନେଇ ଆସିଥିଲେ। ପରେ ରଥମାର୍ଜନା ହୋଇଥିଲା ଏବଂ ଶଙ୍ଖ, ଘଣ୍ଟ, ହୁଳହୁଳି ଓ ସଂକୀର୍ତନ ନୃତ୍ୟ ତାଳେତାଳେ ଶ୍ରୀଜୀଉମାନଙ୍କୁ ଗୋଟି ପହଣ୍ଡିରେ ରଥାରୂଢ଼ କରାଯାଇଥିଲା। ଅପରାହ୍ଣ ୩ଟାରେ ବରିଷ୍ଠ ସେବାୟତ ବିଜୟ କୁମାର କର ରଥରେ ଛେରାପହଁରା କରିଥିଲେ। ଦିନ ୪ଟା ବେଳେ ରଥାଟଣା ଆରମ୍ଭ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ରାସ୍ତାର ଉଭୟ ପାଶ୍ୱର୍ରେ ଛିଡ଼ାହୋଇ ଆନନ୍ଦଉଲ୍ଲାସରେ ରଥ ଟାଣୁଥିଲେ। ରାସ୍ତାର ବିଭିନ୍ନ



ସ୍ଥାନରେ ଜଳସେବା ଓ ପ୍ରସାଦ ଶ୍ରଦ୍ଧାଳୁ ମାନଙ୍କୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ବାଣ୍ଟୁଥିବାର ଦେଖିବାକୁ ମିଳିଥିଲା। ରାସ୍ତାରେ ମା' କ୍ଷେତ୍ରପାଳ ମନ୍ଦିର ଓ ମା' ମଙ୍ଗଳା ମନ୍ଦିର ପାଖରେ ରଥ ରହିଥିଲା। ମା' ମଙ୍ଗଳା ମନ୍ଦିର କମିଟି ତରଫରୁ ରଥରେ ଶ୍ରୀଜୀଉମାନଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଶ୍ରଦ୍ଧାଳୁଙ୍କୁ ଭୋଗ ବଣ୍ଟନ କରିଥିଲେ। ସନ୍ଧ୍ୟା ସୁଦ୍ଧା ରଥ ମା' ତାରିଣୀମନ୍ଦିର ତଥା ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚି ଥିଲା। ପରେ ରଥରୁ ଶ୍ରୀଜୀଉମାନଙ୍କୁ ଆଡ଼ପମଣ୍ଡପରେ ବିଜେ କରାଯାଇ ସନ୍ଧ୍ୟା ଆଳତି କରାଯାଇଥିଲା। ଧାରା ବିବରଣୀ ନକୁଳ ଚରଣ କର ଓ ସଞ୍ଜୀୟ କୁମାର ପୁହାଣ ପ୍ରଦାନ କରିଥିଲେ। ରଥଯାତ୍ରାର ସମସ୍ତ ଶୃଙ୍ଖଳା ରକ୍ଷା କରିବାରେ ପୁଲିସ, ପ୍ରଶାସନ, ମନ୍ଦିର ପରିଚାଳନା କମିଟି ସେବାୟତ ଓ ଯୁବ ପରିଷଦଙ୍କର ସହଯୋଗରେ ସମାପନ ହୋଇଥିଲା।

# ଭୋଗରାଇର ବିଭିନ୍ନ ସ୍ଥାନରେ ଘୋଷଯାତ୍ରା

**ପ୍ରତିଯୋଗିତାରେ ୫୦ରୁ ଅଧିକ ରଥ ସମାଗମ**

ଭୋଗରାଇ/ଚନ୍ଦନେଶ୍ୱର,୨୮।୬(ସମିସ)




ଭୋଗରାଇ ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ଘୋଷଯାତ୍ରା ଆନନ୍ଦ ଉଲ୍ଲାସରେ ପାଳିତ ହୋଇଥିବା ବେଳେ ସୁସଜ୍ଜିତ ରଥକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦେଉଳାହାଟରେ ରଥଯାତ୍ରା କମିଟି ପକ୍ଷରୁ ଘୋଷଯାତ୍ରା ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ରଥ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ଠାକୁରଙ୍କ ସମସ୍ତ ନୀତିକାନ୍ତି କରାଯାଇଥିଲା। ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନିଆଯାଇ ରଥାରୂଢ଼ କରାଯାଇ ରଥଟଣା ଆରମ୍ଭ ହୋଇଥିଲା। ତାପରେ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଶେଷରେ ବିଭିନ୍ନ ରଥକୁ ନେଇ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ଜୟଦେବ ବେହେରା, ସହ ଉପଦେଷ୍ଟା ଜୟକୃଷ୍ଣ ବେହେରା, ସଭାପତି ରବିନ୍ଦ୍ର ବେହେରା, ଉପସଭାପତି ଗୋପାଳ ଚନ୍ଦ୍ର ବେହେରା, ସମ୍ପାଦକ ହରେକୃଷ୍ଣ ବେହେରା, ସହ ସମ୍ପାଦକ ପ୍ରହ୍ଲାଦ ବେହେରା, ବିଜୟ ବେହେରା, ଗୋପବନ୍ଧୁ ବେହେରା, ନୀଳକଣ୍ଠ ବେହେରା, କୃଷ୍ଣଗୋପାଳ ଗିରି, ବିଶ୍ୱଜିତ ଗିରି, ଦୀନବନ୍ଧୁ ବେହେରା, ଦେବାଶିଷ ବେହେରା, ତାପସ ବେହେରା, ଲକ୍ଷ୍ମୀକାନ୍ତ ବେହେରା, ସନାତନ ବେହେରା, ନିମାଇଁ ଚନ୍ଦ୍ର ତୋଳା, ସପନ ବେହେରା, ନୀଳ ବେହେରା, କମଳାକାନ୍ତ ବେହେରା, ଜୟକୃଷ୍ଣ ବେହେରା, କୃଷ୍ଣ ବେହେରା ଓ ସତ୍ୟବ୍ରତ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଭୋଗରାଇର ସାହାବାଜିପୁର ପଞ୍ଚାୟତ ଅଧୀନ ଭଟ୍ଟପୁର ଗାଁରେ ରଥଯାତ୍ରା ଅବସରରେ ରଥ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ୫ଟି ଗାଁର ୫୦ରୁ ଅଧିକ ରଥ ଅଂଶଗ୍ରହଣ କରିଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଭଟ୍ଟପୁର ଗାଁର ଚଣ୍ଡିମାତା ସ୍ୱାଭିମାନ କ୍ଲବ ପକ୍ଷରୁ ବେଶ କିଛି ବର୍ଷ ହେବ ଏଭଳି ନିଆରା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଚଣ୍ଡିମନ୍ଦିର ପ୍ରାଙ୍ଗଣରେ ଏନେଇ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବକୁ ବିଶିଷ୍ଟ ସମାଜସେବୀ ତଥା ସାହାବାଜିପୁର ସମିତି ସଦସ୍ୟ ତରଣୀକାନ୍ତ ସେନାପତି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା କବି ଡ. ସନ୍ତୋଷ କୁମାର ପାତ୍ର ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥ ଆମ ଓଡ଼ିଆଙ୍କ ଗର୍ବ। ସିଏ ହେଉଛନ୍ତି କୋଟି ଓଡ଼ିଆଙ୍କ ସ୍ୱାଭିମାନର ପରିଚୟ ଓ ଆରାଧ୍ୟ ଦେବତା ବୋଲି କହିଥିଲେ। ମୁଖ୍ୟବକ୍ତା ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ଯୋଗଦେଇ ଗାଁ ଗହଳିର କୁନି କଳାକାରମାନଙ୍କ ପ୍ରତିଭା ଅନ୍ୱେଷଣ କରିବାରେ ଏହି କାର୍ଯ୍ୟକ୍ରମ ବହୁ ସହାୟକ ହେବ। ଆୟୋଜନ କାରୀମାନଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁଶାନ୍ତ କୁମାର ବେହେରା, ସମାଜସେବୀ ଶୁକଦେବ ସେନାପତି, ସଞ୍ଜୟ କୁମାର ସେନାପତି ପ୍ରମୁଖ ବକ୍ତବ୍ୟ ଦେଇଥିଲେ। କ୍ଲବର ବରିଷ୍ଠ ସଦସ୍ୟ ତ୍ରିଲୋଚନ ପରିଡା ଅତିଥି ପରିଚୟ କରିଥିବା ବେଳେ ଶେଷରେ ସାମ୍ବାଦିକ ରାଧାକାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ। କ୍ଲବର ସଦସ୍ୟ ଶିବଶଙ୍କର ପରିଡ଼ା, ଧନଞ୍ଜୟ ସେନାପତି,ରାଧାକୃଷ୍ଣ ପରିଡା, ତପନ ପାତ୍ର, ଜୟନ୍ତ ପରିଡା, ଚନ୍ଦ୍ର ମୋହନ ସେନାପତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ସକାଳ THE SAKALA

ରବିବାର
୨୯ ଜୁନ୍, ୨୦୨୫



www.sakalaepaper.com

## ବେଙ୍ଗାଲୁରୁରୁ ଗାଁରେ ପହଞ୍ଚିଲା ଦାଦନ ଯୁବକଙ୍କ ଶବ

ତୁରୁମୁଙ୍ଗା, ୨୮।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡା ବ୍ଲକ ଉଦୟପୁର ପଞ୍ଚାୟତ ମଉଦୀପା ଗ୍ରାମର ନରେନ୍ଦ୍ର ନାଏକଙ୍କ ସାନପୁଅ ଦୀପକ (୨୬)ଙ୍କ ମୃତ୍ୟୁ ଘଟିଛି। ପରିବାର ଲୋକ ଗରିବ ଶ୍ରେଣୀର ହୋଇଥିବାରୁ କେନ୍ଦୁଝର ଜିଲ୍ଲା ଶ୍ରମ ବିଭାଗ ସହଯୋଗରେ ତାଙ୍କ ଶବକୁ ଗାଁକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଦୀପକ ସାଙ୍ଗ ଯୁବକଙ୍କ ସହିତ ବେଙ୍ଗାଲୁରୁକୁ କାମ କରିବାକୁ ଯାଇଥିଲେ। ସେଠାରେ ଅର୍ଗାନିକ ପ୍ଲାଷ୍ଟିକ ଲିମିଟେଡରେ କାମ କରୁଥିଲେ। ନିଜେ ରହୁଥିବା ଘରେ ରୋଷେଇ କରୁଥିବା ସମୟରେ ଗ୍ୟାସ ସିଲିଣ୍ଡର ଫାଟି ଯିବାରୁ ଗୁରୁତର ହୋଇପଡ଼ିଥିଲେ। ସାଙ୍ଗମାନେ ତାଙ୍କ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ୨୫ ଦିନ ଧରି ଚିକିତ୍ସା ପରେ ଗତ ୨୭ ତାରିଖ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଉକ୍ତ ପରିବାର ଅସହାୟ ହେଇଥିବାରୁ ଗ୍ରାମକୁ ଶବ ଆଣିବା ପାଇଁ ଅସମର୍ଥ ଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ ସାହାରାପଡା ସହକାରୀ ଶ୍ରମ ଅଧିକାରୀ ଦେବେନ୍ଦ୍ର ରାଜ ପାତ୍ରଙ୍କ ଉଦ୍ୟମରେ ଶନିବାର ଯୁବକଙ୍କ ମରଶରୀର ଗ୍ରାମକୁ ଅଣାଯାଇଥିଲା। ଏହି ଖବର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।



**ତେଲ ନଦୀ ପୋଲରେ ୪ ଫୁଟ ପାଣି, ସୀତା ନାଳରେ ୨ ଫୁଟ୍**

# ଦାମାହୁଦା-ଠାକୁରମୁଣ୍ଡା ଯୋଗାଯୋଗ ବିଚ୍ଛିନ୍ନ

ତୁରୁମୁଙ୍ଗା, ୨୮।୬(ସମିସ): ଲଗାଣ ବର୍ଷାରେ ବିଭିନ୍ନ ଅଞ୍ଚଳ ଏବେ ଜଳମଗ୍ନ ହୋଇ ରହିଛି। କେନ୍ଦୁଝର ଜିଲ୍ଲା ପାଟଣା ଓ ସାହାରପଡ଼ା ବ୍ଲକ ଅଞ୍ଚଳ ବେହାଲ୍ ଅବସ୍ଥାରେ। ସାହାରପଡା ବ୍ଲକର ଦାମାହୁଦାଠାରୁ ଠାକୁରମୁଣ୍ଡା ରାସ୍ତାର କୁମୁଳାବାହାଳୀ ତେଲ ନଦୀ ପୋଲ ଉପରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଶନିବାର ସକାଳୁ ଉକ୍ତ ରାସ୍ତାରେ ଗାଡି ମୋଟର ଚଳାଚଳ ବ୍ୟାହତ ହୋଇଛି। ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଦାମାହୁଦାଠାରୁ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଉପର ମୁଣ୍ଡା



ଶିମିଳିପାଳ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ତେଲ ନଦୀର ଜଳସ୍ରୋତ ବୃଦ୍ଧି ପାଇବାରେ ଲାଗିଛି। ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ଭୀମକୁଣ୍ଡ ଢେଙ୍କିକୋଟ ରାସ୍ତାର ନୂଆପଡ଼ା ସୀତା ନଦୀ ଉପରେ ୨ ଫୁଟ ଉଚ୍ଚର ଜଳ ପ୍ରବାହିତ ହେଉଛି। ଉକ୍ତ ରାସ୍ତାରେ ମଧ ଗାଡି ଚଳାଚଳ ବ୍ୟାହତ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସୀତା ନଦୀ ଉପରେ ନିର୍ମାଣ ହୋଇଥିବା ପୋଲ କାର୍ଯ୍ୟ ନିର୍ମାଣ ଶେଷ ହୋଇଥିଲେ ମଧ ଆପ୍ରୋଚ ରୋଡ ତିଆରି କରାଯିବା ବିଳମ୍ବ ଯୋଗୁଁ ଲୋକେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି।

## ଶଙ୍କର୍ଷଣ ଓଝାଙ୍କ ପରଲୋକ

ରାମଚନ୍ଦ୍ରପୁର,୨୮।୬(ସମିସ): ଘସିପୁରା ବ୍ଲକ ଅଳତି ଗ୍ରାମର ଅଭିଜ୍ଞ ଗାଡି ଚାଳକ ଶଙ୍କର୍ଷଣ ଓଝା (୬୨)ଙ୍କ ଶନିବାର ସକାଳ ୬ଟା ସମୟରେ ହୃଦଘାତରେ ପରଲୋକ ଘଟିଛି। ସେ ନିତ୍ୟକର୍ମ ସାରି ଘରେ ବସିଥିବା ସମୟରେ ହଠାତ ହୃଦଘାତର ଶିକାର ହୋଇଥିଲେ। ପରିବାର ଲୋକ ସଙ୍ଗେ ସଙ୍ଗେ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପାଇ ଘସିପୁରା ଡ୍ରାଇଭର ସଂଘର କର୍ମକର୍ତ୍ତା ସମେତ ସ୍ଥାନୀୟ ବସନ୍ତ ମଞ୍ଜରୀ ଫାଉଣ୍ଡେସନ ଟ୍ରଷ୍ଟି ଡ. ରତିକାନ୍ତ ବରାଳ, ସରପଞ୍ଚ ଇଂ ପ୍ରିୟବ୍ରତ ବରାଳ ସମେତ ଅନେକ ବ୍ୟକ୍ତିବିଶେଷ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ତାଙ୍କ ଶବାଧାରରେ ସାମିଲ ହୋଇଥିଲେ। ଗାଁ ସ୍ୱର୍ଗଦ୍ୱାର ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।



## ବେଆଇନ ବ୍ଲାଷ୍ଟିଂ ଉଦ୍ୟମ ବେଳେ ଉତ୍ତେଜନା



ଆନନ୍ଦପୁର,୨୮।୬ (ସମିସ): ଆନନ୍ଦପୁରରେ ଚାଲିଥିବା ଏକ ବୃହତ ଉଠା ଜଳସେଚନ ପ୍ରକଳ୍ପର କାର୍ଯ୍ୟବେଳେ ବିନା ଅନୁମତିରେ ବ୍ଲାଷ୍ଟିଂ କରାଯାଉଥିବା ନେଇ ଗାଁରେ ତୀବ୍ର ବିରୋଧ କରାଯାଇଛି। ମହିଷାବାହାଲ ମୋଦିସାହିରେ ବ୍ଲାଷ୍ଟିଙ୍ଗ ପାଇଁ ଉଦ୍ୟମ ହେଉଥିବା ବେଳେ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ତାହା ବନ୍ଦ ହୋଇଯାଇଛି। ଏହାକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି। ଶନିବାର ଦିନ ପ୍ରାୟ ୧୨ଟା ସମୟରେ ଏହି ପ୍ରକଳ୍ପର କାର୍ଯ୍ୟ କରୁଥିବା ଠିକା ସଂସ୍ଥାର କର୍ମଚାରୀମାନେ ପାଇପ୍ ଲାଇନ ବିଛାଇବା ପାଇଁ ବ୍ଲାଷ୍ଟିଙ୍ଗ କରିବାକୁ ସମସ୍ତ ପ୍ରସ୍ତୁତି କରି ସାରିଥିଲେ। କେତେକ ଗ୍ରାମବାସୀ ଜାଣିପାରି ଘଟଣାସ୍ଥଳରେ ପହଞ୍ଚି ଏଭଳି କାର୍ଯ୍ୟକୁ ବିରୋଧ କରିବାରୁ ଠିକାସଂସ୍ଥା କର୍ମଚାରୀ ଫେରି ଯାଇଛନ୍ତି। ଜନବସତି ନିକଟରେ ଏବଂ କୌଣସି ସୂଚନା ନଦେଇ ଏପରି ବ୍ଲାଷ୍ଟିଙ୍ଗ ଯୋଗୁଁ ଧନଜୀବନ ହାନି ହେବାର ଆଶଙ୍କା ରହିଛି। ଏ ସମ୍ପର୍କରେ ପ୍ରକଳ୍ପ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବ୍ଲାଷ୍ଟିଂ ହେଉନଥିବା କହି ଏଡ଼ାଇ ଦେଇଥିଲେ। ପ୍ରଶାସନ ପକ୍ଷରୁ ଏପରି ବେଆଇନ କାର୍ଯ୍ୟର ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଦୁର୍ଘଟଣାରେ ନାବାଳକ କଲେଜ ଛାତ୍ର ମୃତ

ବଡବିଲ,୨୮।୬(ସମିସ): କେନ୍ଦୁଝର ଜିଲ୍ଲା ବଡବିଲ ଥାନା ଅନ୍ତର୍ଗତ କଳିଙ୍ଗନଗର ଶିବ ମନ୍ଦିର ନିକଟରେ ଶନିବାର ଅପରାହ୍ଣରେ ଟ୍ରକ୍ ମାଡ଼ି ଯାଇ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ ଜଣେ ନାବାଳକ। ଘର ଚମ୍ପୁଆ ଥାନା ଅନ୍ତର୍ଗତ କାଳିକାପ୍ରସାଦ ଗ୍ରାମରେ। ଯୁକ୍ତ ୨ ବିଜ୍ଞାନ ଛାତ୍ର ବୁଦ୍ଧ ଆଦିତ୍ୟ ନାଏକ (୧୬ବର୍ଷ) ରାସ୍ତାକଡ଼ ଡ୍ରେନ୍ ଢାଙ୍କୁଣି ଉପରେ ଦିନ ପ୍ରାୟ ୨ଟା ସମୟରେ ଚାଲି ଚାଲି ଘରକୁ ଯାଉଥିଲେ। ବଡବିଲ ଆଡୁ ଖୁବ୍ ଦ୍ରୁତ ବେଗରେ ଯାଉଥିବା ଏକ ଟ୍ରକ୍ ନଂ ଓଡି୧୪ଡବ୍ଲୁ ୩୫୬୨ ପଛ ପଟରୁ ଉକ୍ତ ଯୁବକଙ୍କ ଉପରେ ଚଢ଼ି ଯାଇଥିଲା। ବୁଦ୍ଧାଦିତ୍ୟ ପ୍ରାୟ ୨୦୦ ମିଟର ଦୂରକୁ ଘୋଷାଡ଼ି ହୋଇ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଟ୍ରକ୍‌କୁ କାଟି ମୃତଦେହକୁ ବାହାର କରାଯାଇଥିଲା। ଚାଳକ ଅତ୍ୟଧିକ ମଦ୍ୟପାନ କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରିବାରୁ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ଟ୍ରକ୍‌ଟି ଦୁର୍ଘଟଣାସ୍ଥଳରେ ଅଟକି ରହିଛି। ଟ୍ରକ୍‌ର ଚାଳକକୁ ପୁଲିସ ଅଟକ ରଖିଛି। ତା'ର ପରିଚୟ ମିଳିପାରି ନାହିଁ। ମୃତକ କଳିଙ୍ଗ ନଗର ଉଚ୍ଚବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେଲା ପରେ ମାଟକାମବେଡା +୨ କଲେଜରେ ପଢିଥିଲେ। ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିକରି ଲୋକମାନେ ରାସ୍ତା ଅବରୋଧ କରିଥିଲେ। ପରେ ଉତ୍ତେଜନା ପ୍ରଶମିତ ହୋଇଥିବା ଜଣାପଡ଼ିଛି।



# ବିଭିନ୍ନ ସ୍ଥାନରେ ଘୋଷଯାତ୍ରା; ଭକ୍ତ ବିଭୋର

ବାଙ୍ଗିରିପୋଷି,୨୮।୬(ସମିସ): ବାଙ୍ଗିରିପୋଷି ବଡଦାଣ୍ଡରେ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଛି। ଘଣ୍ଟ, ଘଣ୍ଟା, ଖୋଳତାଳ, ହରିବୋଲ, ହୁଳହୁଳି ଏବହ ଜୟ ଜଗନ୍ନାଥ ଧ୍ୱନିରେ ଗଗନପବନ ପ୍ରକମ୍ପିତ ହୋଇଛି। ଭକ୍ତିରେ ଭାବବିହ୍ୱଳ ହୋଇଛନ୍ତି ଭକ୍ତ। ଝିପି ଝିପି ବର୍ଷା ସତ୍ତ୍ୱେ ପ୍ରାୟ ୧୦ ହଜାରରୁ ଅଧିକ ଭକ୍ତ ରଥ ଟଣାରେ ସାମିଲ ହୋଇଥିଲେ। ଅପରାହ୍ନ ୫ଟାରେ ତିନି ଠାକୁର ଓ ସୁଦର୍ଶନଙ୍କୁ ପାରମ୍ପରିକ ଦେବନୀତି ସମାପନ ପରେ ପହଣ୍ଡି କରାଯାଇ ରଥ ଉପରକୁ ଅଣାଯାଇଥିଲା। ସମାଜସେବୀ ସଂଜୟ କୁମାର ଅଗ୍ରୱାଲା ଛେରା ପହଁରା କରିଥିଲେ। ପ୍ରଚଳିତ ପ୍ରଥା ଅନୁଯାୟୀ ଆଜି ରଥକୁ ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ମନ୍ଦିର ପର୍ଯ୍ୟନ୍ତ ଟଣାଯାଇଥିଲା। ଶନିବାର ଦୋଳ ଗୋବିନ୍ଦ ଜୀଉ ମନ୍ଦିର ନିକଟରେ ରଥ ଅବସ୍ଥାନ କରିବ। ରଥଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶାନ୍ତି ଶୃଙ୍ଖଳାର ସହ ସମାପନ ପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।





**ଖୁଣ୍ଟା :** ଖୁଣ୍ଟା ବ୍ଲକ ବାସିପିଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଥିବା ବେଳେ ବିପୁଳ ସଂଖ୍ୟାରେ ଶ୍ରଦ୍ଧାଳୁ ତିନି ଠାକୁର ଗୁଣ୍ଡିଚା ଘର ପର୍ଯ୍ୟନ୍ତ ଟାଣି ନେଇଥିଲେ। ରଥର ତିନି ଦଉଡି ମଧ୍ୟରୁ ଗୋଟିକୁ ପରମ୍ପରା ଅନୁସାରେ କେବଳ ମହିଳାମାନେ ଟାଣିଥିଲେ। ଶଙ୍ଖ, ଘଣ୍ଟା ହୁଳହୁଳି ଓ ସଂକୀର୍ତ୍ତନ ମଧ୍ୟରେ ମହାପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଜଗନ୍ନାଥ ଓ ସୁଦର୍ଶନଙ୍କ ପହଣ୍ଡି ବିଜେ କରାଯାଇଥିଲା। ଅନିଲ କୁମାର ପୃଷ୍ଟି ରଥରେ ଛେରାପହଁରା କରିଥିଲେ। ଭାଗବତ ପଣ୍ଡା ରଥ ଉପରୁ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଧାରାବିବରଣୀ ଦେଇଥିଲେ। ପୂର୍ବତନ ସାଂସଦ ବୀରଭଦ୍ର ସିଂ ରଥ ଟାଣା ପରିଚାଳନା କରିଥିଲେ। ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଓ ବହୁ ବିଶିଷ୍ଟ ବ୍ୟକ୍ତି ରଥ ଯାତ୍ରାରେ ସାମିଲ ହୋଇଥିଲେ।

**ସାରସକଣା :** ରତ୍ନସିଂହାସନ ରୁ ବାହାରି ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କ ଗହଣରେ ମହାବାହୁ। ସିଂହଦ୍ୱାର ସାମ୍ନାରେ ପ୍ରସ୍ତୁତ ହୋଇ ରହିଛନ୍ତି ରଥ। ରଥ -ପଥ ପ୍ରସ୍ତୁତ। କେବଳ ମହାପ୍ରଭୁଙ୍କ ଆଗମନକୁ ଅପେକ୍ଷା। ରଥଯାତ୍ରା ଦେଖିବାକୁ ଭକ୍ତଙ୍କ ଜନସମୁଦ୍ରରେ ପରିଣତ ହୋଇଛି ସାରସକ୍ଷେତ୍ର ବଡ଼ଦାଣ୍ଡ। ସାରସକଣା ବ୍ଲକ ସାରସକ୍ଷେତ୍ରରେ ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହୋଇଛି ରଥଯାତ୍ରା। ପୂର୍ବାହ୍ନରେ ଚତୁର୍ଦ୍ଧା ମୂର୍ତ୍ତି ଗୋଟିପହଣ୍ଡିରେ ରଥକୁ ବିଜେ କରିଥିଲେ। ଅପରାହ୍ନ ପ୍ରାୟ ୫ଟା ବେଳକୁ ରଥଟଣା ଆରମ୍ଭ ହୋଇଥିଲା। ମୁରାରୀ ଶର୍ମା ରଥ ଉପରେ ଛେରାପହଁରା କରିଥିଲେ। ଏହି ଅବସରରେ "ହେ ଭଗତେ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଛେରା ପହଁରା ପରେ ପ୍ରଥମେ ରଥ ଉପରେ ଶ୍ରୀଜିଉଙ୍କ ଦର୍ଶନ କରିବା ସହ ଅଙ୍ଗଲାଗି ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ବଡ଼ ଦାଣ୍ଡରେ ବଡଠାକୁରଙ୍କୁ ଟାଣି ଟାଣି ନେଇଥିଲେ ଭକ୍ତ।



**ବୈଶିଙ୍ଗା :** ଯୁଗପୁରାଠାରେ ରଥଯାତ୍ରା ଧୁମଧାମରେ ପାଳିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ଏବଂ ସଭାପତି ନିର୍ମାଲ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ରଥଯାତ୍ରା ପରିଚାଳିତ ହୋଇଛି। ପ୍ରତିକୂଳ ପାଗ ଯୋଗୁଁ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ସନ୍ଧ୍ୟାରେ ରଥ ମାଉସୀ ମା' ମନ୍ଦିର ସମ୍ମୁଖରେ ତିନି ଠାକୁର ପହଞ୍ଚିଛନ୍ତି। ପରିଚାଳନା କମିଟି ସମ୍ପାଦକ ଲୋକନାଥ ରାଉତ, ପରିଚାଳକ ସନ୍ତୋଷ ମହାନ୍ତି, ସଦସ୍ୟ ବୈଦ୍ୟନାଥ ପରିଡା, ସୁଦର୍ଶନ ମହାନ୍ତି, ସୁମନ, ବାପୁନି, ଭୁବନ, ରଶ୍ମିରଞ୍ଜନ ପ୍ରମୁଖ ସହଯୋଗ କରିଥିଲେ।



**ବହଳଦା :** ବହଳଦା ବ୍ଲକ ଅନ୍ତର୍ଗତ ଯଶିପୁର ଗ୍ରାମରେ ମହାଆଡମ୍ବର ସହକାରେ ରଥଯାତ୍ରା ସଂପନ୍ନ ହୋଇଛି। ମୁଖ୍ୟ ପୂଜକ ଜିତେନ୍ଦ୍ର ଦାଶ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସମସ୍ତ ରୀତିନୀତି କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ କରିବା ପରେ ପ୍ରଭୁ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କ ବିଗ୍ରହକୁ ରଥାରୂଢ କରାଯାଇଥିଲା। ଏହାପରେ ବୈଦ୍ୟନାଥ ମହାକୁଡ ଛେରାପହଁରା କରିଥିଲେ। ଏଠାରେ ମହିଳା ଭକ୍ତ ରଥ ଟାଣିଥିଲେ। ହରିବୋଲ ହୁଳହୁଳି ଧ୍ୱନିର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରଥମ ଦିବସରେ ଗାଁ ମଝିରେ ଥିବା ଛକ ସ୍ଥାନରେ ପ୍ରଭୁଙ୍କ ରଥ ରହିଥିବା ବେଳେ ଆଜିର ଘୋଷଯାତ୍ରାରେ ମାଉସୀ ମାଆ ମନ୍ଦିର ପର୍ଯ୍ୟନ୍ତ ରଥ ପହଞ୍ଚିଛି। ରଥଯାତ୍ରା ପରିଚାଳନା କମିଟି ସଭାପତି କମଳାକାନ୍ତ ନାଏକ ଓ କୋଷାଧ୍ୟକ୍ଷ ନଗେନ୍ଦ୍ର ବାରିକଙ୍କ ତତ୍ତ୍ୱାବଧାନରେ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।



**ମୋରଡା :** ମୋରଡା ବ୍ଲକ ଚିତ୍ରଡାସ୍ଥିତ ଧର୍ମକ୍ଷେତ୍ରରେ ଶୁକ୍ରବାର ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ ହେବା ପରେ ମାଉସୀମା ମନ୍ଦିରଙ୍କୁ ଗୁଣ୍ଡିଚାଯାତ୍ରା ଉଦ୍ଦେଶ୍ୟରେ ଆଜି ଠାକୁରଙ୍କ ସମସ୍ତ ନୀତିକାନ୍ତି ପରେ ଦର୍ଶନ ନିମନ୍ତେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଛି। ରଥକୁ ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ଢୋଲ, ମହୁରି, ଶଙ୍ଖ, ହୁଳହୁଳି ପକାଇ ଘଣ୍ଟ ବାଦ୍ୟର ତାଳେ ତାଳେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରା ବସିଥିବା ରଥକୁ ମାଉସୀମା ମନ୍ଦିର ଆଡ଼କୁ ଟାଣି ନେଇଥିଲେ। ପରମ୍ପରା ମୁତାବକ ଗୋଟିଏ ରାତି ଅଧା ବାଟରେ ତିନି ଠାକୁର ରାତି କାଟିବା ପରେ ପୁଣି ଆସନ୍ତାକାଲି ରଥାଟଣା ହେବ। ଆଜି ରଥଟଣା ଉତ୍ସବରେ ଯୋଗ ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଶ୍ରୀ ମହାପାତ୍ରଙ୍କ ସହିତ ବରିଷ୍ଠ ବିଜେପି ନେତା ପରେଶ ମହାନ୍ତ, ପ୍ରଦୀପ ମହାନ୍ତ, ପ୍ରକାଶ ମହାନ୍ତ ଉପସ୍ଥିତ ଥିଲେ।



**ବିଶୋଇ :** ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ଆଜି ବିଶୋଇଠାରେ ଘୋଷ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳୁ ଚତୁର୍ଥା ମୂର୍ତ୍ତିଙ୍କ ସମସ୍ତ ନୀତିକାନ୍ତ ସମାପନ ପରେ ସମାଜସେବୀ ଡ଼. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଛେରାପହଁରା କରିବା ପରେ ପ୍ରଥମେ ବଳଭଦ୍ର ଓ ପରେ ମା'ସୁଭଦ୍ରା ଏବଂ ଶେଷରେ ଜଗନ୍ନାଥ ଓ ସୁଦର୍ଶନଙ୍କୁ ରଥାରୂଢ କରାଯାଇଥିଲା। ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ ସମେତ ବିଶୋଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଯାତ୍ରାରେ ସାମିଲ ହୋଇଥିଲେ। ଝିପି ଝିପି ବର୍ଷା ସତ୍ତ୍ୱେ ରଥ ଦୌଡ଼ିର ଗୋଟିଏ ପଟେ ମହିଳା ଓ ଯୁବତୀ ଏବଂ ଅପରପକ୍ଷ ଦୌଡ଼ିକୁ ପୁରୁଷ ଟାଣିଥିଲେ।ଏହି ସମୟରେ ବଡ଼ଦାଣ୍ଡ ସାଜିଥିବା ବିଶୋଇ ବଜାର ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ରଥ ବିଶୋଇ ଡାକବଙ୍ଗଳା ପହଞ୍ଚିବା ପରେ ତିନି ଠାକୁରଙ୍କ ଧାଡ଼ି ପହଣ୍ଡି କରାଯାଇ ବିଶୋଇ ହାଟ ସଂକୀର୍ତ୍ତନ ମଣ୍ଡପକୁ ନିଆଯିବ। ପୁଲିସ ପକ୍ଷରୁ ସମସ୍ତ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।





**ମହୁଲଡିହା :** ଠାକୁରମୁଣ୍ଡାରେ ଦ୍ୱିତୀୟ ଦିନ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନହୋଇଛି। ଠାକୁରମୁଣ୍ଡା ପଞ୍ଚାୟତ ଅଫିସ ନିକଟରେ ଅଟକି ଥିବା ତିନି ଠାକୁର ଆଜି ମାଉସୀ ବାଡ଼ିରେ ପହଞ୍ଚିଛନ୍ତି। ଠାକୁର ରାଜା ଭାବେ ସମାଜସେବୀ ବସନ୍ତ କୁମାର ପୈବର୍ତ୍ତୀ ଛେରା ପହଁରା କରିଥିଲେ। ଦ୍ୱିତୀୟ ଦିନ ମଧ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା। ଜାର ହଜାର ଭକ୍ତ ଯୋଗଦେଇ ରଥ ଟଣାରେ ସାମିଲ ହୋଇଥିଲେ। ଠାକୁରମୁଣ୍ଡା ବ୍ଲକ ଡ୍ରାଇଭର ସଂଘର ସ୍ୱେଚ୍ଛାସେବୀ ସେବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ରତ୍ନାକର ପତି ଶଙ୍କରାଚାର୍ଯ୍ୟ ଭୂମିକା ନିର୍ବାହ କରିଥିଲେ। ପଦ୍ମଲୋଚନ ନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ।

## ପୀଡ଼ିତାଙ୍କୁ ଭେଟିଲେ କଂଗ୍ରେସ ଟିମ୍



କରଞ୍ଜିଆ, ୨୮।୬(ସମିସ): ଗତ ୩ ଦିନ ତଳେ କୁଇତା ଡ଼ାବା ନିକଟରେ ଜଣେ ଯୁବତୀଙ୍କୁ ଗଣଧର୍ଷଣ ଘଟଣାରେ ଶନିବାର କଂଗ୍ରେସର ଏକ ଟିମ୍ ପୀଡିତାଙ୍କୁ ଭେଟିଛନ୍ତି। ତାଙ୍କୁ ତୁରନ୍ତ କ୍ଷତିପୂରଣ ସହିତ ସରକାରୀସ୍ତରରେ ଥଇଥାନ କରିବାକୁ ଦାବି କରିଛି ଟିମ୍। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ "ନାରୀ ନ୍ୟାୟ ବାହିନୀ'ର ସଭାନେତ୍ରୀ ଡା. ଗାୟତ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ମନୀଷା ଦାସ, ମଞ୍ଜୁଶ୍ରୀ ରାଉତରାୟ, ପିଙ୍କି ମହାପାତ୍ର, ଆରତୀ ଦେଓ, ଜ୍ୟୋସ୍ନାମୟୀ ବେହେରା ପୀଡିତାଙ୍କ ମାମୁଘର ହଳଦିଆପୋଷି ଗ୍ରାମରେ ପହଞ୍ଚିଥିଲେ। ଏହି ଟିମ୍ ପୀଡିତାଙ୍କୁ ଭେଟି ଘଟଣା ସଂପର୍କରେ ଅବଗତ ହୋଇଥିଲେ। ଘଟଣା ଜାଣିବା ପରେ ଡା. ବିଶ୍ୱାଳ ତ୍ରୀବ ଅସନ୍ତୋଷ ପ୍ରକାଶ କରି ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଉକ୍ତ ମାମଲାଟି ଫାଷ୍ଟ ଟ୍ରାକ କୋର୍ଟରେ ବିଚାର କରାଯାଉ ଏବଂ ପୀଡିତାଙ୍କୁ ସରକାରୀ ଚାକିରୀରେ ଥଇଥାନ କରିବା ଏବଂ କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି। ନାରୀ ନ୍ୟାୟ ବାହିନୀର ସମସ୍ତ ସଦସ୍ୟା ଆଜି ଏସ୍‌ପିଙ୍କୁ ଭେଟିବା ପାଇଁ ବାରିପଦା ଯାତ୍ରା କରିଛନ୍ତି। କଂଗ୍ରେସର ଜିଲ୍ଲା ସଭାପତି ଭୁବନ ସାହୁ, ଯୁବ ସଭାପତି ସେକ ଜାକିର ହୁସେନ, ଲକ୍ଷ୍ମୀଧର ସିଂ, ଜବାମଣି ଟୁଡୁ, ଧରଣୀ ମହାନ୍ତ, ଲାଲନ ସିଂ ପ୍ରମୁଖ ନ୍ୟାୟ ଦାବି କରିଛନ୍ତି।

## ଆଶ୍ରମରେ ପଶିଲା ବର୍ଷାଜଳ



ମହୁଲଡିହା,୨୮।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଦେଇ ସାଳନ୍ଦୀ ନଦୀ ପ୍ରବାହିତ ହେଉଛି। ଏହା ଶିମିଳିପାଳ ଅଭୟାରଣ୍ୟରୁ ବାହାରି ଚମ୍ପାଝର, ଜରକ, ମହୁଲଡିହା, ସାତକୋଶିଆ ଓ ସାଳଚୁଆ ଗ୍ରାମ ପଞ୍ଚାୟତର ସାତବେଡ଼ି ଦେଇ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକରେ ପହଞ୍ଚିଛି। ଶୁକ୍ରବାର ଓ ଶନିବାର ପ୍ରବଳ ବର୍ଷା ହେବା ଫଳରେ ସାଳନ୍ଦୀର ଦୁଇ କୂଳ ଲଙ୍ଘିଛି। ସାତକୋଶିଆ ଗ୍ରାମ ପଞ୍ଚାୟତର ବାଲିଘାଟଠାରେ ନଦୀ କୂଳରେ ଥିବା ବାବା ଭୈରବାନନ୍ଦ ସରସ୍ୱତୀଙ୍କ ଆଶ୍ରମ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇ ରହିଛି। ରଥଯାତ୍ରା ପାଇଁ ଭୈରବା ନନ୍ଦ ସରସ୍ୱତୀ ପୁରୀ ଯାଇଥିବା ବେଳେ ଅନ୍ୟମାନେ ଗତକାଲି ଆଶ୍ରମରୁ ବାଲିଘାଟ ଗାଆଁ ପର୍ଯ୍ୟନ୍ତ ରଥଟାଣି ଥିଲେ।

## ମହିଳାଙ୍କ ମୃତଦେହ ଉଦ୍ଧାର

କୁଳିଅଣା, ୨୮।୬(ସମିସ): କୁଳିଅଣା ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମ ପଞ୍ଚାୟତ ଅଧୀନ ବଡ଼ ନୂଆଗାଁ ବୁଢାବଳଙ୍ଗ ନଦୀ ପଠା ଏକ ଖଜୁରୀ ଗଛ ମୂଳରେ ପଡ଼ିଥିବା ଜଣେ ମହିଳାଙ୍କ ଶବ ଉଦ୍ଧାର କରାଯାଇଛି। ମୃତ ମହିଳାଙ୍କ ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହେବ। ସେ ଏକ ଜିନ୍ସ ପ୍ୟାଣ୍ଟ, ନାଲି, ଧଳା କଳାର ଟି ସାର୍ଟ ପିନ୍ଧିଥିବା ବେଳେ ମସ୍ତିଷ୍କ ବିକୃତ ଥିବା ଅନୁମାନ କରାଯାଉଛି। ଖବର ପାଇ କୁଳିଅଣା ଥାନା ଏଏସଆଇ ଗୋଲକ ମିଶ୍ର ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପଠାଇଛି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

କୁଆମରା,୨୮।୬ (ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ଗ୍ରାମରେ ଗତ ରାତିରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଗଣେଶ ସିଂ (୩୫)। ଶୁକ୍ରବାର ରାତିରେ ନିଜ ଘରେ ମୋବାଇଲକୁ ଚାର୍ଜ କରୁଥିବା ବେଳେ ଏକ ତାରରେ ତାଙ୍କ ହାତ ସ୍ପର୍ଶ ହୋଇଯିବାରୁ ସେ କଚାଡି ପଡିଯାଇଥିଲେ। ଫଳରେ ସେଠାରେ ସେ ଚେତାଶୂନ୍ୟ ହୋଇଥିଲେ। ସଂଗେ ସଂଗରେ ପରିବାର କୁଆମରା ଡାକ୍ତରଖାନା ନେଇଥିଲେ; ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆଇନ ଛାତ୍ରୀଙ୍କୁ ଗଣଦୁଷ୍କର୍ମ: ସୁରକ୍ଷାକର୍ମୀ ଗିରଫ

କୋଲକାତା, ୨୮।୬ (ଏଜେନ୍ସି): କୋଲକାତା ଆଇନ କଲେଜରେ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଗଣଦୁଷ୍କର୍ମକୁ ନେଇ ରାଜ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଲୋକେ ଏହା ବିରୋଧରେ ପ୍ରତିବାଦ ଆରମ୍ଭ କରିଦେଇଛନ୍ତି। ଏହା ମଧ୍ୟରେ କୋଲକାତା ପୁଲିସ ଶନିବାର ଏହି କଲେଜର ସୁରକ୍ଷାକର୍ମୀ ପିନାକୀ ବାନାର୍ଜୀକୁ ଗିରଫ କରିଛି। ଏ ପର୍ଯ୍ୟନ୍ତ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଟିଏମସି ନେତା ମନୋଜିତ ମିଶ୍ରା ସହିତ ୪ ଜଣଙ୍କୁ ଗିରଫ କରାଗଲାଣି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଗଣଦୁଷ୍କର୍ମ ସମୟରେ ସୁରକ୍ଷାକର୍ମୀ ଉପସ୍ଥିତ ଥିଲା। ଅଭିଯୁକ୍ତର ନିର୍ଦ୍ଦେଶରେ ସେ ଗାର୍ଡରୁମ୍‌ରେ ମହିଳାଙ୍କୁ ଏକାକୀ ଛାଡ଼ି ପଳାଇ ଥିଲା। ଛାତ୍ରୀ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ସୁରକ୍ଷାକର୍ମୀ ତାଙ୍କୁ ସହାୟତା କରି ନ ଥିଲା। ଏ ବିଷୟରେ ସେ କଲେଜ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବାର ଥିଲା। କିନ୍ତୁ ସେ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବା। ତଦନ୍ତ ବେଳେ ଏହା ଜଣାପଡ଼ିବାରୁ ସୁରକ୍ଷାକର୍ମୀକୁ ଗିରଫ କରାଯାଇଥିଲା। ଅନ୍ୟପକ୍ଷରେ ପୀଡ଼ିତାଙ୍କ ମେଡିକାଲ ରିପୋର୍ଟ ସାମ୍ନାକୁ ଆସିଛି। ଏଥିରେ ଦୁଷ୍କର୍ମ ହୋଇଥିବା ସ୍ପଷ୍ଟ ହୋଇଛି। ପୁଲିସ ଅଧିକାରୀଙ୍କ ଅନୁଯାୟୀ ଜୋରଜବରଦସ୍ତି କରିଥିବାରୁ ପୀଡ଼ିତାଙ୍କ ଶରୀରରେ କଟା ଏବଂ ଆଞ୍ଚୁଡ଼ା ଦାଗ ରହିଛି। ମାରପିଟ ମଧ୍ୟ କରାଯାଇଛି। ସେହିପରି ଗଣଦୁଷ୍କର୍ମର ତିନି ଅଭିଯୁକ୍ତଙ୍କୁ କୋର୍ଟ ୧ ତାରିଖ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି। ଏହା ମଧ୍ୟରେ ଟିଏମ୍‌ସି ସାଂସଦ କଲ୍ୟାଣ ବାନାର୍ଜୀ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଯଦି ବନ୍ଧୁ ବନ୍ଧୁକୁ ଦୁଷ୍କର୍ମ କରିବ ତେବେ କ'ଣ କରାଯାଇପାରିବ ବୋଲି ସେ କହିଛନ୍ତି।

## ଆଇଏସ୍‌ଆଇଏସ୍‌ର ଭାରତ ମୁଖ୍ୟ ସାକିବ ନାଚନ ମୃତ



ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ ଷ୍ଟେଟ୍ ଅଫ୍ ଇରାକ ଆଣ୍ଡ ସିରିଆ (ଆଇଏସଆଇଏସ) ର ଭାରତ ମୁଖ୍ୟ କୁହାଯାଉଥିବା ତଥା ନିଷିଦ୍ଧ ସଂଗଠନ ଷ୍ଟୁଡେଣ୍ଟସ୍ ଇସଲାମିକ ମୁଭମେଣ୍ଟ ଅଫ୍ ଇଣ୍ଡିଆ (ସିମି)ର ପୂର୍ବତନ ସଦସ୍ୟ ସାକିବ ନାଚନ (୫୭) ମସ୍ତିଷ୍କାଘାତରେ ପ୍ରାଣ ହରାଇଛି। ମସ୍ତିଷ୍କାଘାତ ହେବା ପରେ ତାକୁ ଶନିବାର ଦ୍ୱିପହରେ ଦିଲ୍ଲୀର ସଫଦରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନ୍‌ଆଇଏ ଦ୍ୱାରା ଗିରଫ ହେବା ପରେ ନାଚନ ୨୦୨୩ରୁ ତିହାର ଜେଲ୍‌ରେ ଥିଲା। ମହାରାଷ୍ଟ୍ରର ପଦଘା ଏବଂ ଦିଲ୍ଲୀରେ ଆଇଏସଆଇଏସର ଶାଖା ଗଢୁଥିବା ଅଭିଯୋଗରେ ତାକୁ ଗିରଫ କରାଯାଇଥିଲା। ମସ୍ତିଷ୍କାଘାତ ହେବାପରେ ମଙ୍ଗଳବାରଠାରୁ ତାକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ସାମ୍ବାଦିକା ସ୍ୱେଚାଙ୍କ ଆତ୍ମହତ୍ୟା



ହାଇଦରାବାଦ, ୨୮।୬ (ଏଜେନ୍ସି): ସୁପ୍ରସିଦ୍ଧ ସାମ୍ବାଦିକା ତଥା ତେଲୁଗୁ ଚ୍ୟାନେଲର ଉପସ୍ଥାପିକା ସ୍ୱେଚା ଭୋଟରାକର ଆତ୍ମହତ୍ୟା କରିଛନ୍ତି। ହାଇଦରାବାଦ ସ୍ଥିତ ବାସଭବନରୁ ଶୁକ୍ରବାର ରାତିରେ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ବାପାଙ୍କ ଅଭିଯୋଗ କ୍ରମେ ପୁଲିସ ଏତଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଝିଅର ମୃତ୍ୟୁ ପାଇଁ ବାପା ଜଣେ ବ୍ୟକ୍ତିକୁ ଦାୟୀ କରିଛନ୍ତି। ସ୍ୱେଚାଙ୍କ ମୃତ୍ୟୁରେ ବିଆରଏସ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କେଟି ରାମା ରାଓ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ସାଧୁ ମହାରାଜଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ

କୋଲକାତା, ୨୮।୬ (ଏଜେନ୍ସି): ପଶ୍ଚିମବଙ୍ଗର ପଦ୍ମଶ୍ରୀ ବିଜେତା ସାଧୁ କାର୍ତ୍ତିକ ମହାରାଜଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲାଗିଛି। ସ୍କୁଲ୍‌ରେ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ୨୦୧୩ ପରଠାରୁ ସେ ଜଣେ ମହିଳାଙ୍କୁ



ଅନେକ ଥର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ତେବେ ବିଜେପି ସହ ଘନିଷ୍ଠ ଥିବା ଏହି ସାଧୁ ଅଭିଯୋଗକୁ ଖଣ୍ଡନ କରିଦେଇଛନ୍ତି। ପୀଡ଼ିତା ଅଭିଯୋଗ କରିଛନ୍ତି ଯେ ଭାରତ ସେବାଶ୍ରମ ସଂଘର ଏହି ସାଧୁ ତାଙ୍କୁ ମୁର୍ଶିଦାବାଦ ଆଶ୍ରମକୁ ନେଇ ଯାଇଥିଲେ। ଏହି ପରିସରରେ ଥିବା ବିଦ୍ୟାଳୟରେ ଚାକିରି ଦେବାକୁ କହି ରହିବାକୁ ଦେଇଥିଲେ। ତେବେ ଦିନେ ରାତିରେ କାର୍ତ୍ତିକ ମହାରାଜ ଜୋର ଜବରଦସ୍ତି ତାଙ୍କ ପ୍ରକୋଷ୍ଠ ଭିତରକୁ ପ୍ରବେଶ କରିଥିଲେ। ୨୦୧୩ ଜାନୁଆରୀରୁ ଜୁନ୍ ମଧ୍ୟରେ ୧୨ ଥର ଦୁଷ୍କର୍ମ କରିଥିଲେ। କାହାକୁ କହିଲେ ମାରିଦେବାକୁ ଧମକ ଦେଇଥିଲେ। ତେଣୁ ସେ ନିସହାୟ ହୋଇ ଏ ପର୍ଯ୍ୟନ୍ତ ଅଭିଯୋଗ କରି ନ ଥିଲେ ବୋଲି ପୀଡ଼ିତା ଏତଲାରେ କହିଛନ୍ତି।

# ନଦୀରେ ଫଟୋ ଉଠାଉଥିବାବେଳେ ଭାସିଗଲେ ପରିବାରର ୯ ସଦସ୍ୟ

ଇସଲାମାବାଦ, ୨୮।୬ (ଏଜେନ୍ସି): ପାକିସ୍ତାନ ଖୈବର ପଖ୍ତୁନଖ୍ୱା ଅଞ୍ଚଳରେ ଥିବା ସ୍ୱାତ ନଦୀରେ ଶୁକ୍ରବାର ଅଚାନକ ବନ୍ୟା ଆସିଛି। ଏଥିରେ ୧୭ ଜଣ ପ୍ରାଣ ହରାଇଛନ୍ତି। ଅନେକ ଲୋକ ନିଖୋଜ ଅଛନ୍ତି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୯ ସଦସ୍ୟ ସାମିଲ ଅଛନ୍ତି। ସୂଚନା ଅନୁଯାୟୀ ୧୮ ଜଣିଆ ପରିବାର ଶୁକ୍ରବାର ଭୋଜି କରିବାକୁ ସ୍ୱାତ ନଦୀ କୂଳକୁ ଯାଇଥିଲେ। ଏମାନେ ନଦୀ ଭିତରେ ଫଟୋ ଉଠାଉ ଥିଲେ। ଆଉ କିଛି ଜଣ ପାଣିରେ ଖେଳୁଥିଲେ। ଏହି ସମୟରେ ଅଚାନକ ବନ୍ୟା ଆସି ଯାଇଥିଲା। ଏହା ଛୋଟ ପିଲାଙ୍କୁ ଭସାଇ ନେଇଥିଲା। ସମ୍ପର୍କୀୟମାନେ ବଞ୍ଚାଇବାକୁ ଦୌଡ଼ି ଥିଲେ। କିନ୍ତୁ ସେମାନେ ବି ପାଣି ଭିତରେ ଫସି ଯାଇଥିଲେ। ଦୀର୍ଘ ଦୁଇ ଘଣ୍ଟା ଅପେକ୍ଷା କରିବା ପରେ ଉଦ୍ଧାରକାରୀ ଦଳ ପହଞ୍ଚି ଥିଲା। ୯ ଜଣଙ୍କ ମୃତଦେହ ଉଦ୍ଧାର କରିଛି। ୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏବେ ଏହି ଦୁର୍ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖାଯାଉଛି ଯେ କିଛିଲୋକ ଏକ ପଥର ଉପରେ ଛିଡ଼ା ହୋଇଛନ୍ତି। ଚାରିପଟେ ନଦୀର ପ୍ରଖର ସୁଅ ସେମାନଙ୍କୁ ଘେରି ରହିଛି।





# ସନ୍ଦେହରେ ଅଭିନେତ୍ରୀଙ୍କ ମୃତ୍ୟୁ

## ଦୁଇ ଥର ଶବ ବ୍ୟବଚ୍ଛେଦ ହେଲାଣି; ତଥାପି କାରଣ ଅସ୍ପଷ୍ଟ

ମୁମ୍ବାଇ, ୨୮।୬ (ଏଜେନ୍ସି): ସନ୍ଦେହଜନକ ଅବସ୍ଥାରେ ଅଭିନେତ୍ରୀ ଶେଫାଳି ଜରିୱାଲାଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଛି। ତାଙ୍କୁ ୪୨ ବର୍ଷ ହୋଇଥିଲା। ଶୁକ୍ରବାର ରାତିରେ ତାଙ୍କର ହୃଦ୍‌ଘାତ ଆସିଥିଲା। ଏହା ପରେ ସ୍ୱାମୀ ପରାଗ ତ୍ୟାଗୀ ଶେଫାଳିଙ୍କୁ ମୁମ୍ବାଇର ସୁବରବନ ଅଞ୍ଚଳରେ ଥିବା ବେଲେଭ୍ୟୁ ମଲ୍ଟିସ୍ପେସିଆଲିଟି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି କୁହାଯାଉଛି। କିନ୍ତୁ ଶେଫାଳିଙ୍କ ପରିବାର କିମ୍ବା ପ୍ରତିନିଧିଙ୍କ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ମୁମ୍ବାଇ ପୁଲିସ ଏହି ମାମଲାର ଯାଞ୍ଚ ଆରମ୍ଭ କରିଦେଇଛି। ସମ୍ପର୍କୀୟ ଏବଂ ଶେଫାଳିଙ୍କ ଘରର ଚାକରଙ୍କୁ ଏହି ମାମଲାରେ ପଚରାଉଚୁରା କରୁଛି। ମୃତ୍ୟୁର କାରଣ ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ପୁଲିସ ମୋବାଇଲ ଫରେନସିକ୍ ୟୁନିଟ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଦେଇଛି। ଗୋଟିଏ ଟିମ୍ ଫେରି ଯାଇଥିବାବେଳେ ଆଉ ଗୋଟିଏ ଘଟଣାସ୍ଥଳରେ ରହିଛି। ଅନ୍ୟପଟେ କୁପର ହସ୍ପିଟାଲରେ ଶେଫାଳିଙ୍କ ମୃତଦେହ ଦୁଇଥର ବ୍ୟବଚ୍ଛେଦ ପରେ ଅନ୍ତିମ ସଂସ୍କାର କରାଯାଇଛି।

କାଣ୍ଟା ଲଗା ଗୀତରୁ ପ୍ରସିଦ୍ଧି ଅର୍ଜନ କରିଥିବା ଶେଫାଳି ମୁମ୍ବାଇର ଗୋଲ୍ଡେନ ରେଜ୍-ୱାଇ ବିଲ୍ଡିଂରେ ରହୁଥିଲେ। ସୂଚନା ଅନୁଯାୟୀ ଶେଫାଳିଙ୍କୁ ଅଚେତ ଅବସ୍ଥାରେ ଶୁକ୍ରବାର ରାତି ୧୧ଟା ୧୫ରେ ଅନ୍ଧେରୀ ସ୍ଥିତ ବେଲେଭ୍ୟୁ ଡାକ୍ତରଖାନାକୁ ନିଆଯାଇଥିଲା। ହସ୍ପିଟାଲ କର୍ମଚାରୀଙ୍କ ଅନୁଯାୟୀ ତାଙ୍କୁ ମୃତ ଅବସ୍ଥାରେ ଡାକ୍ତରଖାନାକୁ ଅଣାଯାଇଥିଲା। ମୃତଦେହକୁ କୁପର ହସ୍ପିଟାଲକୁ ପଠାଇ ଦିଆଯାଇଛି। ସେଠାରେ ସମ୍ପର୍କୀୟ ଘନିଷ୍ଠ ବନ୍ଧୁ ଏବଂ ଫିଟନେସ୍ ଟ୍ରେନର ପହଞ୍ଚିଛନ୍ତି। ସେ କହିଛନ୍ତି ଯେ ଶେଫାଳି ନିଜ ଖାଦ୍ୟ ଅଭ୍ୟାସକୁ ନେଇ ସଚେତନ ଥିଲେ। ସବୁ ଦିନ ବ୍ୟାୟାମ କରୁଥିଲେ। ଦୁଇ ଦିନ ତଳେ ଟ୍ରେନର ତାଙ୍କୁ ଭେଟି ଥିଲେ। ଶେଫାଳିଙ୍କୁ ପିତ୍ତୁଳା ରୋଗ ଥିଲା। ଏଥିପାଇଁ ସେ ଥଣ୍ଡା ଜିନିଷ ଏବଂ ମୃଦୁ ପାନୀୟ ପିଉ ନ ଥିଲେ। ଅନ୍ୟପଟେ ଶେଫାଳି ରହୁଥିବା କୋଠାର ସିକ୍ୟୁରିଟି ଗାର୍ଡ ଶତ୍ରୁଘ୍ନ କହିଛନ୍ତି ଯେ ଶୁକ୍ରବାର ରାତି ୯ଟାରେ ତାଙ୍କ ସ୍ୱାମୀ ପରାଗ ମୋଟରସାଇକେଲରେ ସୋସାଇଟିକୁ ଆସିଥିଲେ। ଗେଟ୍ ଖୋଲିବା ପରେ ସେ ରୁମ୍‌କୁ ଯାଇଥିଲେ। ଏହାର ଦେଢ଼ଘଣ୍ଟା ପରେ ପ୍ରାୟ ୧୦ଟା୩୦ରେ ଶେଫାଳିଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଏହାର କିଛି ସମୟ ପରେ ଶେଫାଳିଙ୍କ ଜଣେ ବନ୍ଧୁ ସୋସାଇଟିକୁ ଆସିଥିଲେ। ଅଭିନେତ୍ରୀଙ୍କ ମୃତ୍ୟୁ ହୋଇଯାଇଥିବା କହିଥିଲେ।

ସୂଚନାଯୋଗ୍ୟ ଯେ ୨୦୦୪ରେ ଶେଫାଳି ସଙ୍ଗୀତଜ୍ଞ ହରମିତ ସିଂହଙ୍କୁ ବିବାହ କରିଥିଲେ। ୨୦୦୯ ରେ ଉଭୟେ ଛାଡ଼ପତ୍ର ନେଇଥିଲେ। ଏହା ପରେ ୨୦୧୫ରେ ଶେଫାଳି ପରାଗଙ୍କୁ ବାହା ହୋଇଥିଲେ। ସେ ନଚ୍ ବାଲିଏ ଏବଂ ବିଗ୍ ବସ୍ ୧୩

### ଶେଫାଳିଙ୍କ ମୃତ୍ୟୁରେ ବଲିଉଡ୍ ସ୍ତବ୍ଧ

ହାଉସ୍‌ରେ ପ୍ରବେଶ କରି ପ୍ରଶଂସା ସାଉଁଟି ଥିଲେ। ଏହା ମଧ୍ୟରେ ବଡ଼ ସୂଚନା ମିଳିଛି। ଶେଫାଳି ୫ରୁ ୬ ବର୍ଷ ହେଲା ଆଣ୍ଟି-ଏଜିଂ ଟ୍ରିଟ୍‌ମେଣ୍ଟ (ବୟସ ପ୍ରଭାବ ପଡ଼ିବାକୁ ଦେଉ ନ ଥିବା ଚିକିତ୍ସା) ନେଉଥିଲେ। ତ୍ୱଚାର ସୁନ୍ଦରତା ଏବଂ ଯୁବା ଦେଖାଯିବା ଲାଗି ଏହି ଚିକିତ୍ସା ନେଉଥିଲେ। ଏହି ଚିକିତ୍ସାରେ ଭିଟାମିନ୍ ସି ଏବଂ ଗ୍ଲୁଟାଥିଓନ ବ୍ୟବହାର କରାଯାଏ। ଅଧିକ ଗୋରା ଦିଶିବା ଲାଗି ଏବଂ ମୁହଁ ପରିଷ୍କାର କରିବା ଲାଗି ଗ୍ଲୁଟାଥିଓନ ଡ୍ରଗ୍ସ ନିଆଯାଏ ବୋଲି ଜଣେ ଡାକ୍ତର କହିଛନ୍ତି। ତେବେ ଏହା ହୃତ୍‌ପିଣ୍ଡ ଉପରେ କୌଣସି ପ୍ରତ୍ୟକ୍ଷ ପ୍ରଭାବ ପକାଏ ନାହିଁ ବୋଲି ଡାକ୍ତର ସୂଚନା ଦେଇଛନ୍ତି।

## ହୃଦ୍‌ଘାତ ନେଲାଣି ଅନେକ ସେଲିବ୍ରିଟିଙ୍କ ଜୀବନ

ମୁମ୍ବାଇ, ୨୮।୬ (ଏଜେନ୍ସି): ଶେଫାଳିଙ୍କ ପୂର୍ବରୁ ଅନେକ ସେଲିବ୍ରିଟି ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଶୁକ୍ଲା (୪୦ ବର୍ଷ), ପୁନୀତ ରାଜକୁମାର (୪୬), ଗାୟକ କ୍ରିଷ୍ଣାକୁମାର କୁନ୍ନଥ (୫୩), ନିର୍ଦ୍ଦେଶକ ରାଜ କୁଶଲ (୫୦), ହାସ୍ୟ ଅଭିନେତା ରାଜୁ ଶ୍ରୀବାସ୍ତବ (୫୮), ସତୀଶ ଚନ୍ଦ୍ର କୌଶିକ (୬୬), ସିଦ୍ଧାନ୍ତ ବୀର ସୂର୍ଯ୍ୟବଂଶୀ (୪୬), ଚିରଞ୍ଜୀବୀ ସରଜା (୩୫), ହାସ୍ୟ ଅଭିନେତା ବିବେକ (୫୯), ମଧୁବାଳା (୩୬), ବ୍ୟବସାୟୀ ସଞ୍ଜୟ କପୁର (୫୩) ପ୍ରମୁଖ ସାମିଲ ଅଛନ୍ତି।






## ଅହମଦାବାଦ ବିମାନ ଦୁର୍ଘଟଣା

# ପାଇଲଟଙ୍କ ପାଇଁ ବଞ୍ଚିଗଲା ୨ ହଜାର ଜୀବନ

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ଗତ ୧୨ ତାରିଖର ଅହମଦାବାଦ ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଏହି ଅଘଟଣରେ ୨୭୫ ଜଣଙ୍କ ଜୀବନ ଯାଇଥିଲା। ବିମାନର କ୍ୟାପ୍‌ଟେନ ସୁମିତ ସଭରୱାଲ (୫୬) ଉପସ୍ଥିତ ବୁଦ୍ଧି ପାଇଁ କ୍ଷୟକ୍ଷତି ଏବଂ ଜୀବନହାନୀ ବହୁତ କମ୍ ହୋଇଥିଲା, ନଚେତ୍ ଏହି ଦୁର୍ଘଟଣାରେ ୨ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଥାନ୍ତା। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିମାନ ଉପରକୁ ନ ଉଠିବା ପରେ ଏହା ଦୁର୍ଘଟଣାଗ୍ରସ୍ତ ହେବ ବୋଲି କ୍ୟାପ୍‌ଟେନ ସୁମିତ ଜାଣିପାରି ଥିଲେ। ତେଣୁ ସେ ଉପସ୍ଥିତ ବୁଦ୍ଧି ଖଟାଇ କମ୍ ଜନବହୁଳ ଅଞ୍ଚଳରେ ବିମାନକୁ ଖସାଇ ଥିଲେ। କ୍ଷୟକ୍ଷତି କମ୍ କରିବା ପାଇଁ ସେ ଏହି ନିଷ୍ପତ୍ତି ନେଇଥିଲେ। ବୋଇଂ ୭୮୭ ବିମାନ ମେଡିକାଲ ହଷ୍ଟେଲ ଉପରେ ପଡ଼ିଥିଲା। ଏହି ଅଞ୍ଚଳରେ ଜନସଂଖ୍ୟା ଘନତ୍ୱ ବହୁତ କମ୍ ଥିଲା। ମାତ୍ର ଏହାର ଚାରିପାଖରେ ବସ୍ତି ଏବଂ ତିନୋଟି ବଡ଼ ହସ୍ପିଟାଲ ରହିଥିଲା। ଯଦି ବିମାନ ତିନି ସେକେଣ୍ଡ ପୂର୍ବରୁ କିମ୍ବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥାନ୍ତା ତେବେ ଭୟଙ୍କର ବିପର୍ଯ୍ୟୟ ହୋଇଥାନ୍ତା। ଦୁର୍ଘଟଣାସ୍ଥଳର ଡାହାଣ ପାର୍ଶ୍ୱରେ ସେନା ହସ୍ପିଟାଲ ଥିଲା। ଆଗରେ ଏକ ସିଭିଲ ହସ୍ପିଟାଲ ଏବଂ ଆଉ କିଛି ଦୂରରେ ଗୁଜରାଟ କ୍ୟାନସର ସୋସାଇଟି ମେଡିକାଲ କଲେଜ ରହିଥିଲା।



ଦୁର୍ଘଟଣା ପରେ ମାମଲାର ଯାଞ୍ଚ କରୁଥିବା ଜଣେ ବେସାମରିକ ବିମାନ ଚଳାଚଳ ଅଧିକାରୀ କହିଛନ୍ତି ଯେ ବିମାନର ଗତି ଅନୁଯାୟୀ ଏହା ସିଧା ୧୨୦୦ ବେଡ୍ ବିଶିଷ୍ଟ ସିଭିଲ ହସ୍ପିଟାଲରେ ମାଡ଼ ହେବାକୁ ଯାଉଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ ପାଇଲଟ କିଛି ସମୟ ପୂର୍ବରୁ ବିମାନକୁ ତଳକୁ ନେଇ ଆସିଥିଲେ। ଏଥିଯୋଗୁ ବିମାନ ମେଡିକାଲ କଲେଜ ହଷ୍ଟେଲର ଛାତରୁ ଖସି ଗଛ ଉପରେ ପଡ଼ିଥିଲା। ସୂଚନାଯୋଗ୍ୟ ଯେ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା କ୍ୟାପ୍‌ଟେନ ସୁମିତଙ୍କ ଗତ ୧୭ ତାରିଖରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ୮୨୦୦ ଘଣ୍ଟା ଉଡ଼ାଣର ଅଭିଜ୍ଞତା ଥିଲା।

# ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ; ୧୬ ସୈନିକ ମୃତ

ଇସଲାମାବାଦ, ୨୮।୬ (ଏଜେନ୍ସି): ଆତଙ୍କବାଦୀ ଆକ୍ରମଣ କରି ପଡ଼ୋଶୀ ଦେଶରେ ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନ ନିଜେ ଏହାର ଶିକାର ହୋଇଛି। ଭାରତରେ ପୁଲୱାମା ଆକ୍ରମଣ ପାଇଁ ଦାୟୀ ପାକିସ୍ତାନରେ ଏଭଳି ଆକ୍ରମଣ ହୋଇଛି।

ଖୈବର ପଖତୁନଖ୍ୱା ପ୍ରଦେଶର ଉତ୍ତର ବଜିରସ୍ଥାନ ଜିଲ୍ଲାରେ ଶନିବାର ବିସ୍ଫୋରକ ଭର୍ତ୍ତି ଏକ ଗାଡ଼ି ନେଇ ଜଣେ ଆତଙ୍କବାଦୀ ପାକିସ୍ତାନୀ ସେନାର କନଭୟକୁ ଧକ୍କା ଦେଇଛି। ପରେ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଛି। ଏହି ବିସ୍ଫୋରଣରେ ୧୬ ଯବାନ ପ୍ରାଣ ହରାଇଛନ୍ତି। ୨୪ରୁ ଅଧିକ ମଧ୍ୟ ଆହତ ହୋଇଛନ୍ତି। ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି କୁହାଯାଉଛି। ଏହି ଆକ୍ରମଣ ପାଇଁ ଆତଙ୍କବାଦୀ ସଂଗଠନ ପାକିସ୍ତାନୀ ତାଲିବାନ (ଟିଟିପି) ନିଜକୁ ଦାୟୀ କରିଛି। ଏହି ଅଞ୍ଚଳକୁ ଟିଟିପିର ଗଡ଼ ଧରାଯାଉଛି। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ନିକଟସ୍ଥ ଦୁଇଟ ଘରର ଛାତ ଭୁଶୁଡି ଯାଇଛି। ଏଥିରେ ୬ରୁ ଅଧିକ ଶିଶୁ ଆହତ ହୋଇଛନ୍ତି। ପାକିସ୍ତାନ ତାଲିବାନର ଏକ ଗୋଷ୍ଠୀ ହାଫିଜ ଗୁଲ ବାହାଦୂର ଆର୍ମ୍ସ ଗ୍ରୁପର ଆତ୍ମଘାତୀ ଏହି କାଣ୍ଡ ଘଟାଇଛନ୍ତି।

**ନିଜକୁ ଦାୟୀ କଲା ପାକିସ୍ତାନ ତାଲିବାନ**

୨୦୨୧ରେ ଆଫଗାନିସ୍ତାନରେ ତାଲିବାନ କ୍ଷମତାସୀନ ହେବା ପରଠାରୁ ପାକିସ୍ତାନର ଏହି ଅଞ୍ଚଳରେ ହିଂସା ଲାଗି ରହିଛି। ଅନବରତ ଭାବେ ସେନା ଉପରେ ଆକ୍ରମଣ ହେଉଛି। ତାଲିବାନ ସରକାର ଏଥିପାଇଁ ସହାୟତା କରୁଛନ୍ତି ବୋଲି ପାକିସ୍ତାନ ପକ୍ଷରୁ ଅଭିଯୋଗ କରାଯାଉଛି। ତେବେ ତାଲିବାନ ଏହି ଅଭିଯୋଗକୁ ଖାରଜ କରିଆସିଛି।

# ପୁଣି ବିବାଦ ଘେରରେ ନିର୍ବାଚନ କମିସନ

ନୂଆଦିଲ୍ଲୀ, ୨୮।୬(ଏଜେନ୍ସି): ବିଭିନ୍ନ ସମୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦରେ ଥିବା ଭାରତର ନିର୍ବାଚନ କମିସନ ପୁଣି ଆଉ ଏକ ନୂଆ ବିବାଦରେ ଫସିଯାଇଛନ୍ତି। ଏଥର ଘରଘର ବୁଲି ଯାଞ୍ଚ ପ୍ରକ୍ରିୟାକୁ ନେଇ। ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ବିହାରରେ। ଚଳିତ ବର୍ଷ ଶେଷ ଆଡ଼କୁ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଭୋଟର ତାଲିକାରେ ସଂଶୋଧନ କରାଯାଉଛି। ଏହି ପ୍ରକ୍ରିୟାରେ ନୂଆ ଓ ପୁରୁଣା ଭୋଟରଙ୍କୁ ଭାରତୀୟ ନାଗରିକତ୍ୱ ପ୍ରମାଣ ଦେବାକୁ କୁହାଯାଉଛି। ସେମାନଙ୍କର ଜନ୍ମସ୍ଥାନ ଓ ତାରିଖ ସଂପର୍କରେ ପ୍ରମାଣପତ୍ର ଲୋଡ଼ୁଛନ୍ତି ନିର୍ବାଚନ ଅଧିକାରୀ। ଏହାକୁ ନେଇ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଅଭିଯୋଗ କରିଛନ୍ତି ଯେ ଭୋଟର ତାଲିକା ସଂଶୋଧନ ବାହାନାରେ ସରକାର କମିସନଙ୍କୁ ଅସ୍ତ୍ର କରି ଏନ୍‌ଆର୍‌ସି ବା ଜାତୀୟ ନାଗରିକ ପଞ୍ଜୀକରଣ କରାଉଛନ୍ତି।

- ଜନ୍ମ ପ୍ରମାଣପତ୍ର ଦେବାକୁ ଭୋଟର ବାଧ୍ୟ
- ପ୍ରମାଣପତ୍ର ନଦେଲେ ତାଲିକାରୁ ନାଁ କଟିବ
- କମିସନଙ୍କୁ ଘେରିଲେ ବିରୋଧୀ ଦଳ
- ତାଲିକା ସଂଶୋଧନ ନାମରେ ଏନ୍‌ଆର୍‌ସି ?

ମିଳିଥିବା ସୂଚନା ଅନୁଯାୟୀ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ବେଆଇନ ଶରଣାର୍ଥୀଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା ଲାଗି ନିର୍ବାଚନ କମିସନ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନରେ ବୁଥ୍ ସ୍ତରରେ ନିର୍ବାଚନ ଅଧିକାରୀ ଘର ଘର ବୁଲି ସର୍ଭେ କରିବା ସହିତ ନୂଆ ଏବଂ ପୁରୁଣା ଭୋଟରଙ୍କ ଠାରୁ ତଥ୍ୟପ୍ରମାଣ ସଂଗ୍ରହ କରୁଛନ୍ତି। ସେମାନେ ଭାରତୀୟ ନାଗରିକ କି ନୁହନ୍ତି? ଯଦି ଭାରତୀୟ ନାଗରିକ, ତାହାହେଲେ ସେମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ଜନ୍ମ ତାରିଖ ସଂପର୍କରେ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଉଛି। କେବଳ ନିଜର ନୁହେଁ, ସେମାନଙ୍କ ପିତାମାତାଙ୍କର ପ୍ରମାଣପତ୍ର ମଧ୍ୟ ଲୋଡ଼ାଯାଉଛି। ୧୯୮୭ପୂର୍ବରୁ ଜନ୍ମ ହୋଇଥିବା ଭୋଟରମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ଜନ୍ମ ତାରିଖର ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଉଛି। ସେହିଭଳି ଜୁଲାଇ ୧୯୮୭ରୁ ଡିସେମ୍ବର ୨୦୦୪ ମଧ୍ୟରେ ଜନ୍ମ ହୋଇଥିବା ଭୋଟରମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ତାରିଖ ପ୍ରମାଣପତ୍ର ସହିତ ପିତାମାତାଙ୍କର ଜନ୍ମସ୍ଥାନ ଓ ଜନ୍ମତାରିଖ ସଂପର୍କରେ କାଗଜପତ୍ର ଦାଖଲ କରିବାକୁ କୁହାଯାଉଛି।

ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ। ରାଷ୍ଟ୍ରୀୟ ଜନତା ଦଳ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଏମିତି ଲକ୍ଷ ଲକ୍ଷ ପରିବାର ଅଛନ୍ତି ଯେଉଁମାନଙ୍କ ପାଖରେ ଜନ୍ମସ୍ଥାନ ଓ ତାରିଖ ପ୍ରମାଣପତ୍ର ନାହିଁ। ସେମାନଙ୍କୁ ମତଦାନରୁ ବଞ୍ଚିତ କରିବା ଲାଗି ଏହା ଏକ ଷଡ଼ଯନ୍ତ୍ର। ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ଏହାକୁ ଏନ୍‌ଆରସି ଠାରୁ ଅଧିକ ଭୟଙ୍କର ଓ ବିପଜ୍ଜନକ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ କମିସନଙ୍କ ଏଭଳି ନିଷ୍ପତ୍ତି ଗଣତନ୍ତ୍ର ପାଇଁ ବିପଦ। ରାଜ୍ୟ ସରକାର ଓ ଜାତୀୟ ରାଜନୈତିକ ଦଳଙ୍କ ସହିତ ବିଚାରପରାମର୍ଶ ନକରି କମିସନ ଏଭଳି ଏକତରଫା ନିଷ୍ପତ୍ତି ନେଇପାରିବେ ନାହିଁ। କେବଳ ବିଜେପିକୁ ସୁହାଇଲା ଭଳି କମିସନ ନିଷ୍ପତ୍ତି ନେଉଛନ୍ତି। ଗରିବ ଓ ଅଶିକ୍ଷିତ ପରିବାର ସେମାନଙ୍କର ପ୍ରମାଣପତ୍ର କେଉଁଠୁ ଆଣିବେ ? କେନ୍ଦ୍ର ସରକାର ନିର୍ବାଚନ କମିସନଙ୍କୁ ଅସ୍ତ୍ର କରି ଏନ୍‌ଆର୍‌ସି ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ଅଭିଯୋଗ କରି ମମତା କହିଛନ୍ତି ଯେ ଏହାଦ୍ୱାରା ଲକ୍ଷ ଲକ୍ଷ ଲୋକ ଭୋଟ ଅଧିକାରରୁ ବଞ୍ଚିତ ହେବେ। ସମାଜବାଦୀ ପାର୍ଟି ମୁଖ୍ୟ ତଥା ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ମଧ୍ୟ ମମତାଙ୍କୁ ସମର୍ଥନ କରି କହିଛନ୍ତି ଯେ କେନ୍ଦ୍ରରେ ବିଜେପି ସରକାରକୁ ସହଜରେ ବିଶ୍ୱାସ କରାଯାଇପାରିବ ନାହିଁ। ସେମାନେ ପଛଦ୍ୱାର ଦେଇ ଏନ୍‌ଆରସି ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୨୬ରେ ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମ ବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ସେଠାରେ ମଧ୍ୟ ଏଭଳି ଅଭିଯାନ ଚଳାଇବାକୁ ଯୋଜନା କରିଛନ୍ତି ନିର୍ବାଚନ କମିସନ।

# କୋରିଆନ୍ ଟପ୍ ଫେଶନ



ସମୟ ଅନୁସାରେ ଫେଶନ ଟ୍ରେଣ୍ଡରେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ସେହିପରି ବର୍ତ୍ତମାନ ସମୟରେ ଯୁବତୀଙ୍କ ମଧ୍ୟରେ କୋରିଆନ୍ ଟପର କ୍ରେଜ୍ ଦେଖିବାକୁ ମିଳୁଛି। ଅନ୍‌ଲାଇନ୍‌ରେ ଏହା ବିଭିନ୍ନ ଡିଜାଇନରେ ରହିଛି। ଏହା ଷ୍ଟାଇଲିଶ୍ ସାଙ୍ଗକୁ ଆକର୍ଷଣୀୟ ଦେଖାଯାଏ। ତେବେ ଏ ପ୍ରକାର ଟପ୍ସ ବିଶେଷ କରି ବଟନ୍ ୱେୟାର୍ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ।

- ଧଳା ରଙ୍ଗ କୋରିଆନ୍ ଟପ୍ ଏବେର କଲେଜ ପଢୁଆ ଯୁବତୀଙ୍କ ମଧ୍ୟରେ ଖୁବ୍ ଚାହିଦା ରହିଛି। ଏହାକୁ ଟ୍ରାଉଜର୍, କଳା ଷ୍ଟ୍ରେଟ୍ ପ୍ୟାଣ୍ଟ୍, ଜିନ୍ସ, ଲଙ୍ଗ୍ ସ୍କର୍ଟରେ ପିନ୍ଧିପାରିବେ। ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ।
- ସେହିପରି ଏହାକୁ ପେନ୍‌ସିଲ୍ ହିଲ୍ କିମ୍ବା ବୁଟ୍ ଭଲ ମାନିଥାଏ। ଏଥିସହ ସ୍ଲିଙ୍ଗ୍ ବ୍ୟାଗ୍, ମିନି କ୍ଲଚ୍, ତଥା ଲେଦର ବ୍ୟାଗ ବ୍ୟବହାର କରିପାରିବେ।
- ରଙ୍ଗିନ କୋରିଆନ୍ ଟପ୍ସକୁ ଜିନ୍ସ ଭଲ ମାନିଥାଏ। ଏହି ଆଉଟ୍‌ଫିଟ୍‌ରେ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, ଆଧୁନିକ ଅଳଙ୍କାର ମାନିଥାଏ।

# ଏପରି କରନ୍ତୁ କାଚ ବାସନ ସଫା

କାଚ ବାସନ ଆଖିକୁ ଆକର୍ଷଣୀୟ ଦେଖାଯାଏ। ତେଣୁ ଲୋକେ ଏହାକୁ ବିଶେଷ ଦିନଗୁଡ଼ିକରେ ଯଥା- ପୂଜା, ପର୍ବ, ଉତ୍ସବ ଆଦିରେ ବ୍ୟବହାର କରିଥାନ୍ତି। ହେଲେ ପରବର୍ତ୍ତୀ ସମୟରେ ଏହାକୁ ସଫା କରିବା କଷ୍ଟକର ହୋଇଥାଏ। ତେଣୁ କାଚ ବାସନକୁ ସହଜ ଉପାୟରେ କିପରି ସଫା କରିବେ ଜାଣି ରଖନ୍ତୁ...



- ସର୍ବଦା ନଖ ଉଷୁମ ପାଣି ବ୍ୟବହାର କରି କାଚ ବାସନଗୁଡ଼ିକୁ ସଫା କରିବା ଆବଶ୍ୟକ। ଏହା ଦ୍ୱାରା ବାସନରେ ଲାଗିଥିବା ଦାଗ ଛାଡ଼ିଥାଏ।
- କାଚ ବାସନର ଉଜ୍ଜ୍ୱଳତା ବୃଦ୍ଧି ପାଇଁ ଲେମ୍ବୁ ଖୁବ୍ ଉପକାରୀ ହୋଇଥାଏ। ତେଣୁ ଏହାକୁ ବ୍ୟବହାର କରି ବାସନ ସଫା କରିପାରିବେ। ଏଥିପାଇଁ ପ୍ରଥମେ ଦୁଇ, ତିନୋଟି ଲେମ୍ବୁ ଚିପୁଡ଼ି ରସ କାଢ଼ନ୍ତୁ। ସେହି ରସକୁ ସ୍ପଞ୍ଜ ସାହାଯ୍ୟରେ ବାସନରେ ଘଷି ସଫା କରନ୍ତୁ। ଏହା ଦ୍ୱାରା ବାସନରେ ଚମକ ବୃଦ୍ଧି ପାଇଥାଏ।
- ବେକିଂସୋଡ଼ା ବ୍ୟବହାର କରି କାଚବାସନ ସଫା କରିବା କରିପାରିବେ। ନଖ ଉଷୁମ ପାଣିରେ ବେକିଂ ସୋଡ଼ା ମିଶାଇ ବାସନକୁ କିଛି ସମୟ ବୁଡ଼ାଇ ରଖନ୍ତୁ। ଏହାପରେ ସ୍ପଞ୍ଜ ବ୍ୟବହାର କରନ୍ତୁ।

# ଭାଇରାଲ ଗର୍ଲ

ଏବେ ଲୋକମାନଙ୍କର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଏକ ଉତ୍ତମ ମାଧ୍ୟମ ପାଲଟିଛି ସାମାଜିକ ଗଣମାଧ୍ୟମ। ଏଥିରୁ ସେମାନଙ୍କୁ ପରିଚୟ, ଖ୍ୟାତି, ସମ୍ପତ୍ତି, ସମ୍ମାନ ମିଳିପାରୁଛି। ଏପରିକି ରାତାରାତି ସାଧାରଣ ମଣିଷରୁ ସୋସିଆଲ ମିଡିଆ ତାରକା ପାଲଟିଥାନ୍ତି। ତେବେ ସାମାଜିକ ଗଣମାଧ୍ୟମରୁ ପ୍ରସିଦ୍ଧି ଲାଭ କରି ଚର୍ଚ୍ଚା ସାଉଁଟିଥିବା ସେଭଳି କେତେ ଜଣ ଭାଇରାଲ ଗର୍ଲଙ୍କୁ ନେଇ ଏହି ଉପସ୍ଥାପନା।

### ପ୍ରିୟା ପ୍ରକାଶ ବାରିୟର



ସୋସିଆଲ ମିଡିଆରେ ରାତାରାତି ଭାଇରାଲ ହୋଇଥିବା ମହିଳାଙ୍କ ମଧ୍ୟରୁ ଜଣେ ହେଲେ ପ୍ରିୟା ପ୍ରକାଶ ବାରିୟର୍। ମଲୟାଲମ୍ ଏବଂ ତେଲୁଗୁ ଅଭିନେତ୍ରୀ ଭାବେ ପ୍ରିୟା ୧୮ ବର୍ଷ ବୟସରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲେ। 'ଓରୁ ଅଦାର ଲଭ୍' ଫିଲ୍ମରେ ସେ ଅଭିନେତାଙ୍କୁ ଆଖିମାରୁଥିବାର ଏକ ଦୃଶ୍ୟକୁ ଭାଇରାଲ୍ ହୋଇଥିଲା। ୨୬ ସେକେଣ୍ଡର ଏହି ଭିଡିଓକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। 'ୱିଙ୍କ ଗର୍ଲ' ନାମରେ ପରିଚିତ ପ୍ରିୟା ୨୦୧୮ ମସିହାରେ ସାମାଜିକ ଗଣମାଧ୍ୟମରେ ଅଧିକ ସର୍ଚ୍ଚ କରାଯାଇଥିବା ମହିଳା ଥିଲେ।

### ମୋନାଲିସା ଭୋସଲେ



ପ୍ରୟାଗରାଜ କୁମ୍ଭମେଳାରେ 'ଭାଇରାଲ ଗର୍ଲ' ଭାବରେ ମୋନାଲିସା ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚାରେ ରହିଥିଲେ। ତାଙ୍କର ସୁନ୍ଦରତା ଆକର୍ଷଣୀୟ ଆଖି ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମଧ୍ୟ ପ୍ରଦେଶ ଇନ୍ଦୋରରୁ ଆସିଥିବା ଜଣେ ସାଧାରଣ ଯୁବତୀ ଥିଲେ ମୋନାଲିସା। ରୁଦ୍ରାକ୍ଷ ମାଳି ବିକାଳୀରୁ ସେ ରାତାରାତି ସୋସିଆଲ ମିଡିଆ ସେନସେସନ୍ ପାଲଟିଥିଲେ। ମହାକୁମ୍ଭରେ କିଛି ୟୁଟ୍ୟୁବର୍ ତାଙ୍କ ଭିଡିଓ ସୁଟ୍ କରି ତାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଫଳରେ ଏଥିରୁ ସେ ଭାଇରାଲ ହୋଇଥିଲେ। ପରେ ତାଙ୍କୁ 'ଦି ଡାଏରୀ ଅଫ୍ ମଣିପୁର' ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା।

### ଗରିମା ଚୌରାସିଆ



'ବହୁତ ହାର୍ଡ ଗର୍ଲ' ନାମରେ ପରିଚିତ ଗରିମା ଚୌରାସିଆ ଟିକ୍‌ଟକ୍ ଭିଡିଓରୁ ଭାଇରାଲ ହୋଇଥିଲେ। ଗଳି ବୟ ଫିଲ୍ମ ଗୀତ ବହୁତ ହାର୍ଡରେ ଲିପ୍‌ସିଙ୍କ୍ କରି ସେ ଲୋକପ୍ରିୟତା ସାଉଁଟିଥିଲେ। କିଲର ଲୁକ୍ ସାଙ୍ଗକୁ ନୃତ୍ୟଶୈଳୀ ଲୋକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ସେ ରାତିକ ମଧ୍ୟରେ ସୋସିଆଲ୍ ମିଡିଆ ତାରକା ପାଲଟିଥିଲେ। ଭାରତରେ ଟିକଟକ ବନ୍ଦ ହେବା ପରେ ମଧ୍ୟ ସେ ଇନ୍‌ଷ୍ଟାଗ୍ରାମ, ଏମ୍‌ଏକ୍ସ ଟକାଟକ୍ ଭଳି ସୋସିଆଲ ମିଡିଆରେ ସକ୍ରିୟ ଅଛନ୍ତି। ସେ ୧୯୯୭ ମସିହାରେ ଉତ୍ତରାଖଣ୍ଡ ହରିଦ୍ୱାରରେ ଜନ୍ମ ହୋଇଥିଲେ। ଦିଲ୍ଲୀରେ ରହୁଥିବା ଗରିମା ସୋସିଆଲ ମିଡିଆରେ ଭିଡିଓ କରିବା ସହ ଅନେକ ମ୍ୟୁଜିକ୍ ଭିଡିଓ କରିଛନ୍ତି। ଏଥିସହ ଭବିଷ୍ୟତରେ ଜଣେ ଅଭିନେତ୍ରୀ ହେବାକୁ ଆଶା ରଖିଛନ୍ତି।

### ଅଞ୍ଜଳି ଅରୋରା



'କଚ୍ଚା ବାଦାମ' ଗୀତରେ ନୃତ୍ୟ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟ ହୋଇଥିଲେ ଅଞ୍ଜଳି। ତାଙ୍କର ନୃତ୍ୟକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏହି ସଫଳତା ପରେ ଅଞ୍ଜଳିଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଏହାପରେ ସେ ଲଗାତାର ଭିଡିଓ ପୋଷ୍ଟ କରିଥିଲେ। ତାଙ୍କର ଲୋକପ୍ରିୟତା ଯୋଗୁ 'ଲକ୍‌ଅପ ସିଜନ୍' -୧ ରେ ପ୍ରତିଯୋଗୀ ଭାବେ ଭାଗ ନେବାକୁ ସୁଯୋଗ ମିଳିଥିଲା। ଏହି ସୋ' ସେରେ ବିଜୟୀ ନ ହେଲେ ମଧ୍ୟ ବେଶ୍ ଲୋକପ୍ରିୟତା ସାଉଁଟିଥିଲେ। ଏବେ ସେ ରିଲ୍‌ସ କରିବା ସହ ଅନେକ ମ୍ୟୁଜିକ ଭିଡିଓରେ ମଧ୍ୟ ସେ କାମ କରୁଛନ୍ତି। ଏବେ ସେ ଜଣେ ୟୁଟ୍ୟୁବର୍, ମଡେଲ ତଥା ଅଭିନେତ୍ରୀ ଭାବେ ଜଣାଯାନ୍ତି। ସେ ନିଜର ନୃତ୍ୟ ମାଧ୍ୟମରେ ଏବେ ମଧ୍ୟ ଦର୍ଶକଙ୍କ ମନୋରଞ୍ଜନ କରିଆସୁଛନ୍ତି। ତାଙ୍କର ସାମାଜିକ ଗଣମାଧ୍ୟମରେ ଅନେକ ପ୍ରଶଂସକ ରହିଛନ୍ତି।

# ନଡ଼ିଆ ତେଲ, କର୍ପୂରରେ କେଶର ଯତ୍ନ

ନଡ଼ିଆ ତେଲ କେଶ ପାଇଁ ଖୁବ୍ ଉପକାରୀ ହୋଇଥାଏ। ଏଥିପାଇଁ ଅନେକ ନଡ଼ିଆ ତେଲରେ ମେଥି, ଭୃସଙ୍ଗ ପତ୍ର ପକାଇ ଲଗାଇଥାନ୍ତି। ଏହାଦ୍ୱାରା କେଶ ଘନ କଳା ଓ ମଜଭୂତ ହୋଇଥାଏ। ଚାହିଁଲେ ନଡ଼ିଆ ତେଲରେ କର୍ପୂର ମିଶାଇ ଲଗାଇପାରିବେ। ଏହା ଦ୍ୱାରା କେଶ ସମସ୍ୟା ଦୂର ହୋଇଥାଏ।



- ଗୋଟିଏ ଛୋଟ ପାତ୍ରରେ ଅଧା କପ୍ ତେଲ ନେଇ ସେଥିରେ ଗୋଟିଏ କର୍ପୂର ମିଶାଇ ତେଲକୁ ଅଳ୍ପ ଉଷୁମ କରନ୍ତୁ। ତେଲ ଥଣ୍ଡା ହୋଇଗଲେ ଏହାକୁ ଏକ ବୋତଲରେ ରଖି ଷ୍ଟୋର କରନ୍ତୁ। ଏହା କେଶରେ ଚମକ ଆଣିଥାଏ।
- ନିୟମିତ କେଶରେ ନଡ଼ିଆ ତେଲ କର୍ପୂର ଲଗାଇଲେ ଏହା କେଶ ବୃଦ୍ଧିରେ ସହାୟକ ହୁଏ। ଏଥିସହ କେଶ ଘନ ଓ କଳା ହୋଇଥାଏ।
- ସେହିପରି କେଶରେ ରୂପି ସମସ୍ୟା ଥିଲେ, ଏହି ତେଲ ଲଗାଇପାରିବେ। ଏହା କେଶରୁ ରୂପି ସମସ୍ୟା ଦୂର କରିଥାଏ।
- କେଶର ପ୍ରାକୃତିକ ଚମକବୃଦ୍ଧି କରିବା ସହ ରୁକ୍ଷକେଶକୁ ମଜଭୂତ କରିବାକୁ ଚାହୁଁଥିଲେ, ଏହି ତେଲ ଲଗାଇପାରିବେ।

# ବର୍ଷାଦିନେ କପଡ଼ାରୁ ଦୁର୍ଗନ୍ଧ ଆସୁଥିଲେ

ସାଧାରଣତଃ ବର୍ଷା ହେଲେ ଆଶ୍ୱସ୍ତି ମିଳିଥାଏ। କିନ୍ତୁ ଲଗାତାର ବର୍ଷା ଲାଗି ରହିଲେ, ଲୁଗାପଟା ଶୁଖିବା ଏ ଦିନେ ମୁଖ୍ୟ ସମସ୍ୟା ପାଲଟିଥାଏ। କାରଣ ବର୍ଷାଦିନେ ପାଗ ଓଦା ଥିବାରୁ ଲୁଗାପଟା ଭଲରେ ଶୁଖିପାରେ ନାହିଁ। ଫଳରେ ସେଥିରୁ ଦୁର୍ଗନ୍ଧ ବାହାରି ଥାଏ। ତେଣୁ ବର୍ଷାଦିନେ କିଛି ଘରୋଇ ଉପାୟ ଆପଣାଇ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

### ବେକିଂ ସୋଡ଼ା, ଭିନେଗାର୍

ଲୁଗାପଟା ଧୋଇବା ସମୟରେ ଏକ ବାଲ୍‌ଟିରେ ସର୍ଫ ନେଇ ସେଥିରେ ଏକ ଚାମଚ ବେକିଂସୋଡ଼ା, ଅଳ୍ପ ଭିନେଗାର ଢାଳନ୍ତୁ। ଏହା କପଡ଼ାରୁ ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ। ଏଥିସହ କପଡ଼ାକୁ ସତେଜ ରଖିଥାଏ।

### ଭଲରେ ଶୁଖାନ୍ତୁ କପଡ଼ା


ଅନେକ ସମୟରେ ଲୋକମାନେ କାର୍ଯ୍ୟ ବ୍ୟସ୍ତତା ଯୋଗୁ ଅଧା ଶୁଖିଥିବା ଲୁଗାପଟାକୁ ଆଣି ଘରେ ରଖି ଦିଅନ୍ତି। ଫଳରେ ଏଥିରୁ ଦୁର୍ଗନ୍ଧ ବାହାରିଥାଏ। ତେଣୁ କପଡ଼ା ସମ୍ପୂର୍ଣ୍ଣ ଶୁଖିଯିବା ପରେ ଏହାକୁ ଭାଙ୍ଗି ରଖିବା ଆବଶ୍ୟକ।

### ଖରାରେ ଶୁଖାନ୍ତୁ

ସାଧାରଣତଃ ବର୍ଷାଦିନେ ଖରା ଅଳ୍ପ ସମୟ ପାଇଁ ହୋଇଥାଏ। ଏଣୁ ଖରାହେବା ମାତ୍ରେ ଘରେ ଥିବା ଲୁଗାପଟାକୁ କିଛି ସମୟ ପାଇଁ ଖରାରେ ଶୁଖାଇ ଦିଅନ୍ତୁ। ଏହାଦ୍ୱାରା କପଡ଼ାରୁ ଦୁର୍ଗନ୍ଧ ଦୂର ହୋଇଥାଏ।

### ଆଣ୍ଟି ବ୍ୟାକ୍ଟେରିଆଲ୍ ଫ୍ୟାବ୍ରିକ୍ ସ୍ପ୍ରେ

ବାରମ୍ବାର କପଡ଼ା ଧୋଇବାରେ ସମସ୍ୟା ହେଉଥିଲେ, ବଜାରରେ ମିଳୁଥିବା ଆଣ୍ଟି ବ୍ୟାକ୍ଟେରିଆଲ୍ ଫ୍ୟାବ୍ରିକ୍ ସ୍ପ୍ରେ ବ୍ୟବହାର କରିପାରିବେ। ଏହା କପଡ଼ାରେ ଦୁର୍ଗନ୍ଧ କିଟାଣୁକୁ ଦୂର କରିଥାଏ।



# ମୋ ହାଣ୍ଡିଶାଳରୁ...

## ପୋଟଳ ପକୁଡ଼ି ତରକାରୀ



### ଆବଶ୍ୟକ ସାମଗ୍ରୀ

ବଡୁରା ବୁଟ ଡାଲି – ଏକ କପ୍, ପୋଟଳ – ପାଞ୍ଚ-ସାତୋଟି, ଆଳୁ- ତିନିଗୋଟି, କଟା ପିଆଜ – ଏକ କପ୍, ଟମାଟୋ– ଗୋଟିଏ, ଅଦା ରସୁଣ ପେଷ୍ଟ – ଏକ ଚାମଚ, ଭୃସଙ୍ଗ ପତ୍ର – ଦୁଇ ପାଖୁଡ଼ା, ହଳଦୀଗୁଣ୍ଡ, - ଏକ ଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଜୀରା ଗୁଣ୍ଡ – ଏକ ଚାମଚ, ଡାଲଚିନି – ଖଣ୍ଡେ, ଗୋଟା ଧନିଆ – ଏକ ଚାମଚ, କସୁରୀ ମେଥି – ଅଳ୍ପ, ଦହି – ଦୁଇ ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ବଡୁରା ବୁଟଡାଲିକୁ ପାଣିରୁ ଛାଣି ଜାର୍‌ରେ ଦେଇ ସେଥିରେ କଞ୍ଚାଲଙ୍କା, ରସୁଣ ପାଖୁଡ଼ା ପକାଇ ଗ୍ରାଇଣ୍ଡିଂ କରନ୍ତୁ। ଏହାକୁ ଗୋଟିଏ ପାତ୍ରରେ କାଢ଼ି ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ, ଜୀରାଗୁଣ୍ଡ, ଭୃସଙ୍ଗ ପତ୍ର ଲୁଣ ଦେଇ ଗୋଳାଇ ଦିଅନ୍ତୁ। ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଗଲେ ବୁଟଡାଲି ବଟାକୁ ଛୋଟ ଗୁଳା କରି ପକୁଡ଼ି ଭଳି ଛାଣି ଏକ ପ୍ଲେଟ୍‌ରେ ରଖନ୍ତୁ। ଏହାପରେ ଆଉ ଏକ କଡ଼େଇରେ ଅଳ୍ପ ତେଲ ଦେଇ ସେଥିରେ ଆଳୁ ପୋଟଳ ଭାଜନ୍ତୁ। ନାଲି ହୋଇଗଲେ ଏହାକୁ ପ୍ଲେଟ୍‌ରେ କାଢ଼ି ରଖନ୍ତୁ। ବଳକା ତେଲରେ ଅଳ୍ପ ଜିରା, ଡାଲଚିନି, କଟା ପିଆଜ ପକାଇ ଭାଜନ୍ତୁ। ଏହାପରେ ଅଦା ରସୁଣ ପେଷ୍ଟ, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ ଦିଅନ୍ତୁ। ଏହାପରେ ଦହି ଦେଇ ମସଲାକୁ ଏପାଖ ସେପାଖ କରନ୍ତୁ। ଅଳ୍ପ ପାଣି ଦେଇ ପାଞ୍ଚମିନିଟ୍ କଷି ଭାଜି ରଖିଥିବା ପୋଟଳ ଆଳୁ ଦିଅନ୍ତୁ। ପିଠାଖଡ଼ିକାରେ ଏପାଖସେପାଖ କରି ଢାଙ୍କୁଣି ଘୋଡ଼ାନ୍ତୁ। ପୋଟଳ ଆଳୁ ସିଝିଗଲା ପରେ ସେଥିରେ ଛାଣି ରଖିଥିବା ପକୁଡ଼ି ଦେଇ ଗରମ ମସଲା ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ପୋଟଳ ପକୁଡ଼ି ତରକାରୀ'।



# କ୍ରୀଡ଼ା




ସକାଳ
THE SAKALA
www.sakalaepaper.com

● ପୁରୁଷ ୧୦୦ ମିଟର ରେସ୍

## ଥମ୍ପସନଙ୍କ ନାମରେ ଦଶନ୍ଧିର ଶ୍ରେଷ୍ଠ ଟାଇମିଂ

କିଙ୍ଗସଟନ, ୨୮ ।୬ (ଏଜେନ୍ସି): ବିଶ୍ୱ ଚାମ୍ପିଅନସିପ୍‌କୁ ଆଉ ୭୫ ଦିନ ବାକିଥିବାବେଳେ ଜାମାଇକା ସ୍ପ୍ରିଣ୍ଟର କିଶାନେ ଥମ୍ପସନ ପୁରୁଷ ୧୦୦ ମିଟରରେ ଦଶନ୍ଧିର ଶ୍ରେଷ୍ଠ ଟାଇମିଂ ହାସଲ କରିଛନ୍ତି। ଶୁକ୍ରବାର ରାତିରେ ଏଠାରେ ଅନୁଷ୍ଠିତ ଜାମାଇକାନ ଚାମ୍ପିଅନସିପ୍‌ରେ ୧୦୦ ମିଟର ରେସକୁ ଥମ୍ପସନ ୯.୭୫ ସେକେଣ୍ଡରେ ଫିନିଶ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ୟାରିସ ଅଲିମ୍ପିକ ରୌପ୍ୟ ପଦକ ବିଜେତା ଥମ୍ପସନଙ୍କ ଏହା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ ହୋଇଛି। ଏଥିସହ ପୁରୁଷ ୧୦୦ ମିଟର ରେସ୍ ଇତିହାସରେ ଏହା ୬ଷ୍ଠ ଶ୍ରେଷ୍ଠ ଟାଇମିଂ ହୋଇଛି। ପୁରୁଷ ୧୦୦ ମିଟର ରେସ୍‌ରେ ବିଶ୍ୱର ଶ୍ରେଷ୍ଠ ଟାଇମିଂ ଜାମାଇକାର ଉସେନ ବୋଲ୍ଟ (୯.୫୮ ସେକେଣ୍ଡ)ଙ୍କ ନାମରେ ରହିଛି। ସେହିଭଳି ବିଶ୍ୱ ଆଥ୍‌ଲେଟିକ୍ସ ପକ୍ଷରୁ ମଧ୍ୟ ଏହାକୁ ୨୦୧୫ ପରେ ଶ୍ରେଷ୍ଠ ଟାଇମିଂ ବୋଲି କୁହାଯାଇଛି।




● ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ

## ମହିଳା ଦଳର ୭ମ ପରାଜୟ

ବର୍ଲିନ, ୨୮ ।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ୍ ଲେଗ୍ (ଚରଣ)ରେ ଭାରତୀୟ ମହିଳା ହକି ଦଳ କ୍ରମାଗତ ୭ମ ପରାଜୟବରଣ କରିଛି। ଶନିବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୦-୩ ଗୋଲ୍‌ରେ ଚାଇନା ମହିଳା ଦଳ ନିକଟରୁ ପରାସ୍ତ ହୋଇଥିଲା। ଫଳରେ ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବର୍ତ୍ତମାନ ସୁଦ୍ଧା ପ୍ରୋ ଲିଗ୍‌ରେ ୧୫ ମ୍ୟାଚ୍ ଖେଳି ୧୦ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ଭାରତ ଏହାର ଶେଷ ମ୍ୟାଚ୍‌ରେ ପୁଣିଥରେ ଚାଇନା ସହ ରବିବାର ଖେଳିବ। ଏହି ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ଆସନ୍ତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ସିଜନରୁ ଭାରତୀୟ ମହିଳା ଦଳ ବାଦ୍ ପଡ଼ିବା ସମ୍ଭାବନା ସୃଷ୍ଟି ହୋଇଛି।

● ଦ.ଆଫ୍ରିକା-ଜିମ୍ବାୱେ ପ୍ରଥମ ଟେଷ୍ଟ

## ପ୍ରିଟୋରିଅସ, ବୋଶ୍‌ଙ୍କ ଶତକ

ବୁଲାୱେ,୨୮।୬ (ଏଜେନ୍ସି): ଦୀର୍ଘ ୧୧ ବର୍ଷ ପରେ ଦକ୍ଷିଣ ଆଫ୍ରିକା ସହ ଟେଷ୍ଟ ମୁକାବିଲା କରିଛି ଜିମ୍ବାୱେ। ଏହି ଟେଷ୍ଟର ପ୍ରଥମ ଦିନରେ ଡେବ୍ୟୁଟାଣ୍ଟ ଲୁହାନ-ଡ୍ରେ ପ୍ରିଟୋରିଅସ ଓ କର୍ବିନ ବୋଶ୍ ଶତକ ହାସଲ କରିଛନ୍ତି। ୧୯ ବର୍ଷୀୟ ଯୁବ ଖେଳାଳି ପ୍ରିଟୋରିୟସ ୧୫୩ ଓ ୩୦ ବର୍ଷରେ ତୃତୀୟ ଟେଷ୍ଟ ଖେଳୁଥିବା ବୋଶ୍ ଅପରାଜିତ ୧୦୦ ରନ୍ କରିଛନ୍ତି। ଏହା ଫଳରେ ପ୍ରଥମ ଦିନ ଖେଳ ଶେଷବେଳକୁ ଦକ୍ଷିଣ ଆଫ୍ରିକା ୯ ୱିକେଟରେ ୪୧୮ ରନ୍ କରିଛି। ଅନ୍ୟମାନଙ୍କ ମଧ୍ୟରେ ଡିୱାଲ୍ଡ ବ୍ରେଭିସ୍ ଡେବ୍ୟୁ କରିଥିଲାବେଳେ ୫୧ ଓ ଅନ୍ୟତମ ଡେବ୍ୟୁଟାଣ୍ଟ କୋଡି ୟୁସୁଫ୍ ୨୭ ରନ୍‌ର ଯୋଗଦାନ ଦେଇଛନ୍ତି। ଜିମ୍ବାୱେ ପକ୍ଷରୁ ତାନକା ଚିଭାଙ୍ଗା ୪ଟି ଓ ବ୍ଲେସିଂ ମୁଜରବାନି ୨ଟି ୱିକେଟ ପାଇଛନ୍ତି। ତେମ୍ବା ବଭୁମାଙ୍କ ଅନୁପସ୍ଥିତିରେ କେଶବ ମହାରାଜ ଦଳର ନେତୃତ୍ୱ ନେଉଛନ୍ତି। ମହାରାଜ ଏକମାତ୍ର ଖେଳାଳି ଭାବେ ଜିମ୍ବାୱେ ସହ ୧୧ ବର୍ଷ ତଳେ ଖେଳାଯାଇଥି ଟେଷ୍ଟ ମ୍ୟାଚ୍ ମହାରାଜ ଖେଳିଥିଲେ।

## ଲକ୍ଷ୍ମୀପ୍ରିୟା ୨ୟ, ଦୟାନିଧି ୩ୟ

ଭୁବନେଶ୍ୱର, ୨୮ ।୬ (ସମିସ): ବେଙ୍ଗାଲୁରୁର କାନ୍ତିରଭା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ସ ମିଟ୍‌ରେ ଦୁଇ ଓଡ଼ିଆ କ୍ରୀଡ଼ାବିତ୍ ଲକ୍ଷ୍ମୀପ୍ରିୟା କିସାନ ଓ ଦୟାନିଧି ମୁଣ୍ଡା ପୋଡିୟମ ଫିନିଶ୍ କରିବାରେ ସଫଳ ହୋଇଛନ୍ତି। ମହିଳା ୮୦୦ ମିଟର ରେସ୍‌ରେ ଲକ୍ଷ୍ମୀପ୍ରିୟା ୨ ମିନିଟ୍ ୧୦.୨୪ ସେକେଣ୍ଡରେ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ଜିତିଥିଲେ। ଆଇଓସିଏଲ୍‌ର ହୁଇଡ୍ରୋମ ଭୁବନେଶ୍ୱର (୨:୦୯.୩୦) ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ଦୟାନିଧି ପୁରୁଷ ୮୦୦ ମିଟରରେ ତୃତୀୟ ସ୍ଥାନ ହାସଲ କରିଥିଲେ। ସେ ଏହି ଦୂରତାକୁ ଅତିକ୍ରମ କରିବାକୁ ସେ ୧ ମିନିଟ୍ ୫୦.୪୮ ସେକେଣ୍ଡ ସମୟ ନେଇଥିଲେ। ଉଭୟ ଲକ୍ଷ୍ମୀପ୍ରିୟା ଓ ଦୟାନିଧି ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ୍ସ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।

ଭାରତୀୟ କ୍ରିକେଟ ଦଳର ଜୋରଦାର୍ ଅଭ୍ୟାସ

# ଦ୍ୱିତୀୟ ଟେଷ୍ଟରେ ବୁମ୍‌ରା ଖେଳିବା ନେଇ ସନ୍ଦେହ

ଏଜ୍‌ବାଷ୍ଟନ, ୨୮ ।୬ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏଠାରେ ଜୁଲାଇ ୨ରୁ ଆରମ୍ଭ ହେବ। ହେଡିଂଲେରେ ପ୍ରଥମ ଟେଷ୍ଟ ହାରିବା ପରେ ଗତକାଲିଠାରୁ ଭାରତୀୟ ଦଳ ଜୋରଦାର ଅଭ୍ୟାସ ଆରମ୍ଭ କରିଛି। ବିଶେଷ କରି ଦଳ ପ୍ରଥମ ଦୁଇ ଦିନ ଅଭ୍ୟାସରେ ବୋଲିଂ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଦଳର ଲକ୍ଷ୍ୟ ରହିଛି ଦ୍ୱିତୀୟ ଟେଷ୍ଟ ଜିତି ସିରିଜ୍‌କୁ ବରାବର ସ୍ଥିତି ଆଣିବା। ଏଥିଲାଗି ଦଳର ସମସ୍ତ ଖେଳାଳି ଦୁଇ ଦିନରେ ଭଲ ଅଭ୍ୟାସ କରିଛନ୍ତି। ପ୍ରଥମ ଦିନରେ ଦଳର ପ୍ରମୁଖ ବୋଲର ଅଭ୍ୟାସ କରି ନ ଥିଲେ। ଯଶପ୍ରୀତ୍ ବୁମ୍‌ରା ପଡ଼ିଆକୁ ଆସି ନ ଥିଲେ। କିନ୍ତୁ ଶନିବାର ଦ୍ୱିତୀୟ ଦିନରେ ସମସ୍ତ ପ୍ରମୁଖ ବୋଲର ଦୀର୍ଘ ସମୟ ଧରି ବୋଲିଂ କରିଥିଲେ। ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଅଭ୍ୟାସ କରିଥିଲେ। ପ୍ରଥମ ଦିନରେ ସିରାଜ ବ୍ୟାଟିଂ ଅଭ୍ୟାସ କରିଥିଲାବେଳେ ଅର୍ଶଦୀପ ସିଂ ଓ ଆକାଶ ଦୀପ୍ ଦୀର୍ଘ ସମୟ ଧରି ବୋଲିଂ ଅଭ୍ୟାସ କରିଥିଲେ। ଦ୍ୱିତୀୟ ଦିନରେ ପ୍ରମୁଖ ବୋଲର ବୋଲିଂ କରିବା ଫଳରେ ସମର୍ଥକ ଓ ମ୍ୟାନେଜ୍‌ମେଣ୍ଟ ନୂଆ ଉତ୍ସାହ ପାଇଛି।



ଶନିବାର ପ୍ରଥମେ ସମସ୍ତ ଖେଳାଳି ଶାରିରୀକ ଅଭ୍ୟାସ କରିବା ପରେ ବ୍ୟାଟିଂ ଓ ବୋଲିଂ କରିଥିଲେ। ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିଲେ ପ୍ରଥମ ଟେଷ୍ଟର ନଂ-୩ ବ୍ୟାଟର ତଥା ଡେବ୍ୟୁଟାଣ୍ଟ ସାଇ ସୁଦର୍ଶନ। କିନ୍ତୁ ଦଳର ପ୍ରମୁଖ ବ୍ୟାଟର ତଥା ଅଧିନାୟକ ଶୁବମନ ଗିଲ୍, ଉପଅଧିନାୟକ ଋଷଭ ପନ୍ତ, ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଆଜି ବ୍ୟାଟିଂ କରିବାକୁ ଆସି ନ ଥିଲେ। ଏମାନେ ସମସ୍ତେ ପ୍ରଥମ ଟେଷ୍ଟରେ ଶତକ ହାସଲ କରିଥିଲେ ଓ ପ୍ରଥମ ଦିନ ଦୀର୍ଘଦିନ ଧରି ଅଭ୍ୟାସ କରିଥିଲେ। ଏମାନଙ୍କ ମଧ୍ୟରେ ପନ୍ତ ସବୁଠାରୁ ଅଧିକ ସମୟ ଅଭ୍ୟାସ କରିଥିଲେ। ବୁମରା ଅଭ୍ୟାସ କରିବାକୁ ଆସିବା ଭାରତ ଲାଗି ଉତ୍ସାହଜନକ ଖବର। କିନ୍ତୁ ଦ୍ୱିତୀୟ ଟେଷ୍ଟରେ ତାଙ୍କର ଖେଳିବା ନେଇ ସନ୍ଦେହ ରହିଛି। ଏହି ୩୧ ବର୍ଷୀୟ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ପ୍ରଥମ ଟେଷ୍ଟରେ ୪୪ ଓଭର ବୋଲିଂ କରିଥିଲେ। ସିରିଜ୍ ଆରମ୍ଭ ପୂର୍ବରୁ ବୁମ୍‌ରା ୫ଟି ମଧ୍ୟରୁ ୩ଟି ଟେଷ୍ଟ ଖେଳିବେ ବୋଲି ହେଡ୍ କୋଚ୍ ଗୌତମ ଗମ୍ଭୀର କହିଥିଲେ। ତାଙ୍କ କଥାକୁ ଗୁରୁତ୍ୱ ଦେଲେ ୱାର୍କଲୋଡ୍ ଅନୁଯାୟୀ ବୁମ୍‌ରା ଦ୍ୱିତୀୟ ଟେଷ୍ଟ ଖେଳିବେ ନାହିଁ। ଏହି ସମୟରେ ବୁମ୍‌ରା ତାଙ୍କ ବକ୍ତବ୍ୟକୁ ବଦଳାଇ ଦେଇଥିଲେ। ସେ କହିଥିଲେ ବୁମ୍‌ରା ଚାହିଁଲେ ଓ ତାଙ୍କ ଶରୀର ଫିଟ୍ ରହିଲେ ସେ କ୍ରମାଗତ ଟେଷ୍ଟ ଖେଳିପାରନ୍ତି, କିମ୍ବା ବିଶ୍ରାମ ନେଇପାରନ୍ତି। ପ୍ରଥମ ଟେଷ୍ଟ ହାରିବା ପରେ ଭାରତୀୟ ଦଳ କିଛି ରିସ୍କ ନେବାକୁ ଚାହିଁବ ନାହିଁ। ତାହା ନୁହେଁ ଯେ ଦଳରେ ବିରାଟ ପରିବର୍ତ୍ତନ ହେବ। ତାହା ମଧ୍ୟରେ ବୁମ୍‌ରା ଖେଳିବେ କି ନାହିଁ ସନ୍ଦେହ ରହିବା ସ୍ୱାଭାବିକ୍। ସିରିଜ୍‌ରେ ସ୍ଥିତି ଯାହା ଥାଉନା କାହିଁକି ବୁମ୍‌ରାଙ୍କ ଶରୀର ଖେଳିବା ଲାଗି ଫିଟ୍ ନ ରହିଲେ ସେ ଖେଳିବେ ନାହିଁ ବୋଲି ଗମ୍ଭୀର କହିଛନ୍ତି।

ପ୍ରଥମ ଟେଷ୍ଟରେ ବୋଲିଂ ଯେପରି ପ୍ରଭାବହୀନ ହୋଇଥିଲା, ତା’ଠାରୁ ଅଧିକ ଦୟନୀୟ ହୋଇଥିଲା ଫିଲ୍ଡିଂ। ପ୍ରଥମେ ଓ ଶେଷରେ ଖେଳାଳିମାନେ ଫିଲ୍ଡିଂ ଅଭ୍ୟାସ କରିଥିଲେ। ପ୍ରଥମ ଟେଷ୍ଟରେ ଭାରତ ପ୍ରାୟ ୧୦ଟି କ୍ୟାଚ୍ ହାତଛଡ଼ା କରିଥିଲାବେଳେ ଏହାକୁ ନ ଦୋହରାଇବା ଲାଗି ଭାରତୀୟ ଫିଲ୍ଡରମାନେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ନୂଆ ଟିମ୍, ନୂଆ ପୋଜିସନରେ ଖାପ୍ ଖୁଆଇବାକୁ ସମୟ ଲାଗିବ ବୋଲି ଗମ୍ଭୀର କହିଛନ୍ତି।

## ଟି-୨୦ରେ ମନ୍ଧାନାଙ୍କ ପ୍ରଥମ ଶତକ

ନଟିଂହାମ, ୨୮ ।୬ (ଏଜେନ୍ସି): ମହିଳା ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ଦ୍ୱିତୀୟ ଭାରତୀୟ ଭାବେ ସ୍ମୃତି ମନ୍ଧାନା ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଶନିବାର ଏଠାରେ ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚ୍ ଅବସରରେ ମନ୍ଧାନା ୧୧୨ ରନର ଦ୍ରୁତ ଶତକୀୟ ପାଳି ଖେଳିଥିଲେ। ଟି-୨୦ କ୍ରିକେଟ୍‌ରେ ମନ୍ଧାନାଙ୍କ ଏହା ପ୍ରଥମ ଶତକ ଥିଲା। ପୂର୍ବରୁ ପ୍ରଥମ ଭାରତୀୟ ମହିଳା କ୍ରିକେଟର୍ ଭାବେ ଅଧିନାୟିକା ହରମନପ୍ରୀତ୍ କୌର ଟି-୨୦ରେ ଶତକ ହାସଲ କରିବାର କୀର୍ତ୍ତିମାନ କରିଥିଲେ। ୨୦୧୮ରେ ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ୫୧ ବଲରେ ୧୦୩ ରନର ଏହି ମାରାଥନ ଇନିଂସ ଖେଳିଥିଲେ।




ଶନିବାର ଟ୍ରେଣ୍ଟ ବ୍ରିଜ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ଘରୋଇ ଇଂଲଣ୍ଡ ଦଳର ଅଧିନାୟିକା ନାଟାଲୀ ସ୍କିଭର ବ୍ରଣ୍ଟ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପାଇଁ ଦୁଇ ଓପନର୍ ଶେଫାଳି ବର୍ମା ଓ ମନ୍ଧାନା ଦମ୍‌ଦାର ଆରମ୍ଭ କରିଥିଲେ। ଓପନିଂ ୱିକେଟ୍‌ରେ ଉଭୟ ୫୧ ବଲ୍‌ରେ ୭୭ ରନ ସଂଗ୍ରହ କରିଥିଲେ। ତେବେ ୨୨ ବଲ୍ ଖେଳିଥିବା ଶେଫାଳି ୨୦ ରନ କରି ଆଉଟ୍ ହୋଇଥିଲେ। ଏହାପରେ ହର୍ଲିନ ଦେଓଲ୍‌ଙ୍କୁ ସାଥୀ କରି ମନ୍ଧାନା ନିଜ ଇନିଂସ ସହ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଏହିକ୍ରମରେ ମନ୍ଧାନା ୫୧ ବଲ୍‌ରେ ତାଙ୍କ କ୍ୟାରିୟରର ପ୍ରଥମ ଟି-୨୦ ଶତକ ହାସଲ କରିଥିଲେ। ତାଙ୍କର ଏହି ଦମ୍‌ଦାର ବିସ୍ଫୋରକ ପାଳି ବଳରେ ଭାରତ ୨୦ ଓଭରରେ ୫ ୱିକେଟ୍ ହରାଇ ୨୧୦ ରନ କରିଥିଲା। ମନ୍ଧାନା ୬୨ ବଲ୍ ଖେଳି ୧୫ ଚୌକା ଓ ୩ ଛକା ସହାୟତାରେ ୧୧୨ ରନ କରି ସୋଫି ଏକ୍‌ଲେଷ୍ଟୋନଙ୍କ ବଲରେ ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହର୍ଲିନ ଦେଓଲ ୪୩, ରିଚା ଘୋଷ ୧୨ ରନ କରିଥିବାବେଳେ ଅମନଜୋତ୍ କୌର ୩ ଓ ଦୀପ୍ତି ଶର୍ମା ୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଘରୋଇ ଇଂଲଣ୍ଡ ପାଇଁ ଲୌରେନ ବେଲ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ।

● ଏଫ୍‌ଆଇଏଚ୍ କନିଷ୍ଠ ପୁରୁଷ ବିଶ୍ୱକପ୍

## ଗୋଟିଏ ଗ୍ରୁପ୍‌ରେ ଭାରତ-ପାକିସ୍ତାନ




ଚେନ୍ନାଇ,୨୮ ।୬ (ଏଜେନ୍ସି): ଏଫ୍‌ଆଇଏଚ୍ କନିଷ୍ଠ ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ନଭେମ୍ବର ୨୮ରୁ ଚେନ୍ନାଇରେ ଆରମ୍ଭ ହେବ। ଏଥିଲାଗି ବିଶ୍ୱକପ୍‌ର ଡ୍ର ଉଠାଣ କାର୍ଯ୍ୟକ୍ରମ ଶନିବାର ସୁଇଜରଲାଣ୍ଡର ଲାଇସାନେଠାରେ ଥିବା ବିଶ୍ୱ ହକିର ସର୍ବୋଚ୍ଚ ସଂସ୍ଥା ଏଫ୍‌ଆଇଏଚ୍‌ର ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୋଜକ ଭାରତ ଓ ଚିରପ୍ରତିଦ୍ୱନ୍ଦୀ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଦୁଇଥରର ବିଶ୍ୱକପ୍ ବିଜେତା ଭାରତ ସମେତ ପାକିସ୍ତାନ, ସୁଇଜରଲାଣ୍ଡ ଓ ଚିଲି ଗ୍ରୁପ୍-ବି’ରେ ରହିଛନ୍ତି। ଏହି ବିଶ୍ୱକପ୍‌ରେ ୨୪ଟି ଦଳ ଅଂଶଗ୍ରହଣ କରୁଥିବାବେଳେ ୬ଟି ଗ୍ରୁପ୍‌ରେ ସେମାନଙ୍କୁ ବିଭକ୍ତ କରାଯାଇଛି। ଡିଫେଣ୍ଡିଂ ତଥା ସର୍ବାଧିକ ୭ଥରର ଚାମ୍ପିଅନ ଜର୍ମାନୀ ଗ୍ରୁପ୍-ଏ’ରେ ଦକ୍ଷିଣ ଆଫ୍ରିକା, କାନାଡା ଓ ଆୟର୍ଲାଣ୍ଡ ସହ ସ୍ଥାନ ପାଇଛି। ପ୍ରଥମଥର ଲାଗି କନିଷ୍ଠ ପୁରୁଷ ହକି ବିଶ୍ୱକପ୍‌ରେ ୨୪ ଦଳ ଅଂଶଗ୍ରହଣ କରିବେ। ତାମିଲନାଡୁର ଚେନ୍ନାଇ ଓ ମଦୁରାଇରେ ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍ ଖେଳାଯିବ। ଶନିବାର ଡ୍ର ଉଠାଣ କାର୍ଯ୍ୟକ୍ରମରେ ଏଫ୍‌ଆଇଏଚ୍ ସଭାପତି ତୟାବ ଇକ୍ରାମ, ହକି ଇଣ୍ଡିଆ ସମ୍ପାଦକ ଭୋଲାନାଥ ସିଂ, ନିର୍ଦ୍ଦେଶକ ଆର୍‌କେ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ, ଭାରତ ଦୁଇଥର (୨୦୦୧ ଓ ୨୦୧୬) କନିଷ୍ଠ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛି। ଏଥର ବିଜୟୀ

### କେଉଁ ଗ୍ରୁପ୍‌ରେ କିଏ

| | |
|---|---|
| ଗ୍ରୁପ୍-ଏ | : ଜର୍ମାନୀ, ଦକ୍ଷିଣ ଆଫ୍ରିକା, କାନାଡା, ଆୟର୍ଲାଣ୍ଡ |
| ଗ୍ରୁପ୍-ବି | : ଭାରତ, ପାକିସ୍ତାନ, ଚିଲି, ସୁଇଜରଲାଣ୍ଡ |
| ଗ୍ରୁପ୍-ସି | : ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଜାପାନ, ଚାଇନା |
| ଗ୍ରୁପ୍-ଡି | : ସ୍ପେନ, ବେଲ୍‌ଜିୟମ, ଇଜିପ୍ଟ, ନାମ୍ବିଆ |
| ଗ୍ରୁପ୍-ଇ | : ନେଦରଲାଣ୍ଡସ, ମାଲେସିଆ, ଇଂଲଣ୍ଡ, ଅଷ୍ଟ୍ରିଆ |
| ଗ୍ରୁପ୍-ଏଫ୍ | : ଫ୍ରାନ୍ସ, ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ, ବାଂଲାଦେଶ |

ପାୱାର ଗ୍ରୀଡ୍ ଆନ୍ତଃକ୍ଷେତ୍ରୀୟ ଚେସ୍

## କମଲେଶ, କଳ୍ପେଶଙ୍କୁ ଟାଇଟଲ

ଭୁବନେଶ୍ୱର, ୨୮।୬ (ସମିସ): ଏଠାରେ ଚାଲିଥିବା ପାୱାର ଗ୍ରୀଡ୍ ଆନ୍ତଃକ୍ଷେତ୍ରୀୟ ଚେସ୍ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଗୁଡ୍‌ଗାଓଁସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟର ମକଲେଶ ଭୋରାନି ଓ ପଶ୍ଚିମାଞ୍ଚଳର କଳ୍ପେଶ ରବୀନ୍ଦ୍ର କୋଟୱାଲ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଟାଇଟଲ ବିଜୟୀ ହୋଇଛନ୍ତି। ମହିଳା ବିଭାଗରେ ହିମାଂଶି ଓ ସାହିସ୍ତା ହନିଫ୍ ଓ ପୁରୁଷ ବିଭାଗରେ ଉତ୍ତରାଞ୍ଚଳର ଗୌରବ କୁମାର ଓ ଦକ୍ଷିଣାଞ୍ଚଳର ହରିକ୍ରିଷ୍ଣା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ପାୱାର ଗ୍ରୀଡ୍ (ପାୱାର ପ୍ରୋଜେକ୍ଟ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁନୀତା ଚୌହାନ, ମହାପ୍ରବନ୍ଧକ (ମାନବ ସମ୍ବଳ) ଅଜିତ ପଣ୍ଡା ଓ ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ସନ୍ତୋଷ ମହାପାତ୍ର ଆଦି ଖେଳ ପରିଚାଳନା କରିଥିଲେ।




# ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆର ସହଜ ବିଜୟ

ବାର୍ବାଡସ୍, ୨୮ ।୬ (ଏଜେନ୍ସି)

ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ସ୍ଥାନୀୟ କେନିଙ୍ଗଟନ୍ ଓଭାଲ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୧୫୯ ରନର ବଡ଼ ବ୍ୟବଧାନରେ ପରାସ୍ତ ହୋଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୩୦୧ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ୩ୟ ଦିବସରେ ଦ୍ୱିତୀୟ ପାଳିରେ ୧୪୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦ୍ୱିତୀୟ ପାଳିରେ ୱେଷ୍ଟଇଣ୍ଡିଜ ବ୍ୟାଟର୍ ମାତ୍ର ୩୩.୪ ଓଭର ଖେଳିବାକୁ ସମର୍ଥ ହୋଇଥିଲେ। ଦଳ ପକ୍ଷରୁ ବ୍ୟାଟିଂକ୍ରମର ୧୦ମ ସ୍ଥାନରେ ଆସିଥିବା ସାମରା ଜୋଶେଫ୍ ୨୨ ବଲରେ ୪ ଚୌକା ଓ ୪ ଛକା ସହାୟତାରେ ୪୪ ରନର ଦ୍ରୁତ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟନ ଗ୍ରେଭସ ଅପରାଜିତ ୩୮, ଜନ କ୍ୟାମ୍ପବେଲ୍ ୨୩ ଓ କେସି କାର୍ଟି ୨୦ ରନର ପାଳି ଖେଳିଥିଲେ। ଅନ୍ୟ ୭ଜଣ ଇଣ୍ଡିଜ ବ୍ୟାଟର୍ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ୍ ହାଜଲେଉଡ୍ ସର୍ବାଧିକ ୫, ନାଥନ ଲାୟନ ୨ ଏବଂ ମିଚେଲ ଷ୍ଟାର୍କ ଓ ଅଧିନାୟକ ପ୍ୟାଟ୍ କମିନ୍ସ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ।

**୧୫୯ ରନରେ ହାରିଲା ୱେଷ୍ଟଇଣ୍ଡିଜ**




ପୂର୍ବରୁ ପ୍ରଥମ ପାଳିରେ ଅଷ୍ଟ୍ରେଲିଆ ୧୮୦ ରନ କରିଥିବାବେଳେ ୱେଷ୍ଟଇଣ୍ଡିଜ ୧୯୦ ରନ କରି ୧୦ ରନରେ ଅଗ୍ରଣୀ ରହିଥିଲା। ଏହାପରେ ଅଷ୍ଟ୍ରେଲିଆ ୩୧୦ ରନ କରିବାକୁ ସମର୍ଥ ହୋଇଥିଲା। ପ୍ରଥମ ପାଳିରେ ୫୯ ଓ ୨ୟ ପାଳିରେ ୬୧ ରନ କରିଥିବା ଟ୍ରାଭିସ୍ ହେଡ୍ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏଥିସହ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ରେ ପ୍ରଥମ ଖେଳାଳି ଭାବେ ୧୦ଥର ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ୨ୟ ମ୍ୟାଚ୍ ଜୁଲାଇ ୩ରୁ ଆରମ୍ଭ ହେବ।

### କମିନ୍ସଙ୍କ କୀର୍ତ୍ତିମାନ

ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଏହି ଟେଷ୍ଟର ପ୍ରଥମ ପାଳିରେ ୱେଷ୍ଟଇଣ୍ଡିଜ ଅଧିନାୟକ ରୋଷ୍ଟନ ଚେଜ୍‌ଙ୍କୁ ୪୪ ରନରେ ଆଉଟ୍ କରିଥିଲେ। ଏଥିସହ ସେ ବିଶ୍ୱର ପ୍ରଥମ ଅଧିନାୟକ ଭାବେ ଟେଷ୍ଟ ଖେଳୁଥିବା ସମସ୍ତ ୧୦ ଦେଶର ଅଧିନାୟକଙ୍କୁ ଆଉଟ୍ କରିବାର ରେକର୍ଡ କରିଛନ୍ତି। ପୂର୍ବରୁ ଭାରତର ରୋହିତ୍ ଶର୍ମା ୬ଥର, ଦକ୍ଷିଣ ଆଫ୍ରିକାର ଡିନ୍ ଏଲ୍‌ଗାର, ଇଂଲଣ୍ଡର ବେନ୍ ଷ୍ଟୋକ୍ସ, ତେମ୍ବା ବଭୁମା, ୱେଷ୍ଟଇଣ୍ଡିଜର କ୍ରେଗ୍ ବ୍ରାଥୱେଟ୍ ୩ଥର ଲେଖାଏ କମିନ୍ସଙ୍କ ଶିକାର ବନିଛନ୍ତି। ସେହିଭଳି ଟିମ୍ ସୌଦୀ, ଜୋ ରୁଟ୍, ଶାନ ମାସୁଦ, ଯଶପ୍ରୀତ୍ ବୁମ୍‌ରା, ଓ ରୋଷ୍ଟନ ଚେଜ୍ ମଧ୍ୟ ନିଜ ଦେଶର ନେତୃତ୍ୱ ନେଉଥିବାବେଳେ କମିନ୍ସଙ୍କ ବଲରେ ଆଉଟ୍ ହୋଇଥିଲେ। ଅପରପକ୍ଷରେ ଅଷ୍ଟ୍ରେଲିଆ ଅଧିନାୟକ ଭାବେ ଟେଷ୍ଟରେ ସର୍ବାଧିକ ୱିକେଟ୍ ନେବାର ରେକର୍ଡ ମଧ୍ୟ କମିନ୍ସଙ୍କ ନାମରେ ଲିପିବଦ୍ଧ ହୋଇଛି। କମିନ୍ସ ଅଧିନାୟକ ଭାବେ ଟେଷ୍ଟରେ ୧୪୦ ୱିକେଟ୍ ନେଇ ରିଚି ବେନର୍ଡ (୧୩୮)ଙ୍କୁ ପଛରେ ପକାଇଛନ୍ତି।

ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶର ପାଳି ପରାଜୟ

# ସିରିଜ୍ ଜିତିଲା ଶ୍ରୀଲଙ୍କା




କଲମ୍ବୋ, ୨୮ ।୬ (ଏଜେନ୍ସି): ବାମହାତୀ ସ୍ପିନ ବୋଲର୍ ପ୍ରବାଥ ଜୟସୂରିଆଙ୍କ ୫ ୱିକେଟ୍ ସଫଳତା ବଳରେ ଘରୋଇ ଶ୍ରୀଲଙ୍କା ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୨ୟ ଟେଷ୍ଟରେ ଏକ ପାଳି ଓ ୭୮ ରନରେ ବାଂଲାଦେଶକୁ ପରାସ୍ତ କରିଛି। ଫଳରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ଶ୍ରୀଲଙ୍କା ୧-୦ରେ ଜିତିନେଇଛି। ପୂର୍ବରୁ ଗଲ୍‌ରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚ୍ ଅମୀମାଂସିତ ରହିଥିଲା।

ଏହି ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ବାଂଲାଦେଶ ପ୍ରଥମ ପାଳିରେ ୨୪୭ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଶ୍ରୀଲଙ୍କା ଓପନର୍ ପାଥୁମ ନିଶାଙ୍କା’ଙ୍କ ୧୫୮ ରନର ମାରାଥନ ଶତକୀୟ ପାଳି ବଳରେ ୪୫୮ ରନରେ ପ୍ରଥମ ପାଳି ସୀମିତ ରଖିଥିଲା। ବାଂଲାଦେଶର ତାଇଜୁଲ ଇସଲାମଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା। ଏହାପରେ ୨୧୧ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ବାଂଲାଦେଶ ଶୁକ୍ରବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୬ ୱିକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ଶନିବାର ୪ର୍ଥ ଦିବସରେ ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ବାଂଲାଦେଶ ଆଉ ୧୮ ରନ ଯୋଡ଼ି ୧୩୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ଶ୍ରୀଲଙ୍କା ଏକ ପାଳି ଓ ୭୮ ରନରେ ସହଜସାଧ୍ୟ ବିଜୟ ଲାଭ କରିଥିଲା। ବାଂଲାଦେଶ ପକ୍ଷରୁ ଦ୍ୱିତୀୟ ପାଳିରେ ମୁସଫିକର ରହିମ ସର୍ବାଧିକ ୨୬, ମେହଦୀ ହାସନ ମିରାଜ ୧୧, ଲିଟନ ଦାସ ୧୪, ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ଓ ଏନାମୁଲ୍ ହକ୍ ୧୯ ରନ ଲେଖାଏ କରିଥିଲେ। ବୋଲିଂରେ ଶ୍ରୀଲଙ୍କାର ପ୍ରବଥା ଜୟସୂରିଆ ୫୬ ରନ ବ୍ୟୟରେ ବାଂଲାଦେଶର ୫ ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଟେଷ୍ଟ କ୍ରିକେଟ୍‌ରେ ଏହା ତାଙ୍କର ୧୨ତମ ୫ ୱିକେଟ୍ ସଫଳତା। ପାଥୁମ ନିଶାଙ୍କା ମ୍ୟାଚ୍ ଓ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦୁଇଦେଶ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଏକଦିବସୀୟ ସିରିଜ ବୁଧବାରଠାରୁ ଆରମ୍ଭ ହେବ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS